# ମୋ ଜୀବନ କାହାଣୀ

ଆସନ୍ତୁ ଆମେମାନେ ଅଳ୍ପ ସମୟ ପ୍ରାର୍ଥନା ହେତୁ ନିଜର ମସ୍ତକଗୁଡ଼ିକୁ ନତ କରିବା ।

ଆମମାନଙ୍କର ଅନୁଗ୍ରହକାରୀ ସ୍ୱର୍ଗସ୍ଥ ପିତା, ଏହା ପ୍ରକୃତରେ ସୌଭାଗ୍ୟାର ବିଷୟ ଅଟେ ଯେ ଆମେ ତୁମ ପାଖକୁ, ଯିଏକି ଆମର ପରମେଶ୍ୱର ଏବଂ ତ୍ରାଣକର୍ତ୍ତା ଅଟନ୍ତି, ଆସିପାରୁଛୁ । ଏହି ଅତି ଉତ୍ତମ ଗୀତକୁ ଶୁଣିବା, *ତୁମେ ଯେ କେତେ ମହାନ୍*, ଏହା ଆମକୁ ଉତ୍ସାହିତ କରେ କାରଣ ଆମେ ଜାଣୁ ଯେ ତୁମେ ମହାନ ଅଟ । ଆଉ ଆମେ ପ୍ରାର୍ଥନା କରୁଛୁ ଯେ ତୁମର ମହାନତା ଆଜି ଅପରାହ୍ନରେ, ଯେତେବେଳେ ଆମେମାନେ କଥା କହିବୁ, ଆମ ପ୍ରତି ନୂତନଭାବେ ପ୍ରକଟିତ ହେବ । ଆଉ ଅନେକ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏହା ମୋହର ପାଳି ପଡ଼ିଛି, ଯେ ଜୀବନର ଅତୀତକୁ ଫେରିଯିବାକୁ ଚେଷ୍ଟା କରିବା, ଏବଂ ମୁଁ ପ୍ରାର୍ଥନା କରେ ଯେ ତୁମେ ମୋତେ ଶକ୍ତି ଦେବ ଓ—ଓ ପ୍ରଭୁ, ଏହି ଘଟିକାରେ ରହିବା ପାଇଁ ଯାହାକିଛି ପ୍ରୟୋଜନ, ତାହା ପ୍ରଦାନ କରିବ । ଏବଂ ଏହା ହେଉ ଯେ ମୋ ଜୀବନରେ ସମସ୍ତ ତ୍ରୁଟି କେବଳ ଅନ୍ୟମାନଙ୍କ ପାଇଁ ଏକ ପାହାଚ-ପଥର ହେଉ, ଯାହାକି ସେମାନଙ୍କୁ ତୁମର ନିକଟବର୍ତ୍ତୀ ନେଇକି ଆସିବ । ପ୍ରଭୁ, ଏହା ପ୍ରଦାନ କର । ଏହା ହେଉ ଯେ ପାପୀମାନେ ସମୟର ବାଲି ଉପରେ ପଦଚିହ୍ନମାନ ଦେଖିପାରନ୍ତି, ଓ ସେମାନେ ତୁମ ନିକଟକୁ କଢ଼ାଇ ନିଆଯାଆନ୍ତି । ଏହି ବିଷୟଗୁଡ଼ିକୁ ଆମେ ପ୍ରଭୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

ଆପଣମାନେ ବସି ଯାଇପାରନ୍ତି ।

2 [ଭାଇ ଗ୍ଲୋଭର କୁହନ୍ତି, "କଅଣ ଆପଣ ଆରମ୍ଭ କରିବା ପୂର୍ବରୁ ଏହି ରୁମାଲଗୁଡ଼ିକ ପାଇଁ ପ୍ରାର୍ଥନା କରିପାରିବେ କି?"—ଅନୁ ।] ମୁଁ ଆନନ୍ଦିତ ହେବି । ["ସେଠାରେ ପ୍ରାର୍ଥନା କରାଯିବା ହେତୁ *ସେମାନେ* ଓ *ଏମାନେ* ଅଛନ୍ତି ।"] ଠିକ୍ ଅଛି, ଆଜ୍ଞା, ଧନ୍ୟବାଦ । ଯେତେବେଳେ ଏହି ସାଧୁ ବ୍ୟକ୍ତି, ଭାଇ ଗ୍ଲୋଭର, ଯାହାଙ୍କୁ ମୁଁ ବର୍ତ୍ତମାନ କିଛି ବର୍ଷ ହେବ ଜାଣିଅଛି, ତାହାଙ୍କ ସହିତ ଗତ ସନ୍ଧ୍ୟାରେ କିଛି ସମୟ ରହିବାର ସୌଭାଗ୍ୟ ପାଇଥିଲି । ଏବଂ ସେ ମୋତେ କହିଛନ୍ତି… ସେ ଅଳ୍ପ କେତେ ସମୟ ହେଲା ବିଶ୍ରାମ ନିମନ୍ତେ, ଶୋଇ ରହିଥିଲେ । ଏବଂ ବର୍ତ୍ତମାନ, ପଞ୍ଚ-ସତୁରି ବର୍ଷ ବୟସରେ, ସେ ପ୍ରଭୁଙ୍କର ସେବାକୁ ଫେରୁଛନ୍ତି । ମୁଁ ତାହା ଶୁଣିବା ପୂର୍ବରୁ ଯେତିକି ଥକି ଯାଇଥିଲି, ତାହାଠାରୁ ଅଧା ବି ମୁଁ କ୍ଳାନ୍ତ ନୁହେଁ । ମୁଁ ଭାବିଲି ମୁଁ ଥକି ଯାଇଛି, ମାତ୍ର ମୁଁ—ମୁଁ ବିଶ୍ୱାସ କରେ ନାହିଁ ଯେ ମୁଁ ଅଟେ । ସେ ଏଠାରେ ମୋ ସମ୍ମୁଖରେ ଲିଫାଫା ରୂପରେ—ରୂପରେ ଏବଂ ଅନ୍ୟାନ୍ୟ ପ୍ରଭୃତି ରୂପେ, କିଛି ରୁମାଲମାନ ରଖିଛନ୍ତି, ଯେଉଁଠାରେକି ତାହାସବୁ ଭିତରେ ଅଛି ଏବଂ ପୂର୍ବରୁ ସମର୍ଥନ କରା ହୋଇଛି ।

3 ତେବେ, କେହି ଯଦି ଆପଣମାନଙ୍କ ମଧ୍ୟରୁ ରେଡିଓ ମାଧ୍ୟମରେ ଅଛନ୍ତି, କିମ୍ବା ଏଠାରେ ଅଛନ୍ତି, ଯିଏକି ଏହି ରୁମାଲଗୁଡ଼ିକ ମଧ୍ୟରୁ ଗୋଟିଏ ଇଚ୍ଛା କରନ୍ତି, ଏବଂ ଆପଣ

ଚାହାଁନ୍ତି...ଆଞ୍ଜେଲସ୍ ମନ୍ଦିର ନିରନ୍ତର ଭାବରେ ସେମାନଙ୍କୁ ସବୁ ସମୟରେ, ପଠାଇଥାଏ। ଆପଣ ଠିକ୍ ଏଠାରେ ଆଞ୍ଜେଲସ୍ ମନ୍ଦିରକୁ ଲେଖିପାରିବେ ଆଉ ସେମାନେ ତାହା ପାଇଁ ପ୍ରାର୍ଥନା କରିବେ, କାରଣ ମୁଁ ଆପଣଙ୍କୁ ସୁନିଶ୍ଚିତ କରାଇବି ଯେ ଏହା ଶାସ୍ତ୍ରାଂଶ ଅଟେ। ଏହା ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା ଅଟେ।

4 ଏବଂ ଯଦି ଏହା ହେବ ଯେ ଆପଣ ଚାହାଁନ୍ତି ଯେ ମୁଁ ଆପଣଙ୍କ ନିମନ୍ତେ ଏକ ପ୍ରାର୍ଥନା କରେ, କାହିଁକି, ମୁଁ ତାହା କରିବା ହେତୁ ଆନନ୍ଦିତ ହେବି। ଆପଣ ମୋତେ କେବଳ ଲେଖିବେ ପୋଷ୍ଟ ଅଫିସ୍ ବକ୍ସ 3-2-5, 325, ଜେଫରସନଭିଲ, ଜେ-ଫ-ର-ସ-ନ-ଭି, ଲ ବନାନ କରାଯାଏ। ଜେଫର୍ସନଭିଲେ, ଇଣ୍ଡିୟାନା। କିମ୍ବା ଯଦି ଆପଣ ପୋଷ୍ଟ ଅଫିସ୍ ବକ୍ସ ବିଷୟରେ ଚିନ୍ତା କରି ନ ପାରିବେ, କେବଳ "ଜେଫର୍ସନଭିଲେ" ଲେଖି ଦେବେ। ଏହା ଏକ ଛୋଟ ସହର ଅଟେ, ଜନସଂଖ୍ୟା ପ୍ରାୟଃ ପଇଁ-ତିରିଶ ହଜାର। ସେଠାରେ ସମସ୍ତେ ମୋତେ ଜାଣନ୍ତି। ଆଉ ତେଣୁକରି ଆମେମାନେ ଏକ ରୁମାଲ ଉପରେ ପ୍ରାର୍ଥନା କରି ଆପଣଙ୍କ ନିକଟକୁ ପଠାଇବୁ ଖୁସି ହେବୁ।

5 ଆଉ, ବର୍ତ୍ତମାନ, ଆମକୁ ଏହା କରିବାରେ ବହୁତ ବଡ଼ ବଡ଼ ସଫଳତା ମିଳିଛି, କାରଣ... ଏହା ସହିତ ଆପଣଙ୍କୁ ଏକ ଛୋଟ ଫର୍ମ ଚିଠି ମିଳିବ, ଯେ ସମଗ୍ର ବିଶ୍ୱର ଲୋକମାନେ ପ୍ରତିଦିନ ସକାଳ ନଅଟାରେ, ଏବଂ ବାର ଘଟିକାରେ, ପୁଣି ତିନିଟା ବେଳେ ପ୍ରାର୍ଥନା କରନ୍ତି। ଏବଂ ଆପଣ କଳ୍ପନା କରିପାରନ୍ତି, ଯେ ସମଗ୍ର ବିଶ୍ୱର ପଛରେ, ଏହି ପ୍ରାର୍ଥନା କରିବା ପାଇଁ ସେମାନଙ୍କୁ ରାତ୍ରିର କେଉଁ ସମୟରେ ଉଠିବାକୁ ପଡୁଥିବ। ତେଣୁ ଯଦି ଏହି ସମସ୍ତ ହଜାର ହଜାର, ଏବଂ ହଜାର ଗୁଣ ହଜାର ଲୋକମାନେ, ଏହି ସେବାକାର୍ଯ୍ୟ ନିମନ୍ତେ ସେହି ଏକା ସମୟରେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ପଠାଉଅଛନ୍ତି, ତାହାହେଲେ ଆପଣଙ୍କର ଅସୁସ୍ଥତା, ପରମେଶ୍ୱର ତାହା ଏଡ଼ାଇ ଦେଇପାରନ୍ତି ହିଁ ନାହିଁ। ଏବଂ ତେଣୁକରି ବର୍ତ୍ତମାନ ଆମେ, ମୁଁ ଯେପରି କହୁଛି, ଆମର କୌଣସି କାର୍ଯ୍ୟକ୍ରମ ନାହିଁ, ଆମେ ଗୋଟିଏ ପଇସାର ଧନ ଚାହୁଁନାହୁଁ। ଆମେ ତ କେବଳ...ଯଦି ଆମେ ଆପଣଙ୍କୁ ସାହାଯ୍ୟ କରିପାରୁ, ତାହା ପାଇଁ ତ ଆମେ ଏଠାରେ ଅଛୁ। ଏବଂ ଆସନ୍ତୁ...

କେହି ଜଣେ ରୁମାଲର ଆଉ ଏକ ପୁଟୁଳି ଆଣୁଛନ୍ତି।

6 ବର୍ତ୍ତମାନ, ଯଦି ଆପଣଙ୍କ ପାଖରେ ଏକ ରୁମାଲ ନାହିଁ ଯାହାକି ଆପଣ ପଠାଇବାକୁ ଚାହୁଁଛନ୍ତି, ତେବେ, ତାହାହେଲେ ଆପଣ ଯେକୌଣସି ପ୍ରକାରେ, ବି ଲେଖନ୍ତୁ। ଯଦି ଆପଣଙ୍କୁ ତାହା ବର୍ତ୍ତମାନ ଆବଶ୍ୟକ ନାହିଁ, ତେବେ ଏହାକୁ ବାଇବଲରେ, ପ୍ରେରିତ କ୍ରିୟା ପୁସ୍ତକରେ, 19 ତମ ପର୍ବରେ ରଖନ୍ତୁ। ଆଉ ଏହା ଏକ ଛୋଟ ଧଳା ରିବନର ଏକ ରୂପରେ ହେବ ଯାହାକି ଆପଣଙ୍କୁ ପଠାଯିବ, ଏବଂ ନିର୍ଦ୍ଦେଶମାନ ଥିବ ଯେ ପ୍ରଥମେ କିପରି ନିଜର ପାପ ସ୍ୱୀକାର କରିବେ। ଏବଂ (ଧନ୍ୟବାଦ) କିପରି ନିଜର ପାପ ସ୍ୱୀକାର କରିବ। ପ୍ରଥମେ ପରମେଶ୍ୱରଙ୍କ ସହିତ ସଠିକ୍ ନ ହେବା ପର୍ଯ୍ୟନ୍ତ ଆପଣଙ୍କୁ କଦାପି ପରମେଶ୍ୱରଙ୍କଠାରୁ

କିଛି ପାଇବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ। ବୁଝିଲେ? ଏବଂ ତାହାପରେ ଆପଣଙ୍କୁ ଏଥିରେ ନିଜର ପଡ଼ୋଶୀମାନଙ୍କୁ, ଏବଂ ନିଜର ପାଳକଙ୍କୁ ଡାକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆପଣଙ୍କ ହୃଦୟରେ କାହାରି ବିରୁଦ୍ଧରେ କିଛି ଅଛି, ତାହାହେଲେ ଯାଇ ପ୍ରଥମେ ଏହାକୁ ଠିକ୍ କର, ଆଉ ଫେରି ଆସ। ଆଉ ତାହାପରେ ପ୍ରାର୍ଥନା କର, ନିଜ ଘରେ ଏକ ପ୍ରାର୍ଥନା ସଭା କର, ଏବଂ ଏହି ରୁମାଲକୁ ନିଜର ଆନ୍ତରିକ ପୋଷାକରେ ପିନ୍ ଦ୍ୱାରା କଷିଦେବେ, ତାହାପରେ ପରମେଶ୍ୱରଙ୍କୁ ବିଶ୍ୱାସ କରିବେ। ଏବଂ ଠିକ୍ ସେହି ତିନୋଟି ଘଟିକାରେ, ପ୍ରତ୍ୟେକ ଦିନ, ସମଗ୍ର ବିଶ୍ୱରେ ଲୋକମାନେ ପ୍ରାର୍ଥନା କରୁଥିବେ, ସମଗ୍ର ବିଶ୍ୱରେ ଏକ ଶୃଙ୍ଖଳା ଭାବେ।

7 ଏବଂ ବର୍ତ୍ତମାନ ଏହା ଆପଣଙ୍କର ଅଟେ, ସମ୍ପୂର୍ଣ୍ଣ ମାଗଣା, କେବଳ ପଠାନ୍ତୁ। ଏବଂ—ଏବଂ, ବର୍ତ୍ତମାନ, ଆମେ ଆପଣଙ୍କୁ ଟଙ୍କା ମାଗିବା ପାଇଁ କିମ୍ବା ଆମ ପାଖରେ ଥିବା କୌଣସି କାର୍ଯ୍ୟକ୍ରମକୁ ଆପଣଙ୍କୁ କହିବା ପାଇଁ ପୁନର୍ବାର ଲେଖିବୁ ନାହିଁ। ଆମେ ଚାହୁଁଛୁ ଯେ ଆପଣ କାର୍ଯ୍ୟକ୍ରମକୁ ସମର୍ଥନ କରନ୍ତୁ, ମାତ୍ର ଆମ ପାଖରେ ଆପଣଙ୍କ ନିମନ୍ତେ ସମର୍ଥନ କରିବାକୁ କିଛି ନାହିଁ—ନାହିଁ। ବୁଝିଲେ? ଏଣୁ ଆପଣ...ଏହା ଆପଣଙ୍କର ଠିକଣା ପାଇବା ପାଇଁ ନୁହେଁ, ଏହା ତ କେବଳ ସଂଗ୍ରହ କରିବା ଏବଂ ପ୍ରଭୁଙ୍କର ଏକ ସେବାକାର୍ଯ୍ୟ ଅଟେ, ଯାହାକି ଆମେ ଜାରି ରଖିବାକୁ ଚେଷ୍ଟା କରୁଛୁ।

8 ତେବେ, ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡ଼ିକୁ ନତ କରିବା। ଏବଂ ଯଦି ଆପଣ ରେଡିଓ ମାଧ୍ୟମରେ ଅଛନ୍ତି, ନିଜର ରୁମାଲକୁ ସେଠାରେ ରଖନ୍ତୁ, ତାହା ଉପରେ କେବଳ ନିଜର ହାତକୁ ରଖନ୍ତୁ ଯେତେବେଳେ ଆମେ ପ୍ରାର୍ଥନା କରୁ।

9 ଅନୁଗ୍ରହକାରୀ ପ୍ରଭୁ, ଆମେ ତୁମ ନିକଟକୁ ଏହି ଛୋଟ ପାର୍ସଲଗୁଡ଼ିକୁ ଆଣୁଅଛୁ, ବୋଧହୁଏ ସେଗୁଡ଼ିକ ମଧ୍ୟରୁ କେତେକ ଶିଶୁମାନଙ୍କ ପାଇଁ ଛୋଟ ପୋଷାକ ପରି ଦେଖାଯାଏ, କିମ୍ବା—କିମ୍ବା କିଛି ଗୋଟାଏ ଛୋଟ ଆନ୍ତରିକ ଜାମା ପରି, କିଅବା ବୋଧହୁଏ ଶିଶୁର ଗୋଟିଏ ଯୋଡ଼ି ଛୋଟ ଯୋତା, କିମ୍ବା—କିମ୍ବା କିଛି, ଗୋଟିଏ ରୁମାଲ, ଯାହାକି ଅସୁସ୍ଥ ଏବଂ ପୀଡ଼ିତ ଲୋକମାନଙ୍କ ନିକଟକୁ ଯାଉଛି। ପ୍ରଭୁ, ଏହା ତୁମର ବାକ୍ୟ ଅନୁଯାୟୀ ଅଟେ ଯେ ଆମେ ଏହା କରୁଅଛୁ। କାରଣ ଆମେ ପାଠ କରିଛୁ, ଯେ ପ୍ରେରିତ କ୍ରିୟା ପୁସ୍ତକରେ, ସେମାନେ ତୁମର ଦାସ, ପାଉଲଙ୍କ ଦେହରୁ, ରୁମାଲ ଏବଂ ଅଙ୍ଗରଖାମାନ ନେଇଥିଲେ, କାରଣ ସେମାନେ ବିଶ୍ୱାସ କରୁଥିଲେ ଯେ ତୁମର ଆତ୍ମା ସେହି ବ୍ୟକ୍ତିଙ୍କ ଉପରେ ଥିଲା। ଏବଂ ଅଶୁଚି ଆତ୍ମାମାନ ଲୋକମାନଙ୍କ ଭିତରୁ ବାହାରି ଯାଉଥିଲା, ଏବଂ ଦୁଃଖ ଓ ରୋଗମାନ ସେମାନଙ୍କୁ ଛାଡ଼ି ଚାଲି ଯାଉଥିଲା, କାରଣ ସେମାନେ ବିଶ୍ୱାସ କରୁଥିଲେ। ଏବଂ ବର୍ତ୍ତମାନ ଆମେ ହୃଦୟଙ୍ଗମ କରୁ, ଯେ ପ୍ରଭୁ, ଆମେ ସାଧୁ ପାଉଲ ନୋହୁଁ, ମାତ୍ର ଆମେ ଜାଣୁ ଯେ ତୁମେ ଏବେ ସୁଦ୍ଧା ଯୀଶୁ ଅଟ। ଆଉ ଆମେ ପ୍ରାର୍ଥନା କରୁ ଯେ ତୁମେ ଏହି ଲୋକମାନଙ୍କର ବିଶ୍ୱାସକୁ ସମ୍ମାନିତ କରିବେ।

10 ଆଉ ଏହା କୁହାଯାଇଥିଲା ଯେ ଥରେ ଯେତେବେଳେ ଇସ୍ରାଏଲ, ପରମେଶ୍ୱରଙ୍କ ଆଜ୍ଞାପାଳନ କରିବାକୁ ଚେଷ୍ଟା କରି, ଏକ ଜାଲରେ ପଡ଼ିଲା, ସେମାନଙ୍କ ସମ୍ମୁଖରେ ସମୁଦ୍ର ଥିଲା, ଉଭୟ ପାର୍ଶ୍ୱରେ ପର୍ବତ ରହିଥିଲା, ଏବଂ ଫାରୋଙ୍କର ସୈନ୍ୟବାହିନୀ ପାଖେଇ ଆସୁଥିଲା । ଆଉ ଜଣେ କହିଛନ୍ତି, ଯେ "ପରମେଶ୍ୱର କ୍ରୋଧିତ ଆଖିରେ, ସେହି ଅଗ୍ନିସ୍ତମ୍ଭ ଦେଇ ତଳକୁ ଚାହିଁଲେ, ଆଉ ସେହି ସମୁଦ୍ର ଭୟଭୀତ ହୋଇ ନିଜକୁ ପଛକୁ ଘୁରେଇ ନେଲା, ଏବଂ ଇସ୍ରାଏଲ ପାଇଁ ପ୍ରତିଜ୍ଞାତ ଦେଶକୁ ଯିବା ନିମନ୍ତେ ଏକ ମାର୍ଗ ପ୍ରସ୍ତୁତ କଲା ।"

11 ହେ ପ୍ରଭୁ, ପୁନର୍ବାର ତଳକୁ ଦେଖ, ଯେତେବେଳେ ତୁମର ଜୀବନ୍ତ ବାକ୍ୟର ସ୍ମୃତିରେ ଏହି ପାର୍ସଲଗୁଡ଼ିକ ଅସୁସ୍ଥ ଶରୀର ଉପରେ ରଖାଯାଏ । ଏବଂ ଏହା ହେଉ ଯେ ସେହି ରୋଗ ଭୟଭୀତ ହେଉ, ତୁମର ପୁତ୍ର ଯୀଶୁଙ୍କ, ରକ୍ତ ଦେଇ ଦେଖ, ଯିଏକି ଏହି ପ୍ରାୟଶ୍ଚିତ ପାଇଁ ମରିଥିଲେ । ଆଉ ଶତ୍ରୁ ଭୟଭୀତ ହୋଇ ଦୂରକୁ ଚାଲିଯାଉ, ଯେପରିକି ଏହି ଲୋକମାନେ ପ୍ରତିଜ୍ଞା ମଧ୍ୟକୁ ଯାଇପାରନ୍ତି, ଯେ "ସମସ୍ତ ବିଷୟଗୁଡ଼ିକ ଉପରେ," ଏହା ତୁମର ଇଚ୍ଛା ଅଟେ ଯେ "ଆମେ ସ୍ୱାସ୍ଥ୍ୟରେ ଉନ୍ନତି କରୁ ।" ପିତା, ଏହା ପ୍ରଦାନ କର, କାରଣ ଆମେ ଏହାକୁ ଆମ ହୃଦୟରେ ସେହି—ସେହି ମନୋଭାବ ସହିତ ପଠାଉ । ଏବଂ ତାହାହିଁ ହେଉଛି ଆମର ଉଦ୍ଦେଶ୍ୟ । ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପଠାଉ । ଆମେନ୍ ।

ଧନ୍ୟବାଦ, ଭାଇ ଗ୍ଲୋଭର । ଧନ୍ୟବାଦ, ମହାଶୟ ।

12 ତେବେ, ଆଜିରାତ୍ରି ସେହି ଉଦ୍ଦୀପନାର ଏହି ଅଂଶର ସମାପ୍ତି ହୋଇଥିବା ହେତୁ, ମୁଁ ଜାଣେ ନାହିଁ ଯେ ଏହା ପ୍ରସାରିତ ହେବ କି ନାହିଁ, ମାତ୍ର ମୁଁ ରେଡିଓ ଶ୍ରୋତାବୃନ୍ଦଙ୍କୁ (ଯଦିଓ ନୁହେଁ) କହିବା ପାଇଁ ଚାହେଁ, ଯେ ବହୁ ବର୍ଷ, ବର୍ଷ ଧରି କରିଥିବା ମୋହର ସର୍ବୋତ୍ତମ ସଭାଗୁଡ଼ିକ ମଧ୍ୟରୁ ଏହା ହେଉଛି ଅନ୍ୟତମ । ଏହା ଏକ ଦୃଢ଼, ଉତ୍ତମ, ସବୁଠାରୁ ପ୍ରିୟ, ସହଯୋଗୀ ସଭା ଅଟେ ଯେଉଁଠାକୁ କି ମୁଁ ଦୀର୍ଘ ଦିନ ପରେ ଆସିଛି ।

13 [ଜଣେ ଭାଇ କୁହନ୍ତି, "ଭାଇ, ଆମେ ଚାରିଟା ପନ୍ଦର ଯାଏଁ ରେଡିଓ ପ୍ରସାରଣରେ ଅଛୁ । ଏବଂ ସେମାନେ ଆପଣଙ୍କୁ, ସମଗ୍ର ଦକ୍ଷିଣ କାଲିଫର୍ନିଆରୁ, ସମସ୍ତ ଦ୍ୱୀପପୁଞ୍ଜରୁ, ଏବଂ ଜାହାଜରେ ଶୁଣୁଛନ୍ତି । ଆମେ ସେମାନଙ୍କଠାରୁ ବାର୍ତ୍ତା ପାଉଅଛୁ । ଆଉ ତେଣୁକରି ଆପଣଙ୍କର ଏକ ବୃହତ ଶ୍ରୋତାବୃନ୍ଦ ରହିଛି, ହଜାର ହଜାର ଏବଂ ଦଶ ହଜାର ।"—ଅନୁ ।] ଧନ୍ୟବାଦ, ମହାଶୟ । ତାହା ବହୁତ ଭଲ ଅଟେ । ଏହା ଶୁଣି ଖୁସି ଲାଗିଲା । ପରମେଶ୍ୱର ଆପଣ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

14 ଆଉ ନିଶ୍ଚିତରେ ମୋହର ହୃଦୟରେ ସର୍ବଦା ଆଞ୍ଜେଲସ୍ ମନ୍ଦିର ପାଇଁ ଏକ ପ୍ରିୟତମ ସ୍ଥାନ ରହିଥିବ, ଯେହେତୁ ଯୀଶୁ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ସୁସମାଚାର ନିମନ୍ତେ ତାହାର ପକ୍ଷ ନେଇଥିବା ହେତୁରୁ । ଆଉ, ବର୍ତ୍ତମାନ, ଏହା—ଏହା ତେବେ ମୋ ପାଇଁ ଅଧିକ ବ୍ୟକ୍ତିଗତ ମନେହୁଏ । ଏହା ଏହିପରି ଲାଗେ, ଯେ ସମସ୍ତଙ୍କୁ ଭେଟିବା ପରେ ଏବଂ ସେମାନଙ୍କର ଉତ୍ତମ ଆତ୍ମା ଦେଖିବା ପରେ, ମୋତେ ଲାଗୁଛି ଯେ ମୁଁ ଆପଣମାନଙ୍କ ମଧ୍ୟରୁ ଆହୁରି ଅଧିକ ଜଣେ

ଅଟେ ଯେତିକି ମୁଁ ଆଗରୁ ଥିଲେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏହା ମୋର ପ୍ରାର୍ଥନା। ଏବଂ...[ଦର୍ଶକବୃନ୍ଦ ପ୍ରଶଂସା କରନ୍ତି—ଅନୁ।] ଦୟାକରି, ଧନ୍ୟବାଦ।

15 ତେବେ, ଏହା ଦିଆଗଲା ଯେ ଆଜି ମୁଁ ଆପଣଙ୍କ ସହିତ କିଛି ସମୟ ଏହି ବିଷୟ ଉପରେ କଥା ହେବାକୁ ଯାଉଅଛି: *ମୋ ଜୀବନ କାହାଣୀ।* ତାହା ମୋ ପାଇଁ ଏକ—ଏକ କଠିନ ବିଷୟ ଅଟେ। ଅନେକ ବର୍ଷ ହେବ ମୁଁ ଏହାକୁ ପ୍ରଥମ ଥର ପାଇଁ ସେହି ଦୃଷ୍ଟିରୁ କହିବାକୁ ଚେଷ୍ଟା କରିଛି। ଆଉ ସବିଶେଷ ତଥ୍ୟ ଦେବା ପାଇଁ ମୋ ପାଖରେ ସମୟ ନାହିଁ, ମାତ୍ର କେବଳ ଏକ ଅଂଶ ମାତ୍ର। ଏବଂ, ଏଠାରେ, ମୁଁ ଅନେକ ଭୁଲ୍ କରିଛି, ଏପରି ଅନେକ ବିଷୟ ଅଛି ଯାହା ଭୁଲ୍ ଥିଲା। ଏବଂ ମୁଁ ଇଚ୍ଛା କରିବି, ଯେ ଆପଣ ରେଡିଓ ପ୍ରସାରଣରେ ଥିବା ଲୋକମାନେ ଏବଂ ଆପଣ ଯେଉଁମାନେକି ଉପସ୍ଥିତ ଅଛନ୍ତି, ଆପଣମାନେ ମୋର ଭୁଲଗୁଡ଼ିକୁ ଝୁଣ୍ଟିବା-ପଥର ହେତୁ ନେବେ ନାହିଁ, ବରଂ ପ୍ରଭୁ ଯୀଶୁଙ୍କ ନିକଟତରକୁ ନେଇଯିବା ପାଇଁ ପାହାଚ-ପଥର ଭାବରେ ନେବେ।

16 ତାହାପରେ, ଆଜି ରାତ୍ରିରେ, ସୁସ୍ଥତା ନିମନ୍ତେ ପ୍ରାର୍ଥନା ସେବା ପାଇଁ ପ୍ରାର୍ଥନା କାର୍ଡଗୁଡ଼ିକ ଦିଆଯିବାକୁ ଅଛି। ତେବେ, ଯେତେବେଳେ ଆମେ *ସୁସ୍ଥତା ନିମନ୍ତେ ପ୍ରାର୍ଥନା ସେବା* ବିଷୟରେ କହୁ, ଏହାର ଅର୍ଥ ନୁହେଁ ଯେ ଆମେ କାହାରିକୁ ସୁସ୍ଥ କରିବାକୁ ଯାଉଛୁ, ଆମେ "କାହାରି ପାଇଁ ପ୍ରାର୍ଥନା" କରିବାକୁ ଯାଉଛୁ। ପରମେଶ୍ୱର ଆରୋଗ୍ୟ କରନ୍ତି। ସେ ପ୍ରାର୍ଥନାର ଉତ୍ତର ଦେବା ନିମନ୍ତେ, ମୋ ପ୍ରତି ଅତ୍ୟନ୍ତ ଅନୁଗ୍ରହକାରୀ ଅଟନ୍ତି।

17 ଆଉ ମୁଁ କିଛି ସମୟ ପୂର୍ବରୁ ଏଠାରେ, ଜଣେ ପ୍ରସିଦ୍ଧ ସୁସମାଚାର ପ୍ରଚାରକର ପ୍ରବନ୍ଧକଙ୍କ ସହିତ କଥାବାର୍ତ୍ତା କରୁଥିଲି, ଏବଂ—ଏବଂ ଏହା ପଚରାଗଲା ଯେ ଏହି ସୁସମାଚାର ପ୍ରଚାରକ ରୋଗୀମାନଙ୍କ ପାଇଁ କାହିଁକି ପ୍ରାର୍ଥନା କରନ୍ତି ନାହିଁ? ଆଉ ସେହି ସୁସମାଚାର ପ୍ରଚାରକ ମୋହର ସଭାଗୁଡ଼ିକର ପ୍ରବନ୍ଧକକୁ—କୁ ପ୍ରତ୍ୟୁତ୍ତର ଦେଲେ, କହିଲେ, "ଯଦି..." ଏହି ସୁସମାଚାର ପ୍ରଚାରକ ଦିବ୍ୟ ସୁସ୍ଥତାରେ ବିଶ୍ୱାସ କରନ୍ତି। ମାତ୍ର ଯଦି ସେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିବେ, ତେବେ ଏହା ତାଙ୍କର ସେବାରେ ବାଧା ସୃଷ୍ଟି କରିବ କାରଣ ସେ ମଣ୍ଡଳୀଗୁଡ଼ିକ ଦ୍ୱାରା ପ୍ରାୟୋଜିତ ଅଟନ୍ତି। ଅନେକ ମଣ୍ଡଳୀମାନ, ଏବଂ ସେମାନଙ୍କ ମଧ୍ୟରୁ ଅନେକେ, ଦିବ୍ୟ ସୁସ୍ଥତାରେ ବିଶ୍ୱାସ କରନ୍ତି ନାହିଁ।

18 ଏଣୁ ମୋର ସେହି ସୁସମାଚାର ପ୍ରଚାରକଙ୍କ ପାଇଁ ସମ୍ମାନ ଏବଂ ଆଦର ରହିଛି କାରଣ ସେ ନିଜର ସ୍ଥାନ, ନିଜର କର୍ତ୍ତବ୍ୟର ପଦ ରକ୍ଷା କରୁଛନ୍ତି। ସେ ବୋଧହୁଏ କରିପାରନ୍ତି...ମୁଁ କଦାପି ତାଙ୍କର ସ୍ଥାନ ନେଇପାରିବି ନାହିଁ, ଏବଂ ସେ ଯେ ମୋର ସ୍ଥାନ ନେଇପାରିବେ ଏଥିରେ ମୋର ସନ୍ଦେହ ଅଟେ। ପରମେଶ୍ୱରଙ୍କ ରାଜ୍ୟରେ ଆମ ସମସ୍ତଙ୍କର ଏକ ସ୍ଥାନ ଅଛି। ଆମେ ସମସ୍ତେ ଏକାଠି ଜଡ଼ିତ ହୋଇଅଛୁ। ବିଭିନ୍ନ ଦାନଗୁଡ଼ିକ, ମାତ୍ର ସମାନ ଆତ୍ମା ଅଟେ। ବିଭିନ୍ନ ପ୍ରକଟୀକରଣମାନ, ମୋର କହିବାର ଅଭିପ୍ରାୟ, ମାତ୍ର ସେହି ସମାନ ଆତ୍ମା ଅଟେ।

19 ଆଉ, ତେବେ, ଆଜି ରାତ୍ରି ସେବା ଆରମ୍ଭ ହେବ…ମୁଁ ଭାବୁଛି ସେମାନେ କହିଛନ୍ତି ଗୀତ ଗାନ ଛଅଟା-ତିରିଶରୁ ଆରମ୍ଭ ହେବ। ଏବଂ, ବର୍ତ୍ତମାନ, ଯଦି ଆପଣ ରେଡିଓ ପ୍ରସାରଣରେ ଅଛନ୍ତି, ତେବେ ଏହା ଶୁଣିବା ପାଇଁ ଆସନ୍ତୁ। ଏହା ଅଟେ…ଏହା ସୁନ୍ଦର ହେବ, ଏହା ସର୍ବଦା ଅଟେ।

20 ଏବଂ ତାହାପରେ ମୁଁ କହିବାକୁ ଚାହେଁ ଯେ ଏହି ସେବା ପରେ ତୁରନ୍ତ ପ୍ରାର୍ଥନା କାର୍ଡଗୁଡ଼ିକ ଦିଆଯିବ, ଏହି ସେବାଟି ବରଖାସ୍ତ ହେବା ମାତ୍ରେ, ଯଦି ଆପଣ ଏଠାରେ ଥାଆନ୍ତି ଏବଂ ଏକ ପ୍ରାର୍ଥନା କାର୍ଡ ଚାହାଁନ୍ତି। ମୋତେ ସେଠାରେ କିଛି ମୁହୂର୍ତ୍ତ ପୂର୍ବରୁ ନିର୍ଦ୍ଦେଶ ଦିଆଗଲା, ମୋ ପୁଅ କିମ୍ବା ଶ୍ରୀ ମର୍ସିଅର୍ କିମ୍ବା ଶ୍ରୀ ଗୋଆଡ୍, ସେମାନେ ପ୍ରାର୍ଥନା କାର୍ଡମାନ ଦେବେ। କେବଳ ନିଜ ସ୍ଥାନରେ ରହିଥାଆନ୍ତୁ। ସେବାଟି ବରଖାସ୍ତ ହେବା ମାତ୍ରେ, କେବଳ ନିଜ ସ୍ଥାନରେ ରହିଥାଆନ୍ତୁ ଯେପରିକି ବାଳକମାନେ ଧାଡ଼ି ମଧ୍ୟରେ ଯାଇପାରିବେ ଏବଂ ପ୍ରାର୍ଥନା କାର୍ଡଗୁଡ଼ିକୁ ଯଥାଶୀଘ୍ର ପ୍ରଦାନ କରିପାରିବେ। ତାହା ବାଲକୋନୀରେ ହେଉ କିମ୍ବା ତଳ ମହଲାରେ ହେଉ, ଯେଉଁଠାରେ ବି ହେଉ, ତାହା ନିମ୍ନସ୍ଥ ମହଲା ହେଉ କିଅବା ଆପଣ ଯେଉଁଠାରେ ବି ଥାଆନ୍ତି, କେବଳ ନିଜର ସ୍ଥାନରେ ରହିଥାଆନ୍ତୁ ଏବଂ ପିଲାମାନେ ଜାଣିଯିବେ ଯେ ଆପଣ ଏଠାରେ ଏକ ପ୍ରାର୍ଥନା କାର୍ଡ ପାଇଁ ଅଛନ୍ତି। ଆଉ ତାହାପରେ ଆଜି ରାତ୍ରି ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା। ଏବଂ ଯଦି ପ୍ରଭୁ ମୋର ଚିନ୍ତାଧାରାକୁ ପରିବର୍ତ୍ତନ ନ କରନ୍ତି, ତାହାହେଲେ ଆଜି ରାତ୍ରି ମୁଁ ଏହି ବିଷୟ ଉପରେ ପ୍ରଚାର କରିବାକୁ ଚାହୁଁଛି, *ଯଦି ତୁମେ ଆମକୁ ପିତାଙ୍କୁ ଦର୍ଶନ କରାଇବ, ଏହା ଆମକୁ ସନ୍ତୁଷ୍ଟ କରିବ।*

21 ତେବେ ମୁଁ *ଜୀବନ କାହାଣୀ*କୁ ଆରମ୍ଭ କରିବା ପାଇଁ, ଆଜି ଅପରାହ୍ନରେ ଏକ ମୂଳପାଠ ହେତୁ ପଢ଼ିବାକୁ ଇଚ୍ଛା କରେ, ଯାହା ଏବ୍ରୀ ପୁସ୍ତକ, 13ଶ ପର୍ବରେ ମିଳେ, ଏବଂ ଆସନ୍ତୁ ଏଠାରେ ଆରମ୍ଭ କରିବା…ମୁଁ 12ଶ ପଦ ବିଷୟରେ କହିବି।

> *ଏଥିସକାଶେ ଯୀଶୁ ମଧ୍ୟ ଆପଣା ରକ୍ତ ଦ୍ୱାରା ଲୋକଙ୍କୁ ପବିତ୍ର କରନ୍ତି, ଏଥିପାଇଁ ନଗରଦ୍ୱାରର ବାହାରେ ମୃତ୍ୟୁଭୋଗ କଲେ।*
>
> *ଅତଏବ, ଆସ…ଆମ୍ଭେମାନେ ତାହାଙ୍କ ପରି ନିନ୍ଦା ସହ୍ୟ କରି ଛାଉଣୀର ବାହାରେ ତାହାଙ୍କ ନିକଟକୁ ଯାଉ।*
>
> *କାରଣ ଏଠାରେ ଆମ୍ଭମାନଙ୍କର ଚିରସ୍ଥାୟୀ ନଗର ନାହିଁ, କିନ୍ତୁ ଆମ୍ଭେମାନେ ଆଗାମୀ ନଗରର ଅନ୍ୱେଷଣ କରୁଅଛୁ।*

22 ବର୍ତ୍ତମାନ ତାହା ଏକ ପ୍ରକାର ମୂଳପାଠ ଅଟେ। କାରଣ, ଆପଣ ଦେଖନ୍ତୁ, ଯଦି ଏହା ଏକ ଜୀବନ କାହାଣୀ ଅଟେ, କିମ୍ବା ମଣିଷ ସହିତ କିଛି ସମ୍ବନ୍ଧିତ ଅଟେ, ଆମେ ତାହା ଗୌରବାନ୍ୱିତ କରୁ ନାହୁଁ, ଏବଂ ବିଶେଷକରି ଜଣେ—ଜଣେ ପୁରୁଷର ଅତୀତ, ଯଦି ଏହା ମୋର ରହିଥିବା ଭଳି ସେତିକି ଅନ୍ଧକାର ଥାଏ। ମାତ୍ର ମୁଁ ଭାବିଲି, ଯଦି ଆମେ ଶାସ୍ତ୍ର ପାଠ କରିବା, ପରମେଶ୍ୱର ଶାସ୍ତ୍ରକୁ ଆଶୀର୍ବାଦ କରିବେ। ଏବଂ ମୋହର ଚିନ୍ତା ହେଉଛି:

*ଯେ ଏଠାରେ ଆମ୍ଭମାନଙ୍କର ଚିରସ୍ଥାୟୀ ନଗର ନାହିଁ, କିନ୍ତୁ ଆମ୍ଭେମାନେ ଆଗାମୀ ନଗରର ଅନ୍ୱେଷଣ କରୁଅଛୁ ।*

23 ବର୍ତ୍ତମାନ, ମୁଁ ଜାଣେ ଯେ ଆପଣ ଲସ୍ ଆଞ୍ଜେଲସ୍‌କୁ ବହୁତ ଭଲ ପାଆନ୍ତି । ଆପଣଙ୍କର ତାହା କରିବାର ଏକ ଅଧିକାର ଅଛି । ଏହା ଏକ ବିରାଟ, ସୁନ୍ଦର ସହର ଅଟେ । ଏହାର ଧୂଆଁ କୁହୁଡ଼ି ଏବଂ ଯାହାକିଛି-ଅଧିକ, ତଥାପି ଏହା ଏକ ସୁନ୍ଦର ସହର, ଉତ୍ତମ ଜଳବାୟୁ ସହିତ ଅଟେ । କିନ୍ତୁ ଏହି ସହର ଜାରି ରହିପାରିବ ନାହିଁ, ଏହାର ସମାପ୍ତ ହେବାକୁ ଅଛି ।

24 ମୁଁ ରୋମ୍‌ରେ ଛିଡ଼ା ହୋଇଛି (ଯେଉଁଠାରେ ମହାନ ସମ୍ରାଟମାନେ) ଏବଂ ସେହି ସହରଗୁଡ଼ିକରେ ଛିଡ଼ା ହୋଇଛି ଯାହା ସେମାନେ ଭାବିଥିଲେ ଯେ ସେମାନେ ଅମର ନିର୍ମାଣ କରିଛନ୍ତି, ଆଉ ଏପରିକି କୋଡ଼ିଏ ଫୁଟ ଖୋଳିଛନ୍ତି ଓ ତାହାର ଧ୍ୱଂସାବିଶେଷ ଖୋଜି ପାଇଛନ୍ତି ।

25 ମୁଁ ସେହି ସ୍ଥାନରେ ଛିଡ଼ା ହୋଇଛି ଯେଉଁଠାରେକି ଫାରୋମାନେ ସେମାନଙ୍କର ମହାନ ରାଜ୍ୟ ପାଇଛନ୍ତି, ଆଉ ଆପଣ ଭୂମିରେ ଖୋଳନ୍ତୁ ଓ ସେହି ସ୍ଥାନ ଖୋଜିପାଇବେ ଯେଉଁଠାରେ ମହାନ ଫାରୋମାନେ ଶାସନ କରିଥିଲେ ।

26 ଆମେ ସମସ୍ତେ ଆମ ସହର ଏବଂ ଆମ ସ୍ଥାନ ବିଷୟରେ ଚିନ୍ତା କରିବାକୁ ପସନ୍ଦ କରୁ । କିନ୍ତୁ, ମନେରଖନ୍ତୁ, ଏହା ଚିରସ୍ଥାୟୀ ହୋଇପାରେ ନାହିଁ ।

27 ଯେତେବେଳେ ମୁଁ ଏକ ଛୋଟ ବାଳକ ଥିଲି ମୁଁ ଏକ ବଡ଼ ମ୍ୟାପଲ୍ ଗଛକୁ ଯାଉଥିଲି । ଆମ ପ୍ରାନ୍ତରେ ଆମର ବହୁତ ଗୁଡ଼ାଏ କଠିନକାଷ୍ଠ ଗଛ ମିଳେ । ଆଉ ତାହାପରେ ଆମର ଏହି ମ୍ୟାପଲ୍ ଗଛମାନ, ଚିନି ମ୍ୟାପଲ୍, ଏବଂ ଯାହାକୁ ଆମେ କହିଥାଉ "କଠିନ ମ୍ୟାପଲ୍" ଏବଂ "କୋମଳ ମ୍ୟାପଲ୍" ରହିଥିଲା । ଏହି ବୃହତ୍ ବିଶାଳ ଗଛ, ଏହା ସବୁଠାରୁ ସୁନ୍ଦର ଗଛ ଥିଲା । ଏବଂ ଯେତେବେଳେ ମୁଁ କ୍ଷେତରୁ ଆସିଥାଏ, ଘାସ ଲଟାରେ କାମ କରି ଓ—ଓ ଅମଳ କାର୍ଯ୍ୟ କରି, ମୁଁ ଏହି ବଡ଼ ଗଛ ନିକଟକୁ ଯିବାକୁ ପସନ୍ଦ କରିଥାଏ ଏବଂ—ଏବଂ ତାହା ତଳେ ବସିବାକୁ ଓ—ଓ ଉପରକୁ ଦେଖିବାକୁ ପସନ୍ଦ କରିଥାଏ । ଏବଂ ମୁଁ ତାହାର ବଡ଼ ବଡ଼, ଶକ୍ତିଶାଳୀ ଶାଖାଗୁଡ଼ିକ ପବନରେ ହଲୁଥିବାର, ଓ ବୃହତ୍ ବଡ଼ ଗଣ୍ଡି ଦେଖିପାରେ । ଆଉ ମୁଁ କହିଲି, "ଆପଣ ଜାଣନ୍ତି, ମୁଁ ବିଶ୍ୱାସ କରେ ଯେ ଏହି ଗଛଟି ଏଠାରେ ଶହ ଶହ ବର୍ଷ ପର୍ଯ୍ୟନ୍ତ ରହିବ ।" ଅଧିକ ଦିନ ହୋଇନାହିଁ ମୁଁ ସେହି ପୁରୁଣା ଗଛକୁ ଦେଖିଲି, ଏହା କେବଳ ଏକ ଥୁଣ୍ଟା ରହିଥିଲା ।

28 "କାରଣ ଏଠାରେ ଆମର କୌଣସି ଚିରସ୍ଥାୟୀ ନଗର ନାହିଁ ।" ନା, ପୃଥିବୀରେ ଏପରି କୌଣସି ବିଷୟ ଯାହାକି ଆପଣ ଦେଖିପାରନ୍ତି ଚିରସ୍ଥାୟୀ ହେବ । ଏହାର ଏକ ସମାପ୍ତି ହେବାକୁ ପଡ଼ିବ । ପ୍ରତ୍ୟେକ ବିଷୟ ଯାହା ମରଣଶୀଳ ଅଟେ ତାହାକୁ ଏକ ଅମରତାକୁ ଆବୋରି ନେବାକୁ ପଡ଼ିବ । ଏଣୁ ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେ ଆମର ରାଜପଥଗୁଡ଼ିକୁ କେତେ ଭଲ ଭାବେ ନିର୍ମାଣ କରୁ, ଆମେ ଆମର ନିର୍ମାଣକୃତିକୁ କେତେ

ଉତ୍ତମ ଭାବେ କରିଥାଉ, ଏହା ସବୁକୁ ବିନଷ୍ଟ ହେବାକୁ ପଡ଼ିବ, କାରଣ ଏଠାରେ ଏପରି କିଛି ନାହିଁ ଯାହାକି ଚିରସ୍ଥାୟୀ ରହିପାରିବ। କେବଳ ଅଦୃଶ୍ୟ ହିଁ ଅଟେ ଯାହାକି ଚିରସ୍ଥାୟୀ ରହିବ।

29 ମୋହର ସେହି ଘର ମନେ ଅଛି ଯେଉଁଠାରେ ଆମେ ରହୁଥିଲୁ, ଏହା ଏକ ପୁରୁଣା କାଷ୍ଠନିର୍ମିତ ଘର ଥିଲା ଯାହାକି କାଦୁଅରେ ଲିପା ହୋଇଥିଲା। ମୁଁ...ବୋଧହୁଏ ଅନେକେ କାଦୁଅରେ ଲିପା ହୋଇଥିବା ଏକ ଘରକୁ କେବେ ଦେଖି ନ ଥିବେ। ମାତ୍ର ଏହା ସମ୍ପୂର୍ଣ୍ଣ ଭାବେ କାଦୁଅରେ ଲିପା ହୋଇଥିଲା, ଏବଂ ସେହି ବଡ଼ ବଡ଼ କାଠ ଗଣ୍ଡିମାନ ଯାହାକି ସେହି ପୁରୁଣା ଘରେ ଥିଲା, ମୁଁ ଭାବୁଥିଲି ଯେ ସେହି ଘରଟି ଶହ ଶହ ବର୍ଷ ଧରି ଛିଡ଼ା ରହିବ। ମାତ୍ର, ଆପଣ ଜାଣନ୍ତି, ସେହି ଘର ଯେଉଁଠାରେ ଛିଡ଼ା ରହିଥିଲା ଆଜି ସେଠାରେ ଏକ ଗୃହ ନିର୍ମାଣ ପ୍ରକଳ୍ପ ହେଉଛି। ଏହା ବହୁତ ଭିନ୍ନ ଅଟେ। ସବୁକିଛି ବଦଳୁଅଛି। ମାତ୍ର...

30 ଆଉ ମୁଁ ମୋ ବାପାଙ୍କୁ ଦେଖୁଥିଲି, ସେ ବରଂ ଜଣେ ସାନ, କମ୍ ଉଚ୍ଚତା ବିଶିଷ୍ଟ, ବହୁତ ଶକ୍ତିଶାଳୀ ବ୍ୟକ୍ତି ଥିଲେ, ଏବଂ ସେ ଜଣେ ସବୁଠୁ ଶକ୍ତିଶାଳୀ ସାନ ବ୍ୟକ୍ତି ଥିଲେ ଯାହାଙ୍କୁ ମୁଁ କେବେ ଜାଣିଥିଲି। ମୁଁ ଶ୍ରୀ କୁଟ୍ସଙ୍କୁ ଭେଟିଲି, ଜଣେ ବ୍ୟକ୍ତି ଯାହାଙ୍କ ସହିତ ସେ ଜଙ୍ଗଲରେ କାମ କରୁଥିଲେ, ସେ ଜଣେ କାଠ କଟାଳି ଥିଲେ, ଏବଂ ପ୍ରାୟଃ ଗୋଟିଏ ବର୍ଷ ପୂର୍ବେ, ଏବଂ ଶ୍ରୀ କୁଟ୍ସ ମୋର ଜଣେ ବହୁତ ଉତ୍ତମ ବନ୍ଧୁ, ଏବଂ ପ୍ରଥମ ବାପ୍ତିଷ୍ଟ ମଣ୍ଡଳୀରେ ଜଣେ ଦୀକନ୍ ଅଟନ୍ତି, ଆଉ ସେ କହିଲେ, "ବିଲି, ତୁମେ ଜଣେ ପ୍ରକୃତରେ ଶକ୍ତିଶାଳୀ ବ୍ୟକ୍ତି ହେବା ଉଚିତ୍।"

ଆଉ ମୁଁ କହିଲି, "ନା, ଶ୍ରୀ କୁଟ୍ସ, ମୁଁ ନୁହେଁ।"

31 ସେ କହିଲେ, "ଯଦି ତୁମେ ତୁମର ବାପାଙ୍କ ପରି ହୋଇଥାଆନ୍ତ, ତୁମେ ପାରିଥାଆନ୍ତ।" କହିଲେ, "ମୁଁ ସେହି ବ୍ୟକ୍ତିଙ୍କୁ ଦେଖିଛି, ଶହେ ଚାଳିଶ ପାଉଣ୍ଡ ଓଜନ ଥିଲା, ନିଜେ ଏକାକୀ ଗାଡ଼ି ଉପରେ ଏକ କାଠ ଗଣ୍ଡି ଲଦି ଦେଉଥିଲେ, ଯାହାର ଓଜନ ନଅ ଶହ ପାଉଣ୍ଡ ହେଉଥିଲା।" ସେ ଜାଣିଥିଲେ ଯେ ତାହା କିପରି କରାଯିବାକୁ ଥିଲା। ସେ ଶକ୍ତିଶାଳୀ ଥିଲେ। ଯେତେବେଳେ ମାଆ ତାହାଙ୍କୁ ଡାକୁଥିଲେ, ସେ ଧୁଆପୁଛା ହେବା ପାଇଁ ଏବଂ ରାତ୍ରୀ ଭୋଜନ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ସେହି ସ୍ଥାନକୁ ଆସୁଥିବାର ମୁଁ ତାହାଙ୍କୁ ଦେଖେ।

32 ଏବଂ ସମ୍ମୁଖ ଅଗଣାରେ ଆମର ଏକ ପୁରୁଣା ଶେଉ ଗଛ ଥିଲା, ଏବଂ ତାହାପରେ ପଛ ପଟ ଆଡ଼କୁ ତିନୋଟି କିମ୍ବା ଚାରୋଟି ଛୋଟ ଛୋଟ ଥିଲା। ଏବଂ ଠିକ୍ ମଝି ଗଛରେ ଏକ ପୁରୁଣା ଦେଖାଯାଉଥିବା କାଚ ଥିଲା, ଭାଙ୍ଗି ଯାଇଥିଲା, ବଡ଼, ଦର୍ପଣଟିଏ ଥିଲା। ଆଉ ତାହାକୁ କେତୋଟି ବଙ୍କା କଣ୍ଟା ସାହାଯ୍ୟରେ ଗଛର ପାର୍ଶ୍ୱରେ ଟଙ୍ଗା ଯାଇଥିଲା। ଏହା ସେପ୍ରକାର ଥିଲା ଯେପ୍ରକାରକି ଆପଣମାନଙ୍କ ମଧ୍ୟରୁ କେତେକ ବଢ଼େଇମାନେ ଯେଉଁମାନେକି ଶୁଣୁଛନ୍ତି ତାହାକୁ କହନ୍ତି "କୋଟ୍ ହ୍ୟାଙ୍ଗର୍।" ସେହି ଦର୍ପଣକୁ ତାହାର ସ୍ଥାନରେ ଧରି ରଖିବା ପାଇଁ ତାହାକୁ ବଙ୍କା କରାଯାଇଥିଲା। ଆଉ ସେଠାରେ ଗୋଟିଏ ପୁରୁଣା ଟିଣ ପାନିଆ ଥିଲା। କେତେ ଜଣ ଦେଖିଛନ୍ତି ଏକ ପୁରୁଣା ଟିଣ...ସେହି ପୁରୁଣା-କାଳିଆ ଟିଣ ପାନିଆକୁ? ମୁଁ ତାହାକୁ କେବଳ ଦେଖିପାରୁଛି।

33 ଏବଂ ତାହାପରେ ସେଠାରେ ଧୁଆପୁଛା ହେବା ପାଇଁ ଏକ ବେଞ୍ଚ ଥିଲା, ତାହା କେବଳ ଏକ ସାନ ପଟା ଥିଲା ଯାହାର ତଳେ ଏକ ଛୋଟ ବଙ୍କା ଗୋଡ଼ ଥିଲା, ଯାହାକି ଗଛ ସହିତରେ ବନ୍ଧା ଯାଇଥିଲା । ସେଠାରେ ଏକ ଛୋଟ, ପୁରୁଣା, ଅଧା ଗନ୍ଧକ ପମ୍ପଟିଏ ଥିଲା ଯାହା ଦ୍ୱାରା ଆମେ ପାଣି ବାହାର କରୁଥିଲୁ, ଏବଂ ଆମେ ଏହି ପୁରୁଣା ଗଛ ପାଖରେ ଧୋଇ ହେଉଥିଲୁ । ଏବଂ ମାଆ ଅନ୍ନ ଅଖାଗୁଡ଼ିକୁ ନେଇ ତଉଲିଆ ତିଆରି କରୁଥିଲେ । କେହି କେବେ ଏକ ଅନ୍ନ-ଅଖାର ତଉଲିଆ ବ୍ୟବହାର କରିଛନ୍ତି କି? ତେବେ, ମୁଁ ସୁନିଶ୍ଚିତ ଯେ ମୁଁ ବର୍ତ୍ତମାନ ଘରେ ଥିବା ପରି ଅନୁଭବ କରୁଛି । ଏବଂ ସେହି ବଡ଼, ପୁରୁଣା ଖଦଡ଼ା ତଉଲିଆଗୁଡ଼ିକ! ଏବଂ ଯେତେବେଳେ ସେ ଆମକୁ ଛୋଟ ଛୋଟ ପିଲାମାନଙ୍କୁ ଗାଧୋଇ ଦେଉଥିଲେ, ସେ... ଏପରି ଅନୁଭବ ହେଉଥିଲା ଯେ ସେ ପ୍ରତ୍ୟେକ ଥର ଘଷିବା ସମୟରେ ଚମଡ଼ା ବାହାର କରିଦେବେ । ଏବଂ ମୋର ସେହି ପୁରୁଣା ଅନ୍ନ ଅଖାଗୁଡ଼ିକୁ ମନେ ଅଛି । ଆଉ ସେଥିରୁ ସେ କିଛି ସୁତୁଲିଗୁଡ଼ିକ ବାହାର କରୁଥିଲେ, ତାହାକୁ ଏକପ୍ରକାରେ ସଜାଇବା ପାଇଁ, ଛୋଟ ଝୁମ୍ପାମାନ ତିଆରି କରୁଥିଲେ ।

34 କେତେଜଣ ନଡ଼ା ଗଦା ଉପରେ ଶୋଇଛନ୍ତି? ତେବେ, ମୁଁ କହିବି—କହିବି! କେତେଜଣ କେବେ ଏହା ଜାଣିଛନ୍ତି ଯେ ଏକ ନଡ଼ା ତକିଆ କଅଣ ଅଟେ? ଆଚ୍ଛା, ଭାଇ ଗ୍ଲୋଭର, ମୁଁ ବର୍ତ୍ତମାନ ଘରେ ଅଛି, ଯଥେଷ୍ଟ ନିଶ୍ଚିତ ଭାବେ! ନଡ଼ା ଗଦା, ତେବେ, ଅଧିକ ସମୟ ହୋଇନାହିଁ ମୁଁ ଠିକ୍ ସେହିପରି ଏକ ଅନୁଭୁତିରୁ ଆସିଅଛି, ଏବଂ ତାହା ଥିଲା...ଓଃ, ତାହା—ତାହା ଭଲ ଶୋଇବା, ଥଣ୍ଡା ଥିଲା । ତାହାପରେ ଶୀତଦିନେ ସେମାନେ ପୁରୁଣା ହାଲୁକା ଶଯ୍ୟାକୁ ନେଇ ତାହା ଉପରେ ବିଛେଇ ଦେଉଥିଲେ, ଆପଣମାନେ ଜାଣନ୍ତି, ଏବଂ ତାହାପରେ ଆମମାନଙ୍କ ଉପରେ ଏକ ମୋଟା କନା ଖଣ୍ଡକୁ ରଖିବାକୁ ପଡୁଥିଲା କାରଣ ଘରର ସେହି—ସେହି—ସେହି ଫାଙ୍କା ସ୍ଥାନମାନଙ୍କରୁ ତୁଷାର ପ୍ରବାହିତ ହେଉଥିଲା, ଆପଣ ଜାଣନ୍ତି, ଯେଉଁଠାରେକି ସେହି ପୁରୁଣା କାଠ ପଟାଗୁଡ଼ିକ ଏକ ଆରେକ ଉପରେ ରହିଥାଏ, ଆପଣ ଜାଣନ୍ତି, ଏବଂ ତୁଷାର ସେଥିରୁ ବୋହି ଯାଉଥାଏ । ଏବଂ, ଓଃ, ମୁଁ ତାହା ଭଲ ଭାବରେ ସ୍ମରଣ କରିପାରେ ।

35 ଆଉ ତାହାପରେ ବାପା ଏକ ଦାଢୀ କରିବା ବ୍ରଶ୍ ବ୍ୟବହାର କରୁଥିଲେ । ମୁଁ...ତେବେ ଏହା ଆପଣଙ୍କର ହୃଦୟକୁ ସ୍ପର୍ଶ କରିବାକୁ ଯାଉଅଛି । ଏହା ମକା ଝୁମ୍ପାରୁ ତିଆରି ହୋଇଥିଲା, ମକା ଝୁମ୍ପାର ଏକ ଦାଢୀ କରିବା ବ୍ରଶ୍ । ସେ ମାଆଙ୍କର ପୁରୁଣା ଶୋଢା ସାବୁନ୍ ନିଅନ୍ତି ଯାହାକି ମାଆ ତିଆରି କରିଥିଲେ, ତାହାକୁ ଘଷି ହୁଅନ୍ତୁ ଏବଂ ଏହି ମକା ଝୁମ୍ପାର ବ୍ରଶ୍ ଦ୍ୱାରା ନିଜର ମୁହଁରେ ଲଗାନ୍ତି, ଆଉ ଏକ ବଡ଼, ପୁରୁଣା ସିଧା କ୍ଷୁର ଦ୍ୱାରା ଦାଢୀ ହୁଅନ୍ତି । ଏବଂ ରବିବାର ଦିନ ସେ ନିଅନ୍ତି—କାଗଜ ଖଣ୍ଡଗୁଡ଼ିକୁ ନିଅନ୍ତି, ନିଜର ଗଳା ବନ୍ଧନୀର ଚାରିପାଖରେ ରଖନ୍ତି, ସେମାନେ ପ୍ଲାଷ୍ଟିକ୍ ଗଳା ବନ୍ଧନୀମାନ ପିନ୍ଧୁଥିଲେ ଏବଂ ତାହାକୁ ଗଳା ବନ୍ଧନୀର ଚାରିପାଖରେ ଏହିପରି ଭାବରେ ରଖୁଥିଲେ ଯେପରିକି ତାହାଙ୍କର ଜାମାର ଗଳା ବନ୍ଧନୀରେ ସେହି—ସେହି—ସେହି ଫେଣ ନ ଲାଗିଯାଏ । କଅଣ ଆପଣ ସେପରି କରାଯାଇଥିବାର କେବେ

ଦେଖିଛନ୍ତି? କାହିଁକି, ମୋ ପ୍ରଭୁ, ମୋ ପ୍ରଭୁ!

36 ମୋର ମନେ ଅଛି ତଳେ ଏକ ଛୋଟ ପୁରୁଣା ଝରଣାଟିଏ ଥିଲା, ଯେଉଁଠାକୁ ଆମେ ପାଣି ପିଇବା ପାଇଁ ଯାଉଥିଲୁ, ଏବଂ ଏକ କଖାରୁ କୁଣ୍ଡରୁ ଆମର ଜଳକୁ ବାହାର କରୁଥିଲୁ । କେତେ ଜଣ ଏକ କଖାରୁ କୁଣ୍ଡ ଦେଖିଛନ୍ତି? ତେବେ, ଯାହାହେଉ ଆପଣମାନଙ୍କ ମଧ୍ୟରୁ କେତେ ଜଣ କେଣ୍ଟକିରୁ ଅଟନ୍ତି? ହଁ, ବେଶ୍, ତେବେ ଏଠାରେ କେଣ୍ଟକି ନିବାସୀମାନଙ୍କୁ ଦେଖନ୍ତୁ । ତେବେ, ମୋର, ମୁଁ—ମୁଁ ଠିକ୍...ମୁଁ ଭାବିଲି ଏହା ସମସ୍ତେ କେଣ୍ଟକି ପ୍ରଦେଶର ଭାଷାରେ ଓକିଜ୍ ଏବଂ ଆରକିଜ୍ ଏଠାରେ ଅଛନ୍ତି, ମାତ୍ର ଏପରି ଦେଖାଯାଉଛି ଯେପରିକି କେଣ୍ଟକି ଭିତରକୁ ଆସିଯାଇଛି । ତେବେ, କେତେକ ମାସ ପୂର୍ବେ ସେମାନେ କେଣ୍ଟକିରେ ତେଲର ଅନୁସନ୍ଧାନ ପାଇଥିଲେ, ଆପଣମାନେ ଜାଣନ୍ତି, ତେଣୁ ବୋଧହୁଏ ସେମାନଙ୍କ ମଧ୍ୟରୁ କେତେକେ ଏହି ମାର୍ଗରେ ଆସୁଛନ୍ତି ।

37 ଆଉ ତେବେ ମୋର ମନେ ଅଛି ଯେତେବେଳେ ବାପା ଭିତରକୁ ଆସି ରାତ୍ରି ଭୋଜନ ପାଇଁ ଧୁଆପୁଛା ହେଉଥିଲେ, ସେ ନିଜ ଜାମାର ବାହୁଗୁଡ଼ିକୁ ଉପରକୁ କରିଥାଆନ୍ତି, ଏବଂ ସେହି ଛୋଟ ଛୋଟ ମୋଟା ବାହୁଗୁଡ଼ିକ । ଏବଂ ଯେତେବେଳେ ସେ ଧୁଆ ହେବା ପାଇଁ ନିଜର ବାହୁକୁ ଉପରକୁ ଉଠାନ୍ତି, ନିଜ ମୁହଁରେ ପାଣି ଦିଅନ୍ତି, ସେତେବେଳେ ସେହି ମାଂସପେଶୀଗୁଡ଼ିକ ତାଙ୍କର ଛୋଟ ବାହୁରେ ଖେଳି ଉଠେ । ଏବଂ ମୁଁ କହିଲି, "ଆପଣ ଜାଣନ୍ତି, ମୋ ବାପା ଶହେ ପଚାଶ ବର୍ଷ ବଞ୍ଚିବେ ।" ସେ ଏତେ ଶକ୍ତିଶାଳୀ ଥିଲେ! କିନ୍ତୁ ସେ ବାବନ ବର୍ଷରେ ମୃତ୍ୟୁବରଣ କଲେ । ବୁଝିଲେ? "ଏଠାରେ ଆମର କୌଣସି ଚିରସ୍ଥାୟୀ ନଗର ନାହିଁ ।" ତାହା ଠିକ୍ । ଆମେ ଚିରକାଳ ନିମନ୍ତେ ରହି ନ ପାରୁ ।

38 ତେବେ ଆସନ୍ତୁ, ଆମେ ସମସ୍ତେ ଏକ ଅଳ୍ପ ଯାତ୍ରାଟିଏ କରିବା । ଏଠାରେ ଥିବା ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କର ଏକ ଜୀବନ କାହାଣୀ ଅଛି, ଠିକ୍ ଯେପରିକି ମୋର ଅଛି, ଏବଂ କଦା ଏକଦା ଥରେ ସ୍ମୃତିପଥର ଯାତ୍ରାରେ ଯିବା ଭଲ କଥା । କଅଣ ଆପଣ ତାହା ଭାବନ୍ତି ନାହିଁ କି? କେବଳ ଫେରି ଯାଆନ୍ତୁ, ଏବଂ ଆସନ୍ତୁ ଆମେ ସମସ୍ତେ କିଛି ସମୟ ପାଇଁ ପଛକୁ ଫେରିଯିବା, ଛୋଟ ପିଲା ଭାବରେ ସମାନ ଅନୁଭୂତିକୁ ଫେରିବା ।

39 ଆଉ ତେବେ ଜୀବନ କାହାଣୀର ପ୍ରଥମ ଭାଗ । ମୁଁ ଏହାକୁ ଟିକିଏ ସ୍ପର୍ଶ କରି ଦେଇଯିବି, କାରଣ ଏହା ବହିରେ ଅଛି ଏବଂ ଆପଣମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ ପୁସ୍ତକଟି ଅଛି ।

40 ମୋର ଜନ୍ମ କେଣ୍ଟକି ପ୍ରଦେଶର ପର୍ବତାଞ୍ଚଳର ଅତି ଉପର ଭାଗରେ, ଏକ ଛୋଟିଆ ପାହାଡ କୁଡ଼ିଆରେ ହୋଇଥିଲା । ସେଠାରେ ଗୋଟିଏ ବଖରା ଥିଲା ଯେଉଁଥିରେକି ଆମେମାନେ ରହୁଥିଲୁ, ଭୂମିରେ କୌଣସି ଲୁଗା ନ ଥିଲା, ଏପରିକି ଭୂମି ଉପରେ କାଠ ମଧ୍ୟ ନ ଥିଲା, ଏହା କେବଳ ଏକ ଖାଲି ଚଟାଣ ଥିଲା । ଆଉ ଏକ ଖୁଣ୍ଟ, ଗୋଟିଏ ଖୁଣ୍ଟ କଟାଯାଇ ସେଥିରେ ପୁଣି ତିନୋଟି ଗୋଡ଼ ଥିଲା, ତାହା ଆମର ମେଜ ଥିଲା । ଏବଂ ସେହି ସମସ୍ତ ଛୋଟ ବ୍ରାନହାମ୍ ପିଲାମାନେ ସେଠାରେ ଚାରିଆଡ଼େ ଜମା ହେଉଥିଲେ, ଆଉ ସେହି ଛୋଟ ପୁରୁଣା

କୁଡ଼ିଆ ସମ୍ମୁଖରେ, ଏବଂ ପାଟିତୁଣ୍ଡ କରୁଥିଲେ, ଏପରି ଦେଖାଯାଉଥିଲା ଯେପରିକି ଦଳେ ଓପୋସମ୍ ଜୀବମାନେ ଧୂଳିରେ ପାଟିତୁଣ୍ଡ କରି ଖେଳୁଥିଲେ, ଆପଣ ଜାଣନ୍ତି, ସମସ୍ତ ଛୋଟ ଭାଇମାନେ। ଆମେମାନେ ନଅଜଣ ଥିଲୁ, ଆଉ ଗୋଟିଏ ସାନ ଝିଅ ଥିଲା, ତେବେ ସେହି ବାଳକମାନଙ୍କ ସମୂହ ମଧ୍ୟରେ ତାହାର ପ୍ରକୃତରେ ଏକ ଅତ୍ୟଧିକ କଷ୍ଟ ସମୟ ରହିଥିଲା। ଆମେମାନେ ସେହି ଦିନମାନଙ୍କରେ କରିଥିବା କାର୍ଯ୍ୟକଳାପଗୁଡ଼ିକ ନିମନ୍ତେ ଆମମାନଙ୍କୁ ଆଜି ପର୍ଯ୍ୟନ୍ତ ତାହାକୁ ସମ୍ମାନ କରିବାକୁ ଅଛି। ସେ ଆମ ସହିତ କୌଣସି ସ୍ଥାନକୁ ଯାଇପାରୁ ନ ଥିଲା, ଆମେ ତାହକୁ ଘଉଡ଼ାଇ ଦେଉଥିଲୁ, ସେ ଜଣେ ଝିଅ ଥିଲା। ତେଣୁ ସେ ଏହା ସହ୍ୟ କରିପାରୁ ନ ଥିଲା, ଆପଣ ଜାଣନ୍ତି। ତେଣୁ ଆମର ଥିଲା...ଏବଂ ସମସ୍ତେ...

41 ମନେ ରଖନ୍ତୁ ଯେ ସେହି ମେଜ ପଛରେ ଆମମାନଙ୍କର କେବଳ ଦୁଇଟି ଚୌକୀ ଥିଲା, ଆଉ ସେଗୁଡ଼ିକ ଡ଼ାଳର ଛାଲିରୁ ତିଆରି ହୋଇଥିଲା। କେବଳ ପୁରୁଣା ଅଖରୋଟ ଚାରାଗୁଡ଼ିକୁ ଏକାଠି ରଖିଦିଅନ୍ତୁ, ଏବଂ ସେମାନଙ୍କର ତଳ ଅଂଶ ଅଖରୋଟ ଛାଲି ସହିତ ଲାଗିଥାଏ। କେହି କେବେ ଅଖରୋଟ ଛାଲିର ଚୌକୀ ଦେଖିଛନ୍ତି କି? ହଁ। ଆଉ ମୁଁ ଏପର୍ଯ୍ୟନ୍ତ ମାମାକୁ ଶୁଣିପାରେ। ଓଃ, ପରେ ଯେତେବେଳେ ଆମେ ଏପରି ଏକ ସ୍ଥାନରେ ପହଞ୍ଚିଲୁ ଯେଉଁଠାରେକି ତାହା ପାଖରେ ଏକ କାଠ ଚଟାଣ ଥାଇପାରନ୍ତା, ସେହି ଶିଶୁମାନଙ୍କୁ ନିଜ କୋଳରେ *ଏହିପରି* ଭାବରେ ନେଇ, ଏବଂ ସେହି ପୁରୁଣା ଚୌକୀକୁ ଦୋହଲାଉଥାଇ କେବଳ ବାଡୋଉଥାନ୍ତା, ବାଡୋଉଥାନ୍ତା, ଚଟାଣରେ ବାଡ଼େଇ ହେଉଥାନ୍ତା। ଏବଂ ମୋର ମନେ ଅଛି, ଯେତେବେଳେ ସେ ଧୁଆ ଧୋଇ କିମ୍ବା କିଛି କରୁଥିଲେ ସେତେବେଳେ ଛୋଟ ପିଲାମାନେ ଯେପରି କବାଟରୁ ବାହାରି ନ ଯାଆନ୍ତୁ ମୁଁ ଜଗୁଥିଲି, ସେ ଏକ ଚୌକୀକୁ ତଳେ ରଖି ଦେଉଥିଲେ ଏବଂ ତାହାକୁ କବାଟରେ ଏକ ପ୍ରକାରର ବଙ୍କା କରି ରଖୁଥିଲେ, ଯେପରିକି ସାନ ପିଲାମାନେ ବାହାରକୁ ନ ଯାଆନ୍ତି ଯେତେବେଳେ ତାହାଙ୍କୁ ପାଣୀ ଆଣିବା ପାଇଁ ଝରଣାକୁ ଯିବାକୁ ପଡୁଥିଲା, ଏବଂ ସେପରି କିଛି କରିବାକୁ ପଡୁଥିଲା।

42 ଏବଂ ମୋର ଜନ୍ମ ସମୟରେ ମାଆ ପନ୍ଦର ବର୍ଷ ବୟସର ଥିଲେ, ବାପା ଅଠର ବର୍ଷ ଥିଲେ। ଏବଂ ମୁଁ ନଅଟି ସନ୍ତାନମାନଙ୍କ ମଧ୍ୟରେ ପ୍ରଥମ ଥିଲି। ଏବଂ ସେମାନେ ମୋତେ କହିଥିଲେ ଯେ ସେହି ସକାଳରେ ଯେବେ ମୋହର ଜନ୍ମ ହୋଇଥିଲା...

43 ତେବେ, ଆମେ ବହୁତ ଗରିବ ଥିଲୁ, ଗରିବରୁ ଗରିବ ଥିଲୁ। ଏବଂ ଏହି ଛୋଟ କୁଡ଼ିଆରେ ଆମର କୌଣସି ଝରକା ମଧ୍ୟ ନ ଥିଲା। ଏହାର ଏକ ଛୋଟ କାଠ କବାଟ ପରି ଥିଲା ଯାହାକି ଆପଣ ଖୋଲନ୍ତି। ମୁଁ ସନ୍ଦେହ କରୁଛି ଯେ ଆପଣ କେବେ ସେହିପରି କିଛି ଦେଖିଛନ୍ତି କି? ଏକ ଛୋଟ କାଠ କବାଟ ଥିଲା ଯାହାକି ଝରକା ବଦଳରେ ଖୋଲୁଥିଲା, ଆପଣ ଏହାକୁ ଦିନବେଳେ ଖୋଲା ରଖନ୍ତି ଏବଂ ଆପଣ ଏହାକୁ ରାତ୍ରିରେ ବନ୍ଦ କରିଦିଅନ୍ତି। ଆମେ ସେହି ଦିନମାନଙ୍କରେ ବିଜୁଳି ବତୀ କିଅବା କିରାସିନି ବତୀ ମଧ୍ୟ ଜାଳି ପାରୁ ନ ଥିଲୁ, ଆମ ପାଖରେ ତାହା ଥିଲା ଯାହାକୁ ଆପଣ କହନ୍ତି "ଏକ ଗ୍ରୀସ୍ ବତୀ।" ତେବେ, ମୁଁ ଜାଣେ ନାହିଁ ଯେ ଆପଣ

କେବେ ଜାଣିଛନ୍ତି କି ନାହିଁ ଏକ ଗ୍ରୀସ୍ ବତୀ କଅଣ ଅଟେ । ଆଚ୍ଛା, ଆପଣ କଅଣ...ଏବଂ କଅଣ ଆପଣ କେବେ କିଣିଛନ୍ତି କି...ଏକ ପାଇନ ଗଣ୍ଠି ପୋଡିଛନ୍ତି କି? କାରଣ ଏକ ପାଇନ ଗଣ୍ଠିକୁ କେବଳ ନିଅନ୍ତୁ ଓ ତାହାକୁ ନିଆଁ ଲଗାନ୍ତୁ ଏବଂ ତାହାକୁ ଢାଙ୍କୁଣୀ ଉପରେ ରଖନ୍ତୁ, ତାହା ଜଳିଯିବ । ଏବଂ ତାହା...ଅଳ୍ପ ଟିକିଏ ଧୂଆଁ ହେଲା, ମାତ୍ର ଯାହା ବି ହେଉ, ଜାଳିବା ନିମନ୍ତେ, ସେମାନଙ୍କ ପାଖରେ କୌଣସି ଆସବବାବ ପତ୍ର ନ ଥିଲା । ଏଣୁ ତାହା କେବଳ...କୁଡ଼ିଆଟି ଧୂଆଁରେ ପରିପୂର୍ଣ୍ଣ ହୋଇଗଲା । ଏହା ଭଲ ଭାବରେ ଟାଣି ନେଲା କାରଣ ସେଠାରେ ଉପରେ ତାହାକୁ ଟାଣି ନେବା ପାଇଁ ଯଥେଷ୍ଟ ଛାତ ଥିଲା । ଏଣୁ ତାହା...

44 ଆଉ ମୁଁ ୧୨୦୨ ମସିହା, ଏପ୍ରିଲ୍ ମାସ ତାହାର—ତାହାର ୬ ତାରିଖରେ ଜନ୍ମଗ୍ରହଣ କରିଥିଲି । ନିଶ୍ଚିତରେ, ଆପଣମାନେ ଜାଣନ୍ତି, ତାହା ମୋତେ ବର୍ତ୍ତମାନ ପଚି-ଶ ବର୍ଷରୁ ଟିକେ ଅଧିକ କରି ଦେଇଥାଏ । ଆଉ ତେଣୁକରି, ମୁଁ ଜନ୍ମ ହୋଇଥିବା ସକାଳରେ, ମାଆ କହିଲେ ଯେ ସେମାନେ ଝରକା ଖୋଲିଲେ । ତେବେ, ଆମ ପାଖରେ କୌଣସି ଡାକ୍ତର ନ ଥିଲେ, ଜଣେ ଧାତ୍ରୀ ଥିଲେ । କେବଳ...ଏବଂ ସେହି ଧାତ୍ରୀଟି ମୋହର ଜେଜେମା ଥିଲା । ଏବଂ ତେଣୁ ଯେତେବେଳେ ମୁଁ ଜନ୍ମ ହେଲି ଏବଂ ମୋହର ପ୍ରଥମ କାନ୍ଦିବା ଆରମ୍ଭ କଲି, ଆଉ—ଆଉ ମାତା ତାଙ୍କର ସନ୍ତାନକୁ ଦେଖିବାକୁ ଚାହୁଁଥିଲେ । ପୁଣି—ପୁଣି ସେ ନିଜେ ଜଣେ ଶିଶୁଠାରୁ ଅଧିକ ନ ଥିଲେ । ଆଉ ଯେତେବେଳେ ସେମାନେ ସେହି ଛୋଟ ଝରକାଟିକୁ ଖୋଲିଲେ, ତାହା ଦିନ ହେଉଥିବା ସମୟରେ, ପ୍ରାୟଃ ପାଞ୍ଚଟା ଘଟିକା ହୋଇଥିଲା । ଏବଂ ସେହି... ସେଠାରେ ଏକ ପୁରୁଣା ରୋବିନ ଚଢ଼େଇ ଏକ ଛୋଟ ବୁଦା ପାଖରେ ବସିଥିଲା । ଯେପରିକି ଆପଣମାନେ ସମସ୍ତେ ଏହାର ଚିତ୍ର ମୋ ଜୀବନ କାହାଣୀର ମୋହର ପୁସ୍ତକରେ—ରେ ଦେଖିଛନ୍ତି । ଏକ ପୁରୁଣା ରୋବିନ ଚଢ଼େଇ ସେଠାରେ ବସି ରହି କେବଳ ତାହା ଭିତରେ ଥିବା ସମସ୍ତକିଛି ସହିତରେ ଗୀତ ଗାଉଥିଲା ।

45 ମୁଁ ସବୁବେଳେ ରୋବିନ ଚଢ଼େଇକୁ ଭଲ ପାଇଅଛି । ବର୍ତ୍ତମାନ, ଆପଣ ବାଳକମାନେ ଯେଉଁମାନେ ରେଡିଓ ପ୍ରସାରଣରେ ଅଛନ୍ତି, ମୋର ପକ୍ଷୀମାନଙ୍କ ଉପରେ ଗୁଳି କରିବେ ନାହିଁ । ଆପଣ ଦେଖନ୍ତୁ, ସେଗୁଡ଼ିକ—ସେମାନେ ଅଟନ୍ତି—ସେମାନେ ଅଟନ୍ତି...ସେଗୁଡ଼ିକ ମୋର ପକ୍ଷୀ ଅଟନ୍ତି । କଅଣ ଆପଣ କେବେ ରୋବିନ ଚଢ଼େଇର କିମ୍ବଦନ୍ତୀ ଶୁଣିଛନ୍ତି, ଯେ ସେ କିପରି ତାହାର ଲାଲ ବକ୍ଷସ୍ଥଳ ପାଇଲା? ମୁଁ ଏଠାରେ କିଛି ସମୟ ଅଟକି ଯିବି । ସେ କିପରି ତାର ଲାଲ ବକ୍ଷସ୍ଥଳ ପାଇଲା...ଦିନେ ସେଠାରେ ରାଜାମାନଙ୍କର ରାଜା କ୍ରୁଶ ଉପରେ ମୃତ୍ୟୁବରଣ କରୁଥିଲେ, ଏବଂ ସେ ଯନ୍ତ୍ରଣା ଭୋଗୁଥିଲେ ଆଉ କେହିହେଲେ ତାହାଙ୍କ ନିକଟକୁ ଆସୁ ନ ଥିଲେ । ତାହାଙ୍କୁ ସାହାଯ୍ୟ କରିବା ନିମନ୍ତେ ତାଙ୍କର କେହି ନ ଥିଲେ । ଏବଂ ସେଠାରେ ଏକ ଛୋଟ ବାଦାମୀ ରଙ୍ଗର ପକ୍ଷୀଟିଏ ଥିଲା ଯିଏକି ସେହି କ୍ରୁଶରୁ କଣ୍ଟାଗୁଡ଼ିକ ବାହାର କରିବାକୁ ଚାହୁଁଥିଲା, ଆଉ ସେ କ୍ରୁଶ ଉପରକୁ ଉଡ଼ିବାକୁ ଜାରି ରଖିଥିଲା ଏବଂ ସେହି କଣ୍ଟାଗୁଡ଼ିକ ଉପରେ ବାଡ଼େଇ ହେଉଥିଲା । ସେଗୁଡ଼ିକୁ ଟାଣି ବାହାର କରିବା ପାଇଁ ସେ ଅତି

ଛୋଟ ଥିଲା, ଏବଂ ତଦ୍ଦ୍ୱାରା ସେ ତାର ଛୋଟ ବକ୍ଷସ୍ଥଳଟି ରକ୍ତରେ ଲାଲ କରିଦେଲା। ଏବଂ ସେବେଠାରୁ ନେଇ ତାର ବକ୍ଷସ୍ଥଳଟି ଲାଲ ରହିଆସିଛି। ପିଲାମାନେ, ତାକୁ ଗୁଳି କରିବ ନାହିଁ। ତାକୁ ଏକାକୀ ଛାଡ଼ିଦିଅ।

46 ସେ ଝରକା ପାର୍ଶ୍ୱରେ ବସି ରହି, ଚେଂ-ଚେଂ ଶବ୍ଦ କରୁଥିଲା ଯେପରିକି ରୋବିନ ଚଢ଼େଇମାନେ ଗୀତ ଗାଇଥାନ୍ତି। ଏବଂ—ଏବଂ ବାପା ଝରକା ପଛକୁ ଠେଲିଦେଲେ। ଏବଂ ଯେତେବେଳେ ସେମାନେ ସେହି ଛୋଟ ଝରକାଟିର କବାଟକୁ ପଛକୁ ଠେଲିଦେଲେ, ଚିତ୍ରରେ ଆପଣ ଦେଖୁଥିବା ସେହି ପ୍ରକାଶଟି ଘୁରି ଘୁରି ଝରକା ନିକଟକୁ ବୁଲି ଆସିଲା, ମୋ ମା କୁହନ୍ତି, ଏବଂ ଖଟ ଉପରେ ଝୁଲି ରହିଲା। ଜେଜେମା କଅଣ କହିବେ ଜାଣି ନ ଥିଲେ।

47 ତେବେ, ଆମେମାନେ...ଏକ ଧାର୍ମିକ ପରିବାର ନ ଥିଲୁ। ମୋର ଲୋକମାନେ କ୍ୟାଥୋଲିକ୍ ଅଟନ୍ତି। ମୁଁ ଉଭୟ ପାର୍ଶ୍ୱରୁ ଆଇରିଶ୍ ଅଟେ। ମୋ ବାପା କଠୋର ଆଇରିଶ୍, ବ୍ରାନହାମ୍ ଅଟନ୍ତି। ମୋ ମାଆ ହେଉଛନ୍ତି ହାର୍ଭେ; କେବଳ ଯେ, ତାଙ୍କ ପିତା ଜଣେ ମୂଳ ଅଧିବାସୀ ଚେରୋକୀ ଭାରତୀୟଙ୍କୁ ବିବାହ କରିଥିଲେ, ଏଣୁ ତାହା ସେଠାରେ ଆଇରିଶ୍ ବଂଶଗତ ରକ୍ତର ସେହି ଛୋଟ ଧାଡ଼ିକୁ ଭାଙ୍ଗିଦେଲା। ଆଉ ପିତା ଓ ମାତା ଗୀର୍ଜାକୁ ଯାଉ ନ ଥିଲେ, ଏବଂ ସେମାନେ ମଣ୍ଡଳୀରୁ ବାହାରେ ବିବାହ କରିଥିଲେ ଏବଂ ସେମାନଙ୍କର ଆଦୌ କୌଣସି ଧର୍ମ ନ ଥିଲା। ଏବଂ ସେଠାରେ ପଛରେ ପର୍ବତଦେଶରେ ଏକ କ୍ୟାଥୋଲିକ୍ ଗୀର୍ଜାଟିଏ ସୁଦ୍ଧା ନ ଥିଲା। ଏଣୁ ସେମାନେ ପ୍ରାରମ୍ଭିକ ବସ୍ତିବାସିନ୍ଦା ରୂପେ ଆସିଥିଲେ, ଦୁଇଜଣ ବ୍ରାନହାମ୍ ଆସିଥିଲେ, ଏବଂ ସେଥିରୁ ସମ୍ପୂର୍ଣ୍ଣ ବ୍ରାନହାମର ପୀଢୀ ଉତ୍ପନ୍ନ ହେଲା; ଏହା ପରିବାରର ବଂଶାବଳୀ ଅଟେ।

48 ଏବଂ ତାହାପରେ ସେ ଖୋଲିଲା...ଯେତେବେଳେ ସେମାନେ ଏହି ଝରକା ଖୋଲିଲେ ଓ ଏହି ପ୍ରକାଶ ସେଠାରେ ଉପସ୍ଥିତ ଥିଲା, ସେମାନେ କଅଣ କରିବେ ତାହା ଜାଣି ନ ଥିଲେ। ଏହି ଘଟଣା ନିମନ୍ତେ ବାପା ନିଜ ପାଇଁ (ମାଆ କହନ୍ତି) ଏକ ନୂଆ ଯୋଡ଼ି ଶୀତକାଳୀନ ଓୱରଅଲ ବସ୍ତ୍ର କିଣିଥିଲେ। ସେ ଛିଡ଼ା ହୋଇଥିଲେ...ସେହି ପୁରୁଣା ଓୱରଅଲ ବସ୍ତ୍ରର ମୁଣାରେ ନିଜର ବାହୁଦ୍ୱୟକୁ ଗୁଞ୍ଜିଦେଇ, ଯେପରିକି ସେହି ସମୟରେ ଜଙ୍ଗଲ ନିବାସୀ ଓ କାଠ କଟାଳୀମାନେ ବ୍ୟବହୃତ କରୁଥିଲେ। ଏବଂ ଏହା ସେମାନଙ୍କୁ ଭୟଭୀତ କରି ଦେଇଥିଲା।

49 ତେବେ, ବୋଧହୁଏ ମୋତେ ଦଶ ଦିନ ହୋଇଥିବା ପରେ, କିଅବା ସେପରି କିଛି, ସେମାନେ ମୋତେ "ଓପୋସମ୍ କିଙ୍ଗଡମ୍," ନାମରେ ଏକ ସାନ ବାପ୍ଟିଷ୍ଟ ଗୀର୍ଜାକୁ ନେଇଗଲେ, ଓପୋସମ୍ କିଙ୍ଗଡମ୍ ବାପ୍ଟିଷ୍ଟ ଗୀର୍ଜା। ତାହା ଏକ ଉତ୍ତମ ନାମ ଅଟେ। ସେଠାରେ ଜଣେ ପୁରୁଣା ସର୍କିଟ ପ୍ରଚାରକ ଥିଲେ, ସେହି ପୁରୁଣା-କାଳିଆ ବାପ୍ଟିଷ୍ଟ ପ୍ରଚାରକ ସେଠାକୁ ପ୍ରତ୍ୟେକ ଦୁଇ ମାସରେ ଥରେ ଆସୁଥିଲେ। ସେଦିନ...ଲୋକମାନେ ଏକତ୍ର ମିଶି ଏକ ଅଳ୍ପ ସେବା କରୁଥିଲେ, ସେମାନେ ଯାଇ କିଛି ଗୀତ ଗାଉଥିଲେ, ମାତ୍ର ସେମାନେ ସେହି ସର୍କିଟ ଆରୋହୀଙ୍କ ଉପରେ ଅତ୍ୟଧିକ ଭାବରେ ପ୍ରଚାରର ଭାର ଦେଉଥିଲେ। ସେମାନେ

ତାଙ୍କୁ ପ୍ରତିବର୍ଷ ଏକ ଅଖା କଖାରୁ ଏବଂ ସେହିପରି କିଛି ଜିନିଷ ମୂଲ୍ୟ ଭାବରେ ଦେଉଥିଲେ, ଆପଣମାନେ ଜାଣନ୍ତି, ଯେ ଲୋକମାନେ ତାହା ଦେବା ପାଇଁ ଚାଷ କରୁଥିଲେ । ଏବଂ ସେହି ପୁରୁଣା ପ୍ରଚାରକ ଆସିଲେ, ଓ ସେଠାରେ ଏକ ଛୋଟ ପିଲା ଭାବରେ ମୋ ପାଇଁ ପ୍ରାର୍ଥନା କଲେ । ଗୀର୍ଜାକୁ ତାହା ମୋର ପ୍ରଥମ ଯାତ୍ରା ଥିଲା ।

50 ପ୍ରାୟଃ ବର୍ଷରେ...ଦୁଇ ବର୍ଷରୁ ଟିକେ ଅଧିକ ହୋଇଥିବ, ପ୍ରଥମ ଦର୍ଶନ ଉପସ୍ଥିତ ହୋଇଥିଲା ।

51 ତେବେ, ସେମାନେ ସେଠାରେ ପର୍ବତାଞ୍ଚଳରେ କହି ଦେଇଥିଲେ ଯେ ଏହି ପ୍ରକାଶ ଆସିଥିଲା । ତେଣୁ ସେମାନେ ଏହାକୁ ଜାଣିବାକୁ ଚେଷ୍ଟା କରିଥିଲେ । ସେମାନଙ୍କ ମଧ୍ୟରୁ କେତେକ କହିଲେ ଯେ ଏହା ନିଶ୍ଚିତ ଭାବରେ ଘରର ଏକ ଦର୍ପଣରେ ପ୍ରତିଫଳିତ ହେଉଥିବା ସୂର୍ଯ୍ୟକିରଣ ହୋଇଥିବ । ମାତ୍ର ସେଠାରେ କୌଣସି ଦର୍ପଣ ନ ଥିଲା । ଏବଂ ସୂର୍ଯ୍ୟ ଉଦୟ ହୋଇ ନ ଥିଲା, ତେଣୁ ତାହା ଅତ୍ୟଧିକ ଚଞ୍ଚଳ ଥିଲା, ପାଞ୍ଚଟା ବାଜିଥିଲା । ଏବଂ ତାହାପରେ, ଓଃ, ସେମାନେ କେବଳ ଏହାକୁ ଅତିକ୍ରମ କରି ଚାଲିଗଲେ । ଆଉ ଯେତେବେଳେ ମୁଁ ପ୍ରାୟଃ... ଧରି ନିଆଯାଉ ତିନି ବର୍ଷର ପାଖାପାଖି ଥିଲି...

52 ତେବେ, ମୋତେ ସଚ୍ଚୋଟ ରହିବାକୁ ଅଛି । ଏଠାରେ କିଛି ବିଷୟ ଅଛି ଯାହା ମୁଁ କହିବାକୁ ପସନ୍ଦ କରେ ନାହିଁ, ଏବଂ ମୋର ଇଚ୍ଛା ଯେ ମୁଁ ତାହାକୁ ଉଇହ୍ୟ କରି ଦେଇପାରନ୍ତି ଏବଂ ତାହାକୁ କହିବାକୁ ନ ପଡ଼ନ୍ତା । ମାତ୍ର ତଥାପି, ସତ କହିବାକୁ ଗଲେ, ଯଦି ଏହା ଆପଣଙ୍କ ଉପରେ କିମ୍ବା ଆପଣଙ୍କ ଲୋକମାନଙ୍କ ଉପରେ ଥାଏ ତେବେ ଆପଣଙ୍କୁ ସତ କହିବା ଉଚିତ୍ । ଏହା ବିଷୟରେ ସଚ୍ଚୋଟ ରୁହନ୍ତୁ, ଏବଂ ତାହାପରେ ଏହା ସର୍ବଦା ସମାନ ଅଟେ ।

53 ମୋ ବାପା ଜଣେ ଧାର୍ମିକ ବ୍ୟକ୍ତି ହେବାଠାରୁ ବହୁତ ଦୂରରେ ଥିଲେ । ସେ ତ ଜଣେ ପର୍ବତାଞ୍ଚଳର ସାଧାରଣ ବାଳକ ଥିଲେ, ଯିଏକି ସବୁ ସମୟରେ, ନିରନ୍ତର ମଦ୍ୟପାନ କରୁଥିଲେ । ଏବଂ ସେ ଏକ ଝଗଡ଼ାକୁ ନେଇ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲେ, ଏବଂ ସେଠାରେ ଦୁଇ କିମ୍ବା ତିନିଜଣ ପ୍ରାୟଃ ମରିବା ପରି ହୋଇଥିଲେ ଯେତେବେଳେ ସେହି ପର୍ବତାଞ୍ଚଳରେ କୌଣସି ଏକ ଆମୋଦ ପ୍ରମୋଦର ଉତ୍ସବରେ, ସେମାନେ ଝଗଡ଼ା କରିଥିଲେ, ଗୁଳି ଚାଳନା କରିଥିଲେ ଏବଂ ପରସ୍ପରକୁ ଛୁରୀରେ କଟାକଟି କରିଥିଲେ । ଏବଂ ବାପା ଏହି ଝଗଡ଼ାର ମୁଖ୍ୟ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ, କାରଣ ସେଠାରେ ତାଙ୍କର ଜଣେ ବନ୍ଧୁ ଆହତ ହୋଇଥିଲେ ଏବଂ କାହାରି ଜଣକାକୁ ଗୋଟିଏ ଚୌକୀରେ ମାରି ଦେଇଥିଲେ । ଏବଂ ରହିଥିଲା...ସେହି ବ୍ୟକ୍ତିଜଣକ ଛୁରୀ ବାହାର କରି ବାପାଙ୍କର ବନ୍ଧୁର ଆଙ୍ଗୁଳି କାଟିବାକୁ ଯାଉଥିଲେ ଏହି ଛୁରୀ ସହିତ ଭୂମି ଉପରେ, ତାଙ୍କ ହୃଦୟକୁ ଘାତ କରିବାକୁ ଯାଉଥିଲେ, ଆଉ ବାପା ତାଙ୍କର ଅଂଶ ଗ୍ରହଣ କଲେ । ଏବଂ ଏହା ପ୍ରକୃତରେ ଏକ ଭୟଙ୍କର ଝଗଡ଼ା ହୋଇଥିବ, କାରଣ ସେମାନେ, ବହୁ ମାଇଲ୍ ଦୂରରୁ ବୁର୍କସଭିଲେ ପର୍ଯ୍ୟନ୍ତ,

ଏତେ ବାଟରୁ, ସେମାନେ ବାପାଙ୍କ ପଛରେ, ଘୋଡ଼ା ଉପରେ ଜଣେ ଆଇନ ରକ୍ଷକଙ୍କୁ ପଠାଇଥିଲେ ।

54 ତେଣୁ ସେହି ବ୍ୟକ୍ତିଜଣକ ମୃତ୍ୟୁ ମୁଖରେ ପଡ଼ି ରହିଥିଲେ । ହୋଇପାରେ ତାଙ୍କର କିଛି ଲୋକ ଏଠି ଶୁଣୁଥିବେ । ମୁଁ ତାଙ୍କର ନାମ ଡାକିବାକୁ ଯାଉଅଛି, ୱିଲ୍ ୟାରବ୍ରୋ ତାଙ୍କ ନାମ ଥିଲା । ସେମାନେ ବୋଧହୁଏ...ମୁଁ ଭାବୁଛି ସେମାନଙ୍କ ମଧ୍ୟରୁ, ତାଙ୍କ ପୁଅମାନଙ୍କ ମଧ୍ୟରୁ କେତେକ କାଲିଫର୍ଣ୍ଣିଆରେ ଅଛନ୍ତି । ମାତ୍ର ସେ ଜଣେ ଦାଦା ପରିକା, ବିରାଟ ଶକ୍ତିଶାଳୀ ବ୍ୟକ୍ତି ଥିଲେ, ନିଜର ପୁଅକୁ ଏକ କଣ୍ଟା ବାଡ଼ ଦ୍ୱାରା ହତ୍ୟା କରିଥିଲେ । ଏଣୁ ସେ—ସେ ଜଣେ ବହୁତ ଶକ୍ତିଶାଳୀ ଓ ଦୁଷ୍ଟ ଲୋକ ଥିଲେ । ଆଉ ତେଣୁକରି ତାହାଙ୍କର ଓ ବାପାଙ୍କ ମଧ୍ୟରେ ଏକ ବଡ଼ ଛୁରୀ ଲଢେଇ ହୋଇଥିଲା । ଏବଂ ମୋ ବାପା ପ୍ରାୟଃ ସେହି ବ୍ୟକ୍ତିଙ୍କୁ ହତ୍ୟା କରି ଦେଇଥିଲେ, ତେଣୁ ତାଙ୍କୁ ପଳାୟନ କରି କେଣ୍ଟକି ପ୍ରଦେଶ ଛାଡ଼ିଦେବାକୁ ପଡ଼ିଥିଲା ଏବଂ ନଦୀ ପାର ହୋଇ ଇଣ୍ଡିୟାନାକୁ ଆସିବାକୁ ପଡ଼ିଥିଲା ।

55 ଏବଂ ତାଙ୍କର ଏକ ଭାଇ ଥିଲେ, ଯିଏକି ସେହି ସମୟରେ, କେଣ୍ଟକି ପ୍ରଦେଶର, ଲୁଇସଭିଲେରେ ରହୁଥିଲେ, ସେ ଲୁଇସଭିଲେ, କେଣ୍ଟକିରେ ଥିବା ଉଡ୍ ମୋସାଇକ୍ ସ ମିଲ୍ସର ସହକାରୀ ଅଧୀକ୍ଷକ ଥିଲେ । ଏଣୁ ବାପା ତାଙ୍କର ବଡ଼ ଭାଇକୁ ଖୋଜିବାକୁ ଆସିଲେ । ବାପା ସତରଟି ସନ୍ତାନମାନଙ୍କ ମଧ୍ୟରୁ, ପୁଅମାନଙ୍କ ମଧ୍ୟରେ ସବୁଠୁ ସାନ ଥିଲେ । ଆଉ ତେଣୁ ସେ ତାଙ୍କର ବଡ଼ ଭାଇକୁ ଖୋଜିବାକୁ ଆସିଲେ, ଏବଂ ଯେତେବେଳେ ସେ ପ୍ରାୟଃ ଏକ ବର୍ଷ ପାଇଁ ଚାଲି ଯାଇଥିଲେ । ସେ ଫେରି ଆସିପାରିଲେ ନାହିଁ, କାରଣ ଆଇନ ତାଙ୍କୁ ଖୋଜୁଥିଲା । ଏବଂ ତାହାପରେ ଯେତେବେଳେ ଆମେ ତାଙ୍କଠାରୁ ଚିଠି ଦ୍ୱାରା ଶୁଣିଲୁ, ଯାହାକି ଅନ୍ୟ ନାମରେ ଦସ୍ତଖତ ହୋଇଥିଲା, ମାତ୍ର ସେ ମାଆଙ୍କୁ କହିଥିଲେ ଯେ ଏହା ଏପରି ହେବ ଯେ ସେ ତାଙ୍କଠାରୁ ଖବର ଶୁଣିବେ ।

56 ଏବଂ ତାହାପରେ ମୋର ଦିନେ ମନେ ପଡ଼ିଲା ଯେ ସେହି ଝରଣା (ଏହି ଛୋଟ କ୍ୟାବିନ) ଠିକ୍ ଘର ପଛରେ ଥିଲା । ଏବଂ—ଏବଂ ତାହାପରେ ସେହି ସମୟକାଳରେ...ନଅଟି...ମୋ ଏବଂ ମୋର ପରବର୍ତ୍ତୀ ଭାଇ ମଧ୍ୟରେ ଏଗାର ମାସର ପାର୍ଥକ୍ୟ ଥିଲା, ଏବଂ ସେ ଏବେ ମଧ୍ୟ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିଲା । ଏବଂ ମୋ ହାତରେ ଏକ ବଡ଼ ପଥର ଥିଲା, ଆଉ ମୁଁ ତାକୁ ଏହା ଦେଖାଇବାକୁ ଚେଷ୍ଟା କରୁଥିଲି ଯେ ମୁଁ ଏହି ପଥରକୁ ସେହି ପୁରୁଣା କାଦୁଅ ଭିତରେ କେତେ ଗଭୀର ଫିଙ୍ଗି ପାରିବି, ଯେଉଁଠାରେକି ସେହି ଝରଣା ଭୂମି ଉପରେ ବୋହି ଯାଇଥିଲା ଓ ଭୂମିକୁ କାଦୁଅ କରି ଦେଇଥିଲା । ଆଉ ମୁଁ ଗୋଟିଏ ପକ୍ଷୀକୁ ଶୁଣିଲି, ଏବଂ ତାହା ଏକ ଗଛ ଉପରେ ଗୀତ ଗାନ କରୁଥିଲା । ଏବଂ ମୁଁ ସେହି ଗଛକୁ ଅନାଇଲି ଆଉ ସେହି ପକ୍ଷୀଟି ଉଡ଼ିଗଲା, ଏବଂ ଯେତେବେଳେ ତାହା ହେଲା, ଏକ ରବ ମୋ ସହିତ କଥା ହେଲା ।

57 ତେବେ, ମୁଁ ଜାଣେ ଯେ ଆପଣ ଭାବୁଛନ୍ତି ମୁଁ ତାହା ଚିନ୍ତା କରିପାରେ ନାହିଁ ଓ ସ୍ମରଣ କରିପାରେ ନାହିଁ । ମାତ୍ର ସଦାପ୍ରଭୁ ପରମେଶ୍ୱର ଯିଏକି ବିଚାରକର୍ତ୍ତା ଅଟନ୍ତି, ପୃଥିବୀ, ଏବଂ

ଆକାଶମଣ୍ଡଳ ଓ ସମସ୍ତକିଛି ବିଷୟ ଯାହା ଏଠାରେ ଅଛି, ଜାଣନ୍ତି ଯେ ମୁଁ ସତ୍ୟ କହୁଅଛି ।

58 ସେହି ପକ୍ଷୀଟି, ଯେତେବେଳେ ତାହା ଉଡ଼ି ଚାଲିଗଲା, ସେତେବେଳେ ସେହି ସ୍ଥାନରୁ ଯେଉଁଠାରେ ସେହି ପକ୍ଷୀଟି ଗଛରେ ଥିଲା ସେଠାରୁ ଏକ ରବ ଆସିଲା, ଯେପରିକି ବୁଦା ଭିତରେ ପବନ ରହି ଯାଇଥାଏ, ଆଉ ତାହା କହିଲା, "ତୁମେ ନ୍ୟୁ ଆଲବାନି ନାମକ ଏକ ସହର ନିକଟରେ ରହିବ ।" ଏବଂ ମୁଁ, ମୋର ତିନି ବର୍ଷ ବୟସରୁ ଏହି ସମୟ ପର୍ଯ୍ୟନ୍ତ, ଇଣ୍ଡିୟାନାର, ନ୍ୟୁ ଆଲବାନିର ସହରର ତିନି ମାଇଲ ଭିତରେ ରହିଅଛି ।

59 ମୁଁ ଭିତରକୁ ଗଲି ଏବଂ ମୋ ମାଆଙ୍କୁ ଏହା ବିଷୟରେ କହିଲି । ତେବେ, ସେ ଭାବିଲା ଯେ ମୁଁ ବୋଧେ ସ୍ୱପ୍ନ ଦେଖୁଥିଲି କିମ୍ବା ସେପରି କିଛି ।

60 ପରେ ଆମେ ଇଣ୍ଡିୟାନା ପ୍ରଦେଶକୁ ଚାଲିଗଲୁ ଏବଂ ବାପା ଜଣେ ଧନୀ ବ୍ୟକ୍ତି, ଶ୍ରୀ ୱାଥେନଙ୍କ ପାଇଁ କାମ କରିବାକୁ ଗଲେ । ସେ ୱାଥେନ୍ ଡିଷ୍ଟିଲେରୀଗୁଡ଼ିକର ମାଲିକ ଥିଲେ । ଏବଂ ସେ ଜଣେ ବଡ଼ ଅଂଶଧାରକ ଥିଲେ; ସେ ଜଣେ କୋଟିପତି ଥିଲେ, ଏବଂ ଲୁଇସଭିଲେ କଲୋନେଲ୍ସ, ଏବଂ—ଏବଂ ବେସବଲ୍, ଏବଂ ଅନ୍ୟାନ୍ୟରେ ତାଙ୍କର ଅଂଶ ଥିଲା । ଏବଂ ତାହାପରେ ଆମେ ସେଠାରେ ତାହାର ନିକଟରେ ରହିଲୁ । ଏବଂ ବାପା ଜଣେ ଗରିବ ଲୋକ ହୋଇଥିବା ସତ୍ତ୍ୱେ, ତଥାପି ସେ ମଦ୍ୟପାନ ବିନା ଚଳିପାରୁ ନ ଥିଲେ, ତେଣୁ ସେ—ସେ ଏକ ମଦଶାଳାରେ ୱିସ୍କି ତିଆରି କରିବାକୁ ଗଲେ ।

61 ଏବଂ ତାହାପରେ ଏହା ମୋ ଉପରେ ଏକ ପ୍ରକାର କଷ୍ଟକର ହୋଇଆସିଲା ଯେହେତୁ ମୁଁ ପିଲାମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଥିଲି । ମୋତେ ଆସି ଏହି ମଦଶାଳାରେ ପାଣୀ ଭରିବାକୁ ଥିଲା, ଯେପରିକି ସେମାନେ ୱିସ୍କି ତିଆରି କରୁଥିବା ସମୟରେ ସେହି ଭାଟିର କଏଲଗୁଡ଼ିକ ଥଣ୍ଡା ରୁହେ । ତାହାପରେ ସେ ଏହାକୁ ବିକ୍ରୟ କରିବାକୁ ଯାଆନ୍ତି, ଆଉ ତାହାପରେ ତାଙ୍କ ପାଖରେ ଦୁଇଟି କିମ୍ବା ତିନୋଟି ମଦଶାଳା ରହିଥାଏ । ତେବେ, ଏହା ସେହି ଅଂଶ ଅଟେ ଯାହା ମୁଁ କହିବାକୁ ପସନ୍ଦ କରେ ନାହିଁ, ମାତ୍ର ଏହା ସତ୍ୟ ଅଟେ ।

62 ଆଉ ମୋର ମନେ ଅଛି ଦିନେ, ଅମାରରୁ, ଘରକୁ କାନ୍ଦି କାନ୍ଦି ଆସିଥିଲି । କାରଣ ସେହି ସ୍ଥାନର ପଛ ଭାଗରେ ଏକ ପୋଖରୀ ଥିଲା, ଏହା…ଯେଉଁଠାରେ ସେମାନେ ବରଫ କାଟୁଥିଲେ । ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ମନେଥିବ ଯେତେବେଳେ ସେମାନେ ବରଫ କାଟୁଥିଲେ ଏବଂ ଏହାକୁ କାଠଗୁଣ୍ଡରେ ରଖୁଥିଲେ । ତେବେ, ସେହି ଉପାୟରେ ହିଁ ଶ୍ରୀ ୱାଥେନ୍ ସେହି ଅଞ୍ଚଳରେ ବରଫ ରଖୁଥିଲେ । ଆଉ ବାପା ତାଙ୍କ ପାଇଁ ଜଣେ—ଜଣେ ଗାଡ଼ି ଚାଳକ ଥିଲେ, ଏକ ବ୍ୟକ୍ତିଗତ ଗାଡ଼ି ଚାଳକ । ଏବଂ ଯେତେବେଳେ ସେହି…ଏହି ପୋଖରୀଟି ମାଛରେ ପରିପୂର୍ଣ୍ଣ ହେଉଥିଲା ଆଉ ଯେତେବେଳେ ସେମାନେ ବରଫ କାଟିବାକୁ ଯାଉଥିଲେ ଏବଂ ଏହାକୁ ଭିତରକୁ ଆଣୁଥିଲେ ଓ କାଠଗୁଣ୍ଡରେ ରଖୁଥିଲେ, ତାହାପରେ ଯେତେବେଳେ ଗ୍ରୀଷ୍ମଋତୁରେ ବରଫ ତରଳି ତଳକୁ ଯାଉଥିବା ବେଳେ, ମୁଁ ଭାବୁଛି ଏହା ଏକ ପ୍ରକାର ପରିଷ୍କାର ଦିଶୁଥିଲା, ହ୍ରଦରେ ବରଫ ଥିବା ପରି, ଏବଂ ସେମାନେ ଏହାକୁ ବ୍ୟବହାର କରିପାରୁ ଥିଲେ,

ପିଇବା ପାଇଁ ନୁହେଁ, ବରଂ ଜଳକୁ ଥଣ୍ଡା ରଖିବା ପାଇଁ, ଏହାକୁ ସେମାନଙ୍କର ବାଲ୍ଟି ଏବଂ ସେମାନଙ୍କର କ୍ଷୀର, ପ୍ରଭୃତି ଚାରିପାଖରେ ରଖିପାରୁ ଥିଲେ।

63 ଆଉ ଦିନେ ପଛ ପଟରେ ଥିବା ଏହି ପମ୍ପରୁ ପାଣି ନେଇକି ଆସୁଥିଲି, ଯାହାକି ଅଳ୍ପ ବାଟ ଦୂରରେ ଥିଲା। ମୁଁ ଉଚ୍ଚ ପାଟିରେ ଚିତ୍କାର କରୁଥିଲି ଯେ କାହା ପାଖରେ ତାହା ନ ଥିବ, କାରଣ ମୁଁ ବିଦ୍ୟାଳୟରୁ ଆସିଥିଲି ଏବଂ ସମସ୍ତ ପିଲାମାନେ ମାଛ ଧରିବା ପାଇଁ, ପୋଖରୀକୁ ଯାଇଥିଲେ। ମୁଁ ମାଛ ଧରିବାକୁ କେତେ ଭଲ ପାଏ। ଆଉ ତେଣୁକରି ସେମାନେ ସମସ୍ତେ ମାଛ ଧରିବାକୁ ଚାଲିଗଲେ ମୋ ବ୍ୟତୀତ, ପୁଣି ମୋତେ ଏହି ମଦଶାଳା ପାଇଁ ପାଣି ଭରିବାକୁ ପଡ଼ିଥିଲା। ଅବଶ୍ୟ, ହେ ମୋର ପ୍ରଭୁ, ତାହା ନୀରବ ରହିବାକୁ ଥିଲା, ଏହା ନିଷେଧର ସମୟ ଥିଲା। ଆଉ ମୁଁ...ଏହା ଏତେ କଷ୍ଟକର ସମୟ ଥିଲା। ଏବଂ ମୋର ମନେ ଅଛି ଏକ ଥୁଣ୍ଟ ଆଙ୍ଗୁଠି ସହିତ ସେଠାକୁ ଆସୁଥିଲି, ଏବଂ ମୁଁ ମୋର ଆଙ୍ଗୁଠି ତଳେ ଏକ ମକାକୁ ଗୁଡ଼ାଇ ବାନ୍ଧି ରଖୁଥିଲି ଯେପରିକି ତାହା ଧୂଳିରୁ ବଞ୍ଚି ରୁହେ। କଅଣ ଆପଣ ତାହା କେବେ କରିଛନ୍ତି କି? ଗୋଟିଏ ମକାକୁ ଏହିପରି ଭାବରେ ଆଙ୍ଗୁଠି ତଳେ ରଖିଦେଇ ତାହାର ଚାରିଆଡ଼େ ଏକ ଦଉଡିକୁ ଗୁଡ଼ାଇଛନ୍ତି। ଏହା ଆପଣଙ୍କର ଆଙ୍ଗୁଠିକୁ କଇଁଛ ମୁଣ୍ଡକୁ ଟେକିଲା ପରି ଠିକ୍ ଟେକି ଧରିଥାଏ, ଆପଣ ଜାଣନ୍ତି, ମୁଣ୍ଡ ଟେକିଥାଏ। ମୁଁ ମୋର ଆଙ୍ଗୁଠି ତଳେ ଏହି ମକାକୁ ବାନ୍ଧି ଯେଉଁଆଡେ ବି ଯାଏ ଆପଣ ମୋର ଯିବା ବାଟକୁ ଜାଣିପାରନ୍ତି; ଯେଉଁଠାକୁ ବି ମୁଁ ଯାଏ, ଆପଣ ଜାଣନ୍ତି। ମୋର ପିନ୍ଧିବା ପାଇଁ କୌଣସି ଜୋତା ନ ଥିଲା। ଏଣୁ ଆମେ କେବେ ଜୋତା ପିନ୍ଧି ନ ଥିଲୁ, କେବେ କେବେ ତ ଶୀତ ଋତୁର ଅଧା ସମୟ ମଧ୍ୟ। ଯଦି ଆମେ ପିନ୍ଧିଥିଲୁ, ଆମେ...ଏହା କେବଳ ତାହା ଥିଲା ଯାହା ଆମେ ଗୋଟାଇ ପାରିଥିଲୁ, କେହି ଜଣେ ଆମକୁ ଦେଇଥିଲେ। ଏବଂ କାହାରି ପାଇଁ ପୋଷାକ, ଦାନ ଆମକୁ ପ୍ରଦାନ କରିଥିଲା।

64 ଆଉ ମୁଁ ଏହି ଗଛ ତଳେ ଅଟକି ଗଲି, ଏବଂ ମୁଁ ସେଠାରେ ବସି ରହି କେବଳ ଉଚ୍ଚ ପାଟିରେ ଚିତ୍କାର କରିଥିଲି (ଏହା ସେପ୍ଟେମ୍ବରରେ ଥିଲା) କାରଣ ମୁଁ ମାଛ ଧରିବାକୁ ଯିବାକୁ ଚାହୁଁଥିଲି, ମୋତେ ଛୋଟ ଛୋଟ ବାଲ୍ଟିରେ ଅନେକ ଟବ୍ ପାଣି ଭରିବାକୁ ପଡ଼ିଥିଲା, ପ୍ରାୟଃ ଠିକ୍ ସେତିକି ଉଚ୍ଚ, ଅଧା ଗ୍ୟାଲନ୍, କାରଣ ମୁଁ ପ୍ରାୟଃ ସାତ ବର୍ଷର ଛୋଟ ବାଳକଟିଏ ଥିଲି। ଏବଂ ମୁଁ ସେଗୁଡ଼ିକୁ ଏକ ବଡ଼ ଟବରେ ଢାଳୁଥିଲି ଓ ତାହାପରେ ଫେରି ଯାଉଥିଲି ଏବଂ ଆଉ ଦୁଇଟି ବାଲ୍ଟି ପାଣି ନେଇ ଆସୁଥିଲି, ଓ ତାହାକୁ ଭରୁଥିଲି। ତାହା ହି ସେହି ଜଳ ଯାହା ଆମ ପାଖରେ ଥିଲା। ଏବଂ ସେମାନେ ସେହି ରାତ୍ରିରେ ସେହି ମକା ୱିସ୍କିର ଏକ ଛେକ ପ୍ରସ୍ତୁତ କରିବାକୁ ଯାଉଥିଲେ, ଏହି ଲୋକମାନେ ବାପାଙ୍କ ସହିତରେ, ସେଠାରେ ଉପରେ ଘରେ।

65 ଆଉ ମୁଁ କାନ୍ଦୁଥିଲି, ଏବଂ ହଠାତ୍ ମୁଁ ଏକ ଘୂର୍ଣ୍ଣିବାତ୍ୟା ପରି ଶବ୍ଦ କରୁଥିବା କିଛି ଗୋଟାଏ ବିଷୟକୁ ଶୁଣିଲି, ଏହିପରି କିଛି ବିଷୟ (ବର୍ତ୍ତମାନ, ମୁଁ ଆଶା କରେ ଏହା ଅଧିକ ଉଚ୍ଚ ହେଉ ନାହିଁ), ଯାହାକି "ହୁଉଉଶ, ହୁଉଉଶ," ପରି କେବଳ ଏକ ଶବ୍ଦ କରି ଯାଉଥିଲା। ତେବେ, ଏହା ଅତ୍ୟନ୍ତ ଶାନ୍ତ ଥିଲା, ଏବଂ ମୁଁ ଚାରିପାଖକୁ ଅନାଇଲି। ପୁଣି ଆପଣ ଜାଣନ୍ତି ଯେ କଅଣ,

ଏକ ଛୋଟ ଘୂର୍ଣ୍ଣିବାତ୍ୟା, ମୁଁ ବିଶ୍ୱାସ କରେ ଆପଣ ସେମାନଙ୍କୁ ଏକ ଛୋଟ ଛୋଟ ଘୂର୍ଣ୍ଣିବାତ୍ୟା ବୋଲି କୁହନ୍ତି? ବର୍ଷର ପତ୍ରଝଡ଼ା ସମୟରେ ସେମାନେ ଶସ୍ୟ କ୍ଷେତ ଦେଇ ଉଠନ୍ତି, ଆପଣ ଜାଣନ୍ତି, ପତ୍ର ଇତ୍ୟାଦି ଦେଇ, ସେଠାରେ ଶରତ ରୁତୁରେ, ପତ୍ରଗୁଡ଼ିକର ରଙ୍ଗ ବଦଳିବା ଆରମ୍ଭ ହୋଇଥାଏ । ଏବଂ ମୁଁ ଏକ ବଡ଼ ଧଳା ପପଲର୍ ଗଛ ତଳେ ଥିଲି, ଅମାର ଏବଂ ଘର—ର ମଝିରେ ପ୍ରାୟଃ ଅଧା ବାଟରେ ଠିଆ ହୋଇଥିଲି । ଏବଂ ମୁଁ ସେହି ଶବ୍ଦ ଶୁଣିଲି । ଆଉ ମୁଁ ଚାରିପାଖକୁ ଅନାଇଲି, ତାହା ସେତିକି ଶାନ୍ତ ଥିଲା ଯେତିକି ଶାନ୍ତ ଏହି କୋଠରୀରେ ଅଛି । କୌଣସିଠାରେ ଗୋଟିଏ ପତ୍ରଟିଏ ସୁଦ୍ଧା ଉଡୁ ନ ଥିଲା, କିଅବା କିଛି ହେଉ ନ ଥିଲା । ଏବଂ ମୁଁ ଭାବିଲି, "ସେହି ଶବ୍ଦ କେଉଁଠାରୁ ଆସୁଅଛି?" ତେବେ, ମୁଁ ଭାବିଲି, "ନିଶ୍ଚିତ ଏଠାରୁ ଦୂରରେ ହୋଇଥିବ ।" କେବଳ ବାଳକଟିଏ ଥିଲି । ଏବଂ ସେହି ଶବ୍ଦ ଅଧିକ ଉଚ୍ଚ ଅଧିକ ଉଚ୍ଚତର ହେବାକୁ ଲାଗିଲା ।

66 ମୁଁ ମୋର ଛୋଟ ବାଲ୍ଟି ଉଠାଇଲି ଓ ଦୁଇ ତିନିଥର ଚିତ୍କାର କଲି ଏବଂ ସେହି ଗଳିପଥ ଦେଇ ଉପରକୁ ଯିବା ଆରମ୍ଭ କଲି, ମୁଁ ବିଶ୍ରାମ ନେଉଥିଲି । ଆଉ ମୁଁ ସେଥିରୁ କିଛି ଅଳ୍ପ ଫୁଟ ଦୂର ଯାଇଥିଲି, ଏହି ବଡ଼ ଗଛର ଶାଖାଗୁଡ଼ିକର ତଳରୁ, ଏବଂ, ଓଃ, ମୋର ପ୍ରଭୁ, ତାହା ଏକ ଘୂର୍ଣ୍ଣିବାତ୍ୟା ଶବ୍ଦ କଲା । ଆଉ ମୁଁ ଦେଖିବା ପାଇଁ ବୁଲି ପଡ଼ିଲି, ଏବଂ ପ୍ରାୟଃ ଅଧା ଦୂର ସେହି ଗଛ ଉପରେ ସେଠାରେ ଆଉ ଏକ ଘୂର୍ଣ୍ଣିବାତ୍ୟା ଥିଲା, ସେହି ଗଛରେ ଘୂର୍ଣ୍ଣିୟମାନ ରହିଥିଲା ଓ ତାହାର ଚାରିପାଖରେ ବୁଲୁଥାଇ, ସେହି ପତ୍ରଗୁଡ଼ିକୁ ହଲାଉଥିଲା । ତେବେ, ମୁଁ ସେହି ବିଷୟରେ କିଛି ବିଚିତ୍ର ବୋଲି ଭାବିଲି ନାହିଁ କାରଣ ବର୍ଷର ସେହି ସମୟରେ, ଏବଂ ଶରତ ରୁତୁରେ ଏହା, କାହିଁକି, ସେହି ଘୂର୍ଣ୍ଣିବାତ୍ୟାଗୁଡ଼ିକ ଆସିଥାଏ । ଛୋଟ...ଆମେ ସେଗୁଡ଼ିକୁ "ଘୂର୍ଣ୍ଣିବାତ୍ୟା" ବୋଲି ଡାକିଥାଉ । ଏବଂ ସେମାନେ—ଏବଂ ସେମାନେ ଧୂଳି ଉଠାଇଥାନ୍ତି । ଆପଣ ସେଗୁଡିକୁ ସେହିପରି ଭାବରେ ମରୁଭୂମିରେ ଦେଖିଥିବେ । ସମାନ କଥା । ତେଣୁ ମୁଁ ଦେଖିଲି, ମାତ୍ର ଏହା ଛାଡିଲା ନାହିଁ । ସାଧାରଣତଃ ଏହା ଅଳ୍ପ କ୍ଷଣ ପାଇଁ କେବଳ ଏକ ଧୂଳିଝଡ଼ ଅଟେ, ତାହାପରେ ଏହା ଚାଲିଯାଏ, ମାତ୍ର ଏହା ସେଠାରେ ଦୁଇ ମିନିଟ୍ କିମ୍ବା ଅଧିକ ସମୟ ଯାଏଁ ରହିଥିଲା ।

67 ତେବେ, ମୁଁ ପୁଣି ଥରେ ସେହି ଗଳିପଥ ଦେଇ ଯିବା ଆରମ୍ଭ କଲି । ଏବଂ ମୁଁ ଏହାକୁ ପୁନର୍ବାର ଦେଖିବା ପାଇଁ ବୁଲି ପଡ଼ିଲି । ଆଉ ଯେତେବେଳେ ଏହା କଲା, ଏକ ମାନବୀୟ ସ୍ୱର ଠିକ୍ ଯେପରିକି ମୋର ଶବ୍ଦ ଶୁଣାଯାଏ, କହିଲା, "ତୁମେ କଦାପି ମଦ ପିଇବ ନାହିଁ, ଧୂମ୍ରପାନ କରିବ ନାହିଁ, କିମ୍ବା ଶରୀରକୁ କୌଣସି ପ୍ରକାରେ ଅପବିତ୍ର କରିବ ନାହିଁ । ଯେତେବେଳେ ତୁମେ ବୟୋପ୍ରାପ୍ତ ହେବ ସେତେବେଳେ ତୁମକୁ କରିବା ପାଇଁ ଏକ କାମ ହେବ ।" କାହିଁକି, ତାହା ତ ମୋତେ ମୃତ୍ୟୁପ୍ରାୟଃ ଭୟଭୀତ କରାଇ ଦେଲା! ଆପଣ କଳ୍ପନା କରିପାରୁ ଥିବେ ଯେ ଜଣେ ଛୋଟ ପିଲା କିପରି ଅନୁଭବ କରିଥିବ । ମୁଁ ସେହି ବାଲ୍ଟିଗୁଡ଼ିକୁ ଫୋପାଡି ଦେଲି, ଏବଂ ମୁଁ ଉଚ୍ଚ ପାଟିରେ ଚିତ୍କାର କରି ଯଥାସମ୍ଭବ ଯେତିକି ଜୋର୍ ପାରିଲି ସେତିକି ଜୋରରେ

ଘରକୁ ପଳାଇଲି ।

68 ଏବଂ ଦେଶର ସେହି ପ୍ରାନ୍ତରେ କପରହେଡ୍ ସର୍ପମାନ ଥିଲା, ସାପଗୁଡ଼ିକ, ଏବଂ ସେମାନେ ଅତ୍ୟଧିକ ବିଷାକ୍ତ ଅଟନ୍ତି । ମାଆ ଭାବିଲେ, ବଗିଚାର କଡ଼ରୁ ଆସିଲାବେଳେ ବୋଧହୁଏ ମୁଁ ଏକ କପରହେଡ୍ ସର୍ପ ଉପରେ ପାଦ ରଖିଦେଲି ଏବଂ ସେ ମୋତେ ଦେଖା କରିବାକୁ ଦୌଡ଼ି ଆସିଲେ । ଆଉ ମୁଁ ଚିତ୍କାର କରି, ତାଙ୍କ ବାହୁରେ ଝାମ୍ପ ଦେଲି, ତାଙ୍କୁ ଆଲିଙ୍ଗନ କରି ଚୁମ୍ବନ ଦେଲି । ଏବଂ ସେ କହିଲେ, "କଅଣ ହେଲା, ତୁମକୁ ସାପ କାମୁଡ଼ିଲା କି?" ମୋର ସବୁଆଡ଼େ ଦେଖିଲେ ।

ମୁଁ ଉତ୍ତର ଦେଲି, "ନା, ମାମା! ସେହି ଗଛ ତଳେ ଜଣେ ବ୍ୟକ୍ତି ଅଛନ୍ତି ।"

69 ଏବଂ ସେ କହିଲେ, "ଓଃ, ବିଲି, ବିଲି! କଅଣ କହୁଛ?" ଏବଂ ସେ କହିଲେ, "କଅଣ ତୁମେ କାମ ବନ୍ଦ କରି ଶୋଇବାକୁ ଗଲ କି?"

70 ମୁଁ କହିଲି, "ନା, ମହାଶୟା! ସେହି ଗଛରେ ଜଣେ ବ୍ୟକ୍ତି ଅଛନ୍ତି, ଏବଂ ସେ ମୋତେ ମଦ ନ ପିଇବାକୁ ଏବଂ ଧୂମ୍ରପାନ ନ କରିବାକୁ କହିଲେ ।"

71 "ୱିସ୍କି ପିଇବା ଓ—ଓ ବିଷୟଗୁଡ଼ିକ କରିବା ।" ଏବଂ ଠିକ୍ ସେତିକିବେଳେ, ମୁଁ ଏକ ଚନ୍ଦ୍ରାଲୋକ ମଦଶାଳାକୁ ପାଣି ନେଇକି ଯାଉଥିଲି । ଏବଂ ସେ କହିଲେ, "ତୁମେ କଦାପି ମଦ୍ୟପାନ କରିବ ନାହିଁ କିଅବା ନିଜ ଶରୀରକୁ କୌଣସି ପ୍ରକାରେ ଅପବିତ୍ର କରିବ ନାହିଁ ।" ତାହା ଅନୈତିକ ଅଟେ, ଆପଣମାନେ ଜାଣନ୍ତି, ଏବଂ ମୋର ପିଲା...ଯୌବନାବସ୍ଥାର ପିଲାମାନେ ମହିଳାମାନଙ୍କ ସହିତରେ ରହୁଥିବା । ଏବଂ ମୋର ସର୍ବୋତ୍କୃଷ୍ଟ ଜ୍ଞାନରେ, ମୁଁ କେବେବି ଥରୁଟିଏ ହେଲେ ଏପରି ବିଷୟରେ ଦୋଷୀ ହୋଇ ନାହିଁ । ପ୍ରଭୁ ମୋତେ ସେହି ବିଷୟଗୁଡ଼ିକରେ ସାହାଯ୍ୟ କରିଥିଲେ, ଆଉ ଯେତେବେଳେ ମୁଁ ଆଗକୁ ଯାଏ ଆପଣ ତାହା ଜାଣି ପାଇବେ । ତେବେ ତେଣୁକରି, "ମଦ୍ୟପାନ କରିବ ନାହିଁ କିମ୍ବା ଧୂମ୍ରପାନ କରିବ ନାହିଁ, କିମ୍ବା ନିଜ ଶରୀରକୁ ଅପବିତ୍ର କରିବ ନାହିଁ, କାରଣ ଯେତେବେଳେ ତୁମେ ବୟୋଃପ୍ରାପ୍ତ ହେବ ତୁମ ନିମନ୍ତେ କରିବା ପାଇଁ ଏକ କାମ ହେବ ।"

72 ତେବେ, ମୁଁ ତାହା ମାଆଙ୍କୁ କହିଲି, ଏବଂ—ଏବଂ ସେ ମୋ ଉପରେ କେବଳ ହସିଲେ । ଆଉ ମୁଁ ପାଗଳ ଭଳି ହେଉଥିଲି । ସେ ଡାକ୍ତରଙ୍କୁ ଡାକିଲେ, ଏବଂ ଡାକ୍ତର କହିଲେ, "ତେବେ, ସେ କେବଳ ଅଧୀର ହୋଇଯାଇଛି, ତାହାହିଁ ସବୁକିଛି ଅଟେ ।" ତେଣୁ ସେ ମୋତେ ବିଛଣାରେ ଶୁଆଇ ଦେଲେ । ଆଉ ମୁଁ କଦାପି, ସେହି ଦିନଠାରୁ ନେଇ ଆଜି ପର୍ଯ୍ୟନ୍ତ, ସେହି ଗଛ ପାଖ ଦେଇ ପୁନର୍ବାର ଆଉ ଗଲି ନାହିଁ । ମୁଁ ଡରି ଯାଇଥିଲି । ମୁଁ ଉଦ୍ୟାନର ଅନ୍ୟ ପାର୍ଶ୍ୱକୁ ଚାଲିଯାଏ, କାରଣ ମୁଁ ଭାବିଲି ଯେ ସେହି ଗଛ ଉପରେ ଜଣେ ବ୍ୟକ୍ତି ଅଛନ୍ତି ଏବଂ ସେ ମୋ ସହିତ କଥାବାର୍ତ୍ତା କରୁଥିଲେ, ଅତି ଗଭୀର ସ୍ୱରରେ ଯାହା ସେ କହିଥିଲା ।

73 ଏବଂ ତାହାପରେ କୌଣସି ଏକ ସମୟରେ ଏହାର ପ୍ରାୟଃ ଗୋଟିଏ ମାସ ପରେ, ମୁଁ ଘର ସମ୍ମୁଖସ୍ଥ ଅଗଣାରେ, ମୋର ଛୋଟ ଭାଇମାନଙ୍କ ସହିତ ବାଟି ଖେଳୁଥିଲି । ଏବଂ

ହଠାତ୍ ମୋତେ ଏକ ବିଚିତ୍ର ଅନୁଭୁତି ହେଲା । ଆଉ ମୁଁ ଅଟକି ଗଲି ଓ ଗୋଟିଏ ଗଛ କଡ଼ରେ ବସି ପଡ଼ିଲି । ଆଉ ଆମେମାନେ ଠିକ୍ ଓହାୟୋ ନଦୀର ଉପକୂଳରେ ଥିଲୁ । ଏବଂ ମୁଁ ତଳକୁ ଜେଫର୍ସନ୍‌ଭିଲେ ଆଡ଼କୁ ଅନାଇଲି, ଆଉ ମୁଁ ଦେଖିଲି ଯେ ଏକ ସେତୁ ଉପରକୁ ଉଠୁଅଛି ଓ ସେହି ନଦୀ ଉପର ଦେଇ ଯାଉଅଛି, ସେହି ନଦୀ, ସମ୍ପୂର୍ଣ୍ଣ ସେହି ନଦୀ ଉପର ଦେଇ ଗତି କରୁଛି । ଏବଂ ମୁଁ ଦେଖିଲି ଯେ ଷୋହଳ ଜଣ ପୁରୁଷ (ମୁଁ ସେମାନଙ୍କୁ ଗଣନା କଲି) ଯେଉଁମାନେକି ସେଠାରୁ ଗଳି ପଡ଼ିଲେ ଓ ସେହି ସେତୁ ଉପରେ ସେମାନଙ୍କର ପ୍ରାଣ ହରାଇଲେ । ମୁଁ ଅତି ଶୀଘ୍ର ଦୌଡ଼ି ଗଲି ଏବଂ ମୋ ମାଙ୍କୁ କହିଲି, ଆଉ ସେ ଭାବିଲେ ଯେ ମୁଁ ଶୋଇବାକୁ ଯାଇଥିଲି । ମାତ୍ର ସେମାନେ ଏହାକୁ ମନ ଭିତରେ ରଖିଥିଲେ, ଏବଂ ସେହି ଦିନଠାରୁ ନେଇ ବାଇଶି ବର୍ଷ ପରେ ବର୍ତ୍ତମାନ ସେହି ମ୍ୟୁନିସିପାଲ ସେତୁ (ଯାହାକି ଆପଣମାନଙ୍କ ମଧ୍ୟରୁ ଅନେକେ ଅତିକ୍ରମ କରିଥାଆନ୍ତି ଯେତେବେଳେ ଆପଣ ସେଠାରୁ ଯାଇଥାଆନ୍ତି) ସେହି ସମାନ ସ୍ଥାନରେ ନଦୀ ଉପର ଦେଇ ଗଲା, ଏବଂ ଷୋହଳ ଜଣ ପୁରୁଷ ସେହି ନଦୀ ଉପରେ ସେହି ସେତୁକୁ ନିର୍ମାଣ କରିବାବେଳେ ସେମାନଙ୍କର ପ୍ରାଣ ହରାଇଥିଲେ ।

74 ଏହା ସମ୍ପୂର୍ଣ୍ଣ ରୂପେ ସତ୍ୟ ହେବାରେ କେବେ ବିଫଳ ହୋଇ ନାହିଁ । ଯେପରି ଭାବରେ ଆପଣ ଏହାକୁ ଏଠାରେ ଅଡିଟୋରିୟମରେ ଦେଖୁଛନ୍ତି, ଏହା ସର୍ବଦା ଠିକ୍ ସେହିପରି ଭାବରେ ହିଁ ରହିଆସିଛି ।

75 ତେବେ, ସେମାନେ ଭାବିଲେ ମୁଁ କେବଳ ଅଧୀର ହୋଇଯାଇଛି । ଯାହାକି, ମୁଁ ଜଣେ ଅଧୀର ବ୍ୟକ୍ତି ଅଟେ, ତାହା ସତ । ଏବଂ, ଯଦି ଆପଣ କେବେ ଧ୍ୟାନ ଦିଅନ୍ତି, ତେବେ ସେହି ଲୋକମାନେ ଯେଉଁମାନେକି ଆଧ୍ୟାତ୍ମିକ ମନା ଅଟନ୍ତି—ଅଟନ୍ତି ସେମାନେ ଅଧୀର ଥାଆନ୍ତି ।

76 କବି ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଦେଖନ୍ତୁ । ପୁଣି ୱିଲିୟମ୍ କାଉପରଙ୍କୁ ଦେଖନ୍ତୁ ଯିଏକି ସେହି ପ୍ରସିଦ୍ଧ ଗୀତ ଲେଖିଥିଲେ, "ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର, ଇମ୍ମାନୁଏଲଙ୍କ ଶିରାରୁ ଯାହା ଝରେଇ ।" କଅଣ ଆପଣ କେବେ...ଆପଣ ସେହି ଗୀତ ଜାଣନ୍ତି । ଅଧିକ ଦିନ ହୋଇନାହିଁ ମୁଁ ତାଙ୍କ କବର ପାଖରେ ଛିଡ଼ା ହୋଇଥିଲି । ମୁଁ ବିଶ୍ୱାସ କରେ, ଭାଇ ଜୁଲିୟସ୍, ମୁଁ ଜାଣେ ନାହିଁ, ନା...ହଁ, ତାହା ଠିକ୍, ଆମ ସହିତରେ ତାଙ୍କ କବରରେ ଥିଲେ । ଏବଂ—ଏବଂ ସେଠାରେ, ସେ ସେହି ଗୀତ ଲେଖି ସାରିବା ପରେ, ପ୍ରେରଣା ତାଙ୍କୁ ଛାଡ଼ି ଦେଲା, ସେ ଆତ୍ମହତ୍ୟା କରିବା ନିମନ୍ତେ ସେହି—ସେହି ନଦୀ ଖୋଜିବାକୁ ଚେଷ୍ଟା କଲେ । ଦେଖନ୍ତୁ, ଆତ୍ମା ତାଙ୍କୁ ଛାଡ଼ି ଦେଇଥିଲେ । ଏବଂ କବି ଓ ଲେଖକମାନଙ୍କ ଭଳି ଲୋକମାନେ ଓ...ଅଥବା ନୁହେଁ...ମୋର କହିବାର ଅର୍ଥ ଭବିଷ୍ୟଦ୍‌ବକ୍ତାମାନେ ।

77 ଏଲିୟଙ୍କୁ ଦେଖନ୍ତୁ, ଯେତେବେଳେ ସେ ପର୍ବତ ଉପରେ ଛିଡ଼ା ହୋଇ ସ୍ୱର୍ଗରୁ ଅଗ୍ନିକୁ ଡାକିଲେ ଏବଂ ସ୍ୱର୍ଗରୁ ବର୍ଷାକୁ ଆହ୍ୱାନ କଲେ । ତାହାପରେ ଯେତେବେଳେ ଆତ୍ମା ତାଙ୍କୁ

ଛାଡ଼ିଦେଲେ, ସେ ଜଣେ ମହିଳାଙ୍କ ଧମକରେ ଦୌଡ଼ି ପଳାଇଲେ । ଆଉ ଚାଳିଶ ଦିନ ପରେ, ପରମେଶ୍ୱର ତାଙ୍କୁ ଏକ ଗୁମ୍ଫା ଭିତରେ ଲୁଚି ଥିବାର ପାଇଲେ ।

78 ଯୂନସଙ୍କୁ ଦେଖନ୍ତୁ, ଯଥେଷ୍ଟ ପ୍ରେରଣା ସହିତରେ ତାଙ୍କୁ ପ୍ରଭୁ ଯେତେବେଳେ ନୀନିବୀ ନଗରରେ ପ୍ରଚାର କରିବା ପାଇଁ ଅଭିଷେକ କରିଥିଲେ, ଯେପର୍ଯ୍ୟନ୍ତକି ସେଣ୍ଟ ଲୁଇସ୍ ଆକାରର ଏକ—ଏକ ସହର ଚଟବସ୍ତ୍ର ପିନ୍ଧି ଅନୁତାପ ନ କଲା । ଏବଂ ତାହାପରେ ଯେତେବେଳେ ଆତ୍ମା ତାଙ୍କୁ ଛାଡ଼ିଦେଲେ, ତାଙ୍କ ସହିତ କଅଣ ଘଟିଲା? ଆତ୍ମା ତାଙ୍କୁ ଛାଡ଼ି ଚାଲିଯିବା ପରେ ଆମେ ତାଙ୍କୁ ପର୍ବତରେ ପାଇଥାଉ, ଯେଉଁଠାରେ ସେ ପରମେଶ୍ୱରଙ୍କୁ ତାଙ୍କର ଜୀବନକୁ ନେଇଯିବା ପାଇଁ ପ୍ରାର୍ଥନା କରୁଥିଲେ । ଏବଂ, ଆପଣ ଦେଖନ୍ତୁ, ଏହା ପ୍ରେରଣା ଅଟେ । ଆଉ ଯେତେବେଳେ ଏହିସବୁ ଘଟଣା ଘଟେ, ଏହା—ଏହା ଆପଣଙ୍କୁ କିଛି କରିଥାଏ ।

79 ତାହାପରେ ମୋର ମନେ ଅଛି ଯେ ମୁଁ ବଢୁଥିଲି । ମୁଁ ଜଣେ ଯୁବା ଲୋକ ହେଉଥିଲି । (ପରବର୍ତ୍ତୀ ଅଳ୍ପ ସମୟ ଭିତରେ ଏହାକୁ ସାରିବା ପାଇଁ ମୁଁ ଶୀଘ୍ର କରିବି ।) ଯେତେବେଳେ ମୁଁ ଜଣେ ଯୁବା ଲୋକ ହେଲି ମୋର ମଧ୍ୟ ଧାରଣା ସମସ୍ତ ଯୁବା ଲୋକମାନଙ୍କ ପରି ଥିଲା । ମୁଁ... ବିଦ୍ୟାଳୟକୁ ଯାଏ, ମୁଁ ସେହି ସାନ ଝିଅମାନଙ୍କୁ ପାଏ । ଆପଣ ଜାଣନ୍ତି, ମୁଁ ପ୍ରକୃତରେ ଅତି ଲଜ୍ଜାଶୀଳ ଥିଲି, ଆପଣ ଜାଣନ୍ତି । ଏବଂ ମୁଁ—ମୁଁ ଶେଷରେ ମୋ ନିଜ ପାଇଁ ଏକ ଝିଅବନ୍ଧୁ ପାଇଲି । ଏବଂ ସମସ୍ତ ସାନ ସାନ ବାଳକମାନଙ୍କ ପରି, ପ୍ରାୟଃ ପନ୍ଦର ବର୍ଷ ବୟସର, ମୁଁ ଅନୁମାନ କରେ । ଏବଂ—ଏବଂ ତେଣୁକରି, ଓଃ, ସେ ବହୁତ ସୁନ୍ଦର ଥିଲା । ମୋର ପ୍ରଭୁ, ତାହାର କପୋତ ପରି ଆଖି ଥିଲା, ଏବଂ ମୋତି ପରି ଦାନ୍ତ ଥିଲା, ଏବଂ ହଂସ ପରି ବେକଟି ଥିଲା, ଏବଂ ସେ—ସେ ପ୍ରକୃତରେ ସୁନ୍ଦର ଥିଲା ।

80 ପୁଣି ଆଉ ଜଣେ ସାନ ବାଳକ, ସେ...ଆମେମାନେ ବନ୍ଧୁ ଥିଲୁ, ତେଣୁ ସେ ତାହାର ବାପାର ପୁରୁଣା ମଡେଲ୍-ଟି ଫୋର୍ଡ କାର ଆଣିଲା, ଆଉ ଆମେମାନେ ଆମର ଝିଅମାନଙ୍କ ସହିତ ଏକ ବନ୍ଧୁ ମିଳନ ପାଇଁ ଯିବାର ଥିଲା । ଏବଂ ଆମେ ସେମାନଙ୍କୁ, ବାହାରକୁ ବୁଲାଇ ନେଇଯିବାକୁ ଯାଉଥିଲୁ । ଆମ ପାଖରେ ଦୁଇ ଗ୍ୟାଲନ୍ ପେଟ୍ରୋଲ କିଣିବା ପାଇଁ ଯଥେଷ୍ଟ ଟଙ୍କା ଥିଲା । ଆମକୁ କ୍ରାଙ୍କ କରିବା ହେତୁ ପଛ ଚକକୁ ଜ୍ୟାକ୍ କରିବାକୁ ପଡ଼ିଥିଲା । ମୁଁ ଜାଣେ ନାହିଁ ଯେ ଆପଣଙ୍କର ତାହା କେବେ ମନେ ଅଛି କି ନାହିଁ, ଆପଣ ଜାଣନ୍ତି, ଯେ ଏହାକୁ କିପରି କ୍ରାଙ୍କ କରାଯାଏ । ମାତ୍ର ଆମେ—ଆମେ ବହୁତ ଭଲରେ ଯାଉଥିଲୁ ।

81 ଆଉ ତେଣୁ ମୋ ପକେଟରେ କିଛି ପଇସା ଥିଲା, ଏବଂ ଆମେ ଏକ ଛୋଟିଆ ସ୍ଥାନରେ ଅଟକି ଗଲୁ ଓ ନେଲୁ...ଆପଣ ଏକ ପଇସାରେ ଗୋଟିଏ ହାମ ସାଣ୍ଡୱିଚ୍ ପାଇପାରୁଥିଲେ । ଆଉ ତେଣୁ, ଓଃ, ମୁଁ ଧନୀ ଥିଲି, ମୁଁ ସେପରି ଚାରୋଟି କିଣି ପାରିଥିଲି! ବୁଝିଲେ? ଏବଂ ଆମେମାନେ ସାଣ୍ଡୱିଚ୍ ଖାଇ କୋକ୍ ପିଇସାରିବା ପରେ, ମୁଁ ବୋତଲଗୁଡ଼ିକୁ ଫେରାଇ ନେବାକୁ ଲାଗିଲି । ଏବଂ ମୋର ଆଶ୍ଚର୍ଯ୍ୟକୁ, ଯେତେବେଳେ ମୁଁ ବାହାରକୁ ଆସେ,

(ସ୍ତ୍ରୀଲୋକମାନେ ସେହି ସମୟରେ ଅନୁଗ୍ରହରୁ, କିମ୍ବା ନାରୀତ୍ୱରୁ ପତିତ ହେବା ଆରମ୍ଭ କରିଥିଲେ) ମୋର ଛୋଟ କପୋତଟି ଧୂମ୍ରପାନ କରୁଥିଲା।

82 ତେବେ, ଧୂମ୍ରପାନ କରୁଥିବା ଜଣେ ସ୍ତ୍ରୀଲୋକ ବିଷୟରେ ମୋର ସର୍ବଦା ଏକ ମତ ରହିଅଛି, ଏବଂ ସେହି ସମୟଠାରୁ ମୁଁ ସେଥିରେ ଟିକିଏ ମଧ୍ୟ ବଦଳି ନାହିଁ। ତାହା ଠିକ୍ ଅଟେ। ଏହା ସବୁଠାରୁ ନିକୃଷ୍ଟ ବିଷୟ ଅଟେ ଯାହା ସେ କରିପାରେ। ଏବଂ ତାହା ଅବିକଳ ଠିକ୍ ଅଟେ। ଆଉ ମୁଁ—ମୁଁ ଭାବୁଥିଲି ମୁଁ...ତେବେ, ଏଥିପାଇଁ ସିଗାରେଟ୍ କମ୍ପାନୀ ମୋ ପଛରେ ପଡ଼ି ଯାଇପାରେ, ମାତ୍ର, ମୁଁ ଆପଣଙ୍କୁ କହୁଛି, ତାହା ତ କେବଳ ଶୟତାନର ଏକ କୌଶଳ ଅଟେ। ଏହା ତ ହେଉଛି ସବୁଠାରୁ ବଡ ହତ୍ୟାକାରୀ ଏବଂ ଅନ୍ତର୍ଘାତ ଯାହାକି ଏହି ରାଷ୍ଟ୍ରର ରହିଛି। ମୁଁ ତ ବରଂ ପସନ୍ଦ କରିବି ଯେ ମୋ ପୁଅ ଧୂମ୍ରପାନ କରିବା ଅପେକ୍ଷା ମଦ୍ୟପ ହେଉ। ତାହା ସତ୍ୟ ଅଟେ। ମୁଁ ତ ବରଂ ମୋ ପତ୍ନୀଙ୍କୁ ଏକ ସିଗାରେଟ୍ ସହ ଦେଖିବା ଅପେକ୍ଷା ମଦ୍ୟପାନ କରି, ତଳେ ଭୂମିରେ, ପଡ଼ିଥିବାର ଦେଖିବାଟା ପସନ୍ଦ କରିବି। ତାହାହିଁ ସେପ୍ରକାର...

83 ତେବେ, ପରମେଶ୍ୱରଙ୍କ ଏହି ଆତ୍ମା ଯାହା ମୋ ସହିତରେ ଅଛି, ଯଦି ତାହା ପରମେଶ୍ୱରଙ୍କ ଆତ୍ମା ଅଟେ (ଯେପରିକି ଆପଣମାନେ ପ୍ରଶ୍ନ କରିପାରନ୍ତି), ଯେ ସିଗାରେଟ୍ ଟାଣୁଥିବା ଆପଣମାନେ ଯେତେବେଳେ ସେଠାରେ ପହଞ୍ଚନ୍ତି ଆପଣମାନଙ୍କର ଏକ ଅଳ୍ପ ସୁଯୋଗ ଅଛି, କାରଣ ତାହା ତ ଠିକ୍...ପ୍ରତ୍ୟେକ ଥର। ଆପଣ ଏହାକୁ ମଞ୍ଚ ଉପରେ ଧ୍ୟାନ କରନ୍ତୁ, ସେ ଏହାକୁ କିପରି ନିନ୍ଦା କରନ୍ତି। ଏହା ଏକ ଭୟଙ୍କର ବିଷୟ ଅଟେ। ଏଥିରୁ ଦୂରରେ ରୁହନ୍ତୁ। ମହିଳାଗଣ, ଯଦି ଆପଣ ଏଥିରେ ଦୋଷୀ ଅଟନ୍ତି, ଦୟାକରି, ଖ୍ରୀଷ୍ଟଙ୍କ ନାମରେ, ଏଥିରୁ ଦୂରେଇ ରୁହନ୍ତୁ! ଏହା ଆପଣଙ୍କୁ ଭାଙ୍ଗି ପକାଇବ। ଏହା ଆପଣଙ୍କୁ ମାରି ପକାଇବ। ଏହା କରିବ...ଏହା ଏକ—ଏକ କର୍କଟ ରୋଗ ଅଟେ ଯାହାକି ଯାନରେ ପରିପୂର୍ଣ୍ଣ ମାତ୍ରା ସଦୃଶ ଆସିଥାଏ।

84 ଡାକ୍ତରମାନେ ଆପଣଙ୍କୁ ଚେତାଇବାକୁ ଚେଷ୍ଟା କରନ୍ତି। ଏବଂ ତାହାପରେ ସେମାନେ ଆପଣଙ୍କୁ ସେହି ସାମଗ୍ରୀ କିପରି ଭାବରେ ବିକ୍ରି କରିପାରନ୍ତି! ଯଦି ଆପଣ ଔଷଧ ଦୋକାନକୁ ଯାଇ ଏହା କହିବେ, "କିଣିବି...ମୁଁ ପଚାଶ-ପଇସା ମୂଲ୍ୟର କର୍କଟ ରୋଗ କିଣିବାକୁ ଚାହେଁ।" କାହିଁକି, ସେମାନେ ତ ତାହାକୁ କାରାଗାରରେ ପକାଇ ଦେବେ। ମାତ୍ର ଯେତେବେଳେ ଆପଣ ପଚାଶ-ପଇସା ମୂଲ୍ୟର ସିଗାରେଟ୍ କିଣନ୍ତି, ସେତେବେଳେ ତ ଆପଣ ସେହି ସମାନ ବିଷୟ ହିଁ କିଣୁଛନ୍ତି। ଡାକ୍ତରମାନେ ଏହା କହିଛନ୍ତି। ଓଃ, ଏହି ଟଙ୍କା-ପାଗଳ ରାଷ୍ଟ୍ର। ଏହା ବହୁତ ଖରାପ ଅଟେ। ଏହା ଏକ ହତ୍ୟାକାରୀ ଅଟେ। ଏହା ପ୍ରମାଣିତ ହୋଇସାରିଛି।

85 ତେବେ, ଯେତେବେଳେ ମୁଁ ସେହି ସୁନ୍ଦର ସାନ ଝିଅଟିକୁ ନିଜ ହାତରେ ଏହି ସିଗାରେଟ୍ ଧରି, ଅତିଶୟ ଚତୁର ଅଭିନୟ କରୁଥିବାର ଦେଖିଲି, ତାହା ମୋତେ ମାରିଦେବା ପରି କଲା, କାରଣ ମୁଁ ପ୍ରକୃତରେ ଭାବୁଥିଲି ଯେ ମୁଁ ତାକୁ ଭଲ ପାଉଥିଲି। ଆଉ ମୁଁ ଭାବିଲି, "ତେବେ..."

86 ତେବେ, ଆପଣମାନେ ଜାଣନ୍ତି ମୋତେ ଏକ "ସ୍ତ୍ରୀ-ଘୃଣାକାରୀ," ବୋଲି କୁହାଯାଏ, କାରଣ ମୁଁ ସର୍ବଦା ସ୍ତ୍ରୀଲୋକମାନଙ୍କ ବିରୁଦ୍ଧରେ ଏକ ପ୍ରକାର ଥାଏ, ମାତ୍ର ଆପଣ ଭଉଣୀମାନଙ୍କ ବିରୁଦ୍ଧରେ ନୁହେଁ। ମୁଁ ତ କେବଳ ଆଧୁନିକ ନାରୀମାନେ ଯେପରି ଭାବରେ ବ୍ୟବହାର କରିଥାନ୍ତି ତାହାର ବିରୋଧରେ ଅଟେ। ତାହା ଠିକ୍। ଭଲ ସ୍ତ୍ରୀଲୋକମାନେ ଅଲଗା ଭାବରେ ରଖାଯିବା ଉଚିତ୍।

87 ମାତ୍ର ମୁଁ ସ୍ମରଣ କରିପାରେ ଯେତେବେଳେ ମୋ ବାପା ସେଠାରେ କାର୍ଯ୍ୟ କରୁଥିଲେ, ମୋତେ ପାଣି ଏବଂ ସାମଗ୍ରୀ ନେଇ ସେଠାରେ ଛିଡ଼ା ରହିବାକୁ ପଡୁଥିଲା, ଯୁବା ସ୍ତ୍ରୀଲୋକମାନଙ୍କୁ ଦେଖୁଥିଲି ଯେଉଁମାନେକି ସତର, ଅଠର ବର୍ଷରୁ ଅଧିକ ହେବେ ନାହିଁ, ସେଠାରେ ମଦ ପିଇ ମୋର ବର୍ତ୍ତମାନ ବୟସର ପୁରୁଷମାନଙ୍କ ସହିତ ରହିଥିଲେ। ଏବଂ ସେମାନଙ୍କୁ ସେହି ସ୍ତ୍ରୀଲୋକମାନଙ୍କୁ ସମ୍ଭାଳିବାକୁ ପଡୁଥିଲା ଏବଂ ସେମାନଙ୍କୁ କଳା କଫି ଦେବାକୁ ପଡୁଥିଲା, ଯେପରିକି ସେମାନେ ଘରକୁ ଯାଇ ସେମାନଙ୍କର ସ୍ୱାମୀ ପାଇଁ ରାତ୍ରି ଭୋଜନ ପ୍ରସ୍ତୁତ କରିପାରିବେ। ଓଃ, ସେପରି କିଛି ଗୋଟାଏ, ମୁଁ କହିଲି, "ମୁଁ..." ତେବେ ସେତେବେଳେ ମୋର ଟିପ୍ପଣୀ ଏହା ଥିଲା, "ସେମାନଙ୍କୁ ହତ୍ୟା କରାଯିବା ନିମନ୍ତେ ସେମାନେ ଏକ ଭଲ ପରିଷ୍କାର ଗୁଳିର ମଧ୍ୟ ଯୋଗ୍ୟ ନୁହଁନ୍ତି।" ତାହା ଠିକ୍। ଆଉ ମୁଁ ସ୍ତ୍ରୀମାନଙ୍କୁ ଘୃଣା କରୁଥିଲି। ତାହା ଠିକ୍ ଅଟେ। ଏବଂ ବର୍ତ୍ତମାନ ମୋତେ ପ୍ରତ୍ୟେକ ପଦକ୍ଷେପକୁ ଦେଖିବାକୁ ପଡ଼େ, ଯେପରିକି ସେହି ସମାନ ବିଷୟକୁ ଚିନ୍ତା ନ କରେ।

88 ତେଣୁକରି, ମାତ୍ର ବର୍ତ୍ତମାନ, ଜଣେ ଭଲ ସ୍ତ୍ରୀଲୋକ ପୁରୁଷର ମୁକୁଟରେ ଏକ ଅଳଙ୍କାର ଅଟେ। ତାହାଙ୍କୁ ସମ୍ମାନିତ କରାଯିବା ଉଚିତ୍। ସେ...ମୋ ମାଆ ଜଣେ ସ୍ତ୍ରୀଲୋକ ଅଟନ୍ତି, ମୋ ପତ୍ନୀ ମଧ୍ୟ ଅଟେ, ଏବଂ ସେମାନେ ଅତି ପ୍ରିୟ ଅଟନ୍ତି। ଆଉ ମୋହର ହଜାର ହଜାର ଖ୍ରୀଷ୍ଟିଆନ ଭଉଣୀମାନେ ଅଛନ୍ତି ଯାହାଙ୍କୁ ମୁଁ ବହୁତ ସମ୍ମାନ କରେ। ମାତ୍ର ଯଦି—ଯଦି ସେମାନେ ତାହାକୁ ସମ୍ମାନ କରନ୍ତି ଯାହା ପରମେଶ୍ୱର ସେମାନଙ୍କୁ କରିଅଛନ୍ତି, ଏକ ମାତୃତ୍ୱ ଏବଂ ଜଣେ ପ୍ରକୃତ ରାଣୀ, ତେବେ ତାହା ଠିକ୍ ଅଛି। ପରମେଶ୍ୱର ଯାହା ଜଣେ ପୁରୁଷକୁ ଦେଇପାରିଥିଲେ ସେହି ସର୍ବୋତ୍ତମ ବିଷୟମାନଙ୍କ ମଧ୍ୟରୁ ସେ ଅନ୍ୟତମ ଅଟେ, ତାହା ଜଣେ ପତ୍ନୀ ଥିଲେ। ପରିତ୍ରାଣ ବ୍ୟତୀତ, ଜଣେ ପତ୍ନୀ ସବୁଠୁ ସର୍ବୋତ୍ତମ ବିଷୟ ଅଟେ ଯଦି ସେ ଜଣେ ଭଲ ପତ୍ନୀ ଅଟେ। ମାତ୍ର ଯଦି ସେ ନୁହେଁ, ଶଲୋମନ କହିଲେ, "ଜଣେ ଭଲ ସ୍ତ୍ରୀଲୋକ ପୁରୁଷର ମୁକୁଟରେ ଏକ ଅଳଙ୍କାର ଅଟେ, ମାତ୍ର ଜଣେ—ଜଣେ କ୍ରୋଧୀ କିମ୍ବା ଜଣେ ଭଲ-ନ ଥିବା ସ୍ତ୍ରୀଲୋକ ତାହାର ରକ୍ତରେ ଜଳ ସମାନ ଅଟେ।" ଆଉ ତାହା ଠିକ୍ ଅଟେ, ଏହା ସବୁଠାରୁ ମନ୍ଦ ବିଷୟ ଅଟେ ଯାହାକି ଘଟିପାରେ। ଏଣୁ ଜଣେ ଭଲ ସ୍ତ୍ରୀଲୋକ...ଭାଇ, ଯଦି ଆପଣ ଜଣେ ଭଲ ପତ୍ନୀ ପାଇଛନ୍ତି, ତେବେ ଆପଣଙ୍କୁ ତାହାକୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ଉଚିତ୍। ତାହା ଠିକ୍ ଅଟେ, ଆପଣଙ୍କୁ ତାହା କରିବା ଉଚିତ୍। ଜଣେ ପ୍ରକୃତ ସ୍ତ୍ରୀଲୋକ! ଏବଂ, ପିଲାମାନେ, ଯଦି ତୁମେ ଏକ ପ୍ରକୃତ ମାତା ପାଇଅଛ, ଯିଏକି ଘରେ ରହିଥାଏ ଓ ତୁମମାନଙ୍କର ଯତ୍ନ ନେବାକୁ ଚେଷ୍ଟା କରିଥାଏ, ତୁମମାନଙ୍କର ପୋଷାକ ସବୁ ସଫା ରଖିଥାଏ,

ତୁମକୁ ବିଦ୍ୟାଳୟକୁ ପଠାଇଥାଏ, ତୁମକୁ ଯୀଶୁଙ୍କ ବିଷୟରେ ଶିକ୍ଷା ଦେଇଥାଏ, ତାହାହେଲେ ତୁମମାନେ ନିଜଠାରେ ଥିବା ସମସ୍ତ ବିଷୟ ସହିତରେ ସେହି ସୁମଧୁର ବୃଦ୍ଧ ମାତାଙ୍କୁ ସମ୍ମାନ ଦେବା ଉଚିତ୍ । ତୁମେମାନେ ସେହି ମହିଳାଙ୍କୁ ସମ୍ମାନ ଦେବା ଉଚିତ୍, ହଁ, ମହାଶୟ, କାରଣ ସେ ଜଣେ ପ୍ରକୃତ ମାତା ଅଟନ୍ତି ।

89 ସେମାନେ କେଣ୍ଟକି ପର୍ବତମାଳାରେ ରହୁଥିବା ଲୋକମାନଙ୍କର ଅଶିକ୍ଷିତ ହେବା ବିଷୟରେ କଥାବାର୍ତ୍ତା କରନ୍ତି । ଆପଣ ଏହାକୁ ଏଠାରେ ଏହି ଦକ୍ଷିଣ ପ୍ରାନ୍ତୀୟ ଗରୀବ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଦେଖିଥିବେ । ସେମାନଙ୍କ ମଧ୍ୟରୁ କେତେକ ସେହି ପୁରୁଣା ମାଆମାନେ ଏଠାରେ ହଲିଉଡକୁ ଆସିପାରନ୍ତି ଏବଂ ଆପଣ ଆଧୁନିକ ମାତାମାନଙ୍କୁ ଏହା ଶିଖାଇ ପାରନ୍ତି ଯେ ସନ୍ତାନମାନଙ୍କୁ କିପରି ଲାଳନ ପାଳନ କରାଯାଏ । ଆପଣ ତାଙ୍କର ପିଲାକୁ ଗୋଟିଏ ରାତିରେ ନିଜର କେଶ ସବୁକୁ ଅସଜଡ଼ା ହୋଇ, ଏବଂ ଓଷ୍ଠଗୁଡ଼ିକୁ... ଅସୁନ୍ଦର ଦିଶୁଥାଇ ଆସିବାକୁ ଦିଅନ୍ତୁ, (ଆପଣ ତାହାକୁ କଅଣ କୁହନ୍ତି?) ସେହି ସୌନ୍ଦର୍ଯ୍ୟ ପ୍ରସାଧନ ରଙ୍ଗ ଯାହା ସେମାନେ ମୁହଁରେ ଲଗାନ୍ତି, ଏବଂ ତାହାର ପୋଷାକ ସବୁ ଗୋଟିଏ ପାର୍ଶ୍ୱକୁ ଚିପି ହୋଇ ଯାଇଥିବ, ଏବଂ ରାତିସାରା ମଦ୍ୟପାନ କରି, ବାହାରେ ରହିଥିବ, ଭାଇ, ସେ ତ ସେହି ହିକୋରୀ ଗଛର ଗୋଟିଏ ଡାଳରୁ ପାନେ ପାଇବ ଏବଂ ସେ ଆଉ କଦାପି ବାହାରକୁ ଯିବ ନାହିଁ । ମୁଁ ଆପଣଙ୍କୁ କହୁଛି, ସେ...ଆଉ ଯଦି ଆପଣଙ୍କ ପାଖରେ ଏହିପରି କିଛି ଟିକିଏ ଅଧିକ ରହିଥାନ୍ତା, ତେବେ ଆପଣଙ୍କର ଏଠାରେ ଏକ ଅଧିକ ଉତ୍ତମ ଇଂରାଜୀ ସିନେମା ଜଗତ ହଲିଉଡ୍ ରହିଥାନ୍ତା, ଏବଂ ଏକ ଅଧିକ ଉତ୍ତମ ରାଷ୍ଟ୍ର ରହିଥାନ୍ତା । ତାହା ଠିକ୍ ଅଟେ । ଏହା ସତ୍ୟ ଅଟେ । "କେବଳ ଆଧୁନିକ ହେବାକୁ ଚେଷ୍ଟା କର," ତାହା—ତାହା ହିଁ ହେଉଛି ଶୟତାନର ଏକ କୌଶଳ ।

90 ତେବେ, ଏହି ସାନ ଝିଅ, ଯେତେବେଳେ ମୁଁ ତାହାକୁ ଅନାଇଲି, ମୋର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଆଉ ମୁଁ ଚିନ୍ତା କଲି, "ବେଚରା ସାନ ଝିଅଟି ।"

ଏବଂ ସେ କହିଲା, "ଓଃ, ବିଲି, କଅଣ ତୁମକୁ ସିଗାରେଟ୍ ଦରକାର?"

ମୁଁ କହିଲି, "ନା, ମହୋଦୟା ।" ମୁଁ କହିଲି, "ମୁଁ ଧୂମ୍ରପାନ କରେ ନାହିଁ ।"

91 ସେ କହିଲା, "ତେବେ, ତୁମେ କହିଲେ ଯେ ତୁମେ ନୃତ୍ୟ କର ନାହଁ ।" ସେମାନେ ଏକ ନୃତ୍ୟକୁ ଯିବାକୁ ଚାହୁଁଥିଲେ ଏବଂ ମୁଁ ତାହା ସହମତ ହେଲି ନାହିଁ । ଏଣୁ ସେମାନେ କହିଲେ ଯେ ସେଠାରେ ତଳେ ଏକ ନୃତ୍ୟ କାର୍ଯ୍ୟକ୍ରମ ଅଛି, ଯାହାକୁ ସେମାନେ ସାଇକାମୋର ଗାର୍ଡେନ୍ସ ବୋଲି କହିଥିଲେ ।

ଆଉ ମୁଁ କହିଲି, "ନା, ମୁଁ ନୃତ୍ୟ କରେ ନାହିଁ ।"

92 ସେ କହିଲା, "ତେବେ, ତୁମେ ନୃତ୍ୟ କର ନାହିଁ, ତୁମେ ଧୂମ୍ରପାନ କର ନାହିଁ, ତୁମେ ମଦ ପିଅ ନାହିଁ । ତୁମେ କିପରି ଭାବରେ ଆମୋଦ ପ୍ରମୋଦ କର?"

93 ମୁଁ କହିଲି, "ତେବେ, ମୁଁ ମାଛ ମାରିବାକୁ ପସନ୍ଦ କରେ ଏବଂ ମୁଁ ଶିକାର କରିବାକୁ ପସନ୍ଦ କରେ।" ତାହା ତାକୁ ଆଗ୍ରହୀ କଲା ନାହିଁ।

ତେଣୁ ସେ କହିଲା, "ଏହି ସିଗାରେଟ୍ ନିଅ।"

ଆଉ ମୁଁ କହିଲି, "ନା, ମହୋଦୟା, ଧନ୍ୟବାଦ। ମୁଁ ଧୂମ୍ରପାନ କରେ ନାହିଁ।"

94 ଏବଂ ମୁଁ ଗାଡ଼ିର ଆଘାତ ପ୍ରତିରୋଧକ ଲୁହା ଉପରେ ଛିଡ଼ା ହୋଇଥିଲି। ଆପଣମାନଙ୍କର ମନେ ଥିବ, ପୁରୁଣା ଫୋର୍ଡ ଗାଡ଼ିମାନଙ୍କରେ ସେମାନଙ୍କର ଏକ ଚାରିପାଖରେ ନିରନ୍ତର ବୋର୍ଡ ରହୁଥିଲା, ଆଉ ମୁଁ ପଛ ସିଟରେ ବସି, ସେହି ଆଘାତ ପ୍ରତିରୋଧକ ଲୁହା ଉପରେ ଛିଡା ହୋଇଥିଲି, ସେ ଏବଂ ମୁଁ। ଏବଂ ସେ କହିଲା, "ତୁମର କହିବାର ଅର୍ଥ ତୁମେ ସିଗାରେଟ୍ ପିଅ ନାହିଁ?" କହିଲା, "ଆଉ ଆମେ ଝିଅମାନେ ଆମ ପାଖରେ ତୁମ ଅପେକ୍ଷା ଅଧିକ ସାହସ ଅଛି।"

ମୁଁ କହିଲି, "ନା, ମହୋଦୟା, ମୁଁ ତାହା କରିବାକୁ ଚାହେଁ ବୋଲି ମୁଁ ବିଶ୍ୱାସ କରେ ନାହିଁ।"

95 ସେ କହିଲା, "କାହିଁକି, ତୁମେ ତ ବଡ଼ ମାଇଚିଆ ଅଟ!" ଓଃ, ମୋହର ପ୍ରଭୁ! ମୁଁ ଖରାପ ବଡ଼ ବିଲ୍ ହେବାକୁ ଚାହୁଁଥିଲି, ତେଣୁ ମୁଁ—ମୁଁ ନିଶ୍ଚିତରେ ସେହି ମାଇଚିଆ ହେବା ବିଷୟ କିଛି ଚାହୁଁ ନ ଥିଲି। ଦେଖନ୍ତୁ, ମୁଁ ପୁରସ୍କାର ବିଜୟୀ ଏକ ଲଢୁଆ ହେବାକୁ ଚାହୁଁଥିଲି, ତାହା ମୋର ଜୀବନର ଧାରଣା ଥିଲା। ଏଣୁ ମୁଁ କହିଲି…"ମାଇଚିଆ! ମାଇଚିଆ!"

96 ମୁଁ ତାହା ସହି ପାରିଲି ନାହିଁ, ତେଣୁ ମୁଁ କହିଲି, "ଏହାକୁ ମୋତେ ଦିଅ!" ମୋର ହାତ ବଢ଼ାଇ, ମୁଁ କହିଲି, "ମୁଁ ତାକୁ ଦେଖାଇବି ଯେ ମୁଁ ମାଇଚିଆ କି ନୁହେଁ।" ସେହି ସିଗାରେଟ୍ ବାହାର କଲି ଏବଂ ମାଚିସ୍ ମାରିବାକୁ ଆରମ୍ଭ କଲି। ତେବେ, ମୁଁ ଜାଣେ ଯେ ଆପଣ… ବର୍ତ୍ତମାନ, ଆପଣ ଯାହା ଭାବନ୍ତି ସେଥିପାଇଁ ମୁଁ ଦାୟୀ ନୁହେଁ, ମୁଁ କେବଳ ସତ କହିବା ପାଇଁ ଦାୟୀ ଅଟେ। ଯେତେବେଳେ ମୁଁ ସେହି ସିଗାରେଟ୍ ଜାଳିବାକୁ ଆରମ୍ଭ କଲି, ଠିକ୍ ସେତିକି ସୁନିଶଚିତ୍ ଭାବେ ଧୂମ୍ରପାନ କରିବା ପାଇଁ ଯେତିକି ସୁନିଶଚିତ୍ ମୁଁ ଏହି ବାଇବଲ ଉଠାଇବାକୁ ଯାଏ, ଦେଖନ୍ତୁ, ମୁଁ କିଛି ଯାଉଥିବାର ଶୁଣିଲି, "ହୂଉଉଶଶ!" ମୁଁ ପୁନର୍ବାର ଚେଷ୍ଟା କଲି, ମୁଁ ଏହାକୁ ମୋ ପାଟିରେ ପହଞ୍ଚାଇ ପାରିଲି ନାହିଁ। ଏବଂ ମୁଁ କାନ୍ଦିବାକୁ ଲାଗିଲି, ମୁଁ ସେହି ଜିନିଷକୁ ତଳେ ଫୋପାଡ଼ି ଦେଲି। ସେମାନେ ମୋ ଉପରେ ହସିବାକୁ ଲାଗିଲେ। ଏବଂ ମୁଁ ଘରକୁ ଫେରିବାକୁ ଲାଗିଲି, କ୍ଷେତ ଦେଇ ଗଲି, ସେଠାରେ ବସି, କାନ୍ଦିଲି। ଏବଂ—ଏବଂ ଏହା ଏକ ଭୟଙ୍କର ଜୀବନ ଥିଲା।

97 ମୋର ମନେ ପଡ଼େ ବାପା ଦିନେ ପିଲାମାନଙ୍କ ସହିତ ନଦୀକୁ ଯାଉଥିଲେ। ମୋ ଭାଇ ଏବଂ ମୁଁ, ଆମକୁ ଏକ ଡଙ୍ଗା ନେଇ ନଦୀ ଆର ପାରି ଯିବାକୁ ଓ ଆସିବାକୁ ପଡୁଥିଲା, ଓ ୱିସ୍କି ରଖିବା ପାଇଁ ବୋତଲ ଖୋଜିବାକୁ ପଡୁଥିଲା। ନଦୀ କୂଳରୁ ସେଗୁଡ଼ିକୁ ଗୋଟାଇବା ନିମନ୍ତେ, ଆମକୁ ଗୋଟିଏ ଡଜନ ପାଇଁ ଏକ ପଇସା ମିଳୁଥିଲା। ଏବଂ ବାପା ମୋ ସଙ୍ଗରେ ଥିଲେ, ଆଉ ତାଙ୍କ ପାଖରେ ସେହି ଛୋଟ ଚେପ୍‌ଟା ମଧ୍ୟରୁ ଗୋଟିଏ ଥିଲା…ମୋର ବିଶ୍ୱାସ ଯେ

ତାହା ପ୍ରାୟଃ ଅଧା ପିଣ୍ଟ ବୋତଲଗୁଡ଼ିକ ଥିଲା । ଆଉ ସେଠାରେ ଏକ ଗଛ ଉପୁଡ଼ି ଯାଇଥିଲା, ଏବଂ ବାପା...ଏବଂ ଏହି ବ୍ୟକ୍ତି ତାହାଙ୍କ ସହିତରେ ଥିଲେ, ଶ୍ରୀମାନ ଡର୍ନବୁଶ୍ । ମୋ ପାଖରେ ତାଙ୍କର ଥିଲା...ତାଙ୍କର ଏକ ସୁନ୍ଦର ଡଙ୍ଗା ଥିଲା, ଏବଂ ମୁଁ ତାଙ୍କର ଅନୁଗ୍ରହପାତ୍ର ହେବାକୁ ଚାହୁଁଥିଲି କାରଣ ମୁଁ ସେହି ଡଙ୍ଗାକୁ ବ୍ୟବହାର କରିବାକୁ ଚାହୁଁଥିଲି । ତାହାର ଏକ ଭଲ ଦିଗ ନିୟନ୍ତ୍ରକ ଯନ୍ତ୍ର ଥିଲା ଏବଂ ମୋ ଥିରେ ଆଦୌ କୌଣସି ଦିଗ ନିୟନ୍ତ୍ରକ ଯନ୍ତ୍ର ନ ଥିଲା । ଆମ ଡଙ୍ଗାରେ କେବଳ ଗୋଡ଼ରେ ପ୍ୟାଡ଼େଲ କରିବା ପାଇଁ ପୁରୁଣା ପଟା ଫାଳମାନ ଥିଲା । ଆଉ ଯଦି ସେ ମୋତେ ସେହି ଡଙ୍ଗା ବ୍ୟବହାର କରିବାକୁ ଦିଅନ୍ତେ...ତେଣୁ, ସେ ୱେଲଡିଂ କରି ସାରିଲେ ଏବଂ ସେ ବାପାଙ୍କ ପାଇଁ ମଦ ପ୍ରସ୍ତୁତି ନିମନ୍ତେ ଏକ ଉପକରଣ ତିଆରି କରିଥିଲେ । ତେଣୁ ସେ...ସେମାନେ ସେହି ବୃକ୍ଷର ଦୁଇ ପାର୍ଶ୍ୱରେ ସେମାନଙ୍କର ଗୋଡ଼କୁ ରଖିଲେ, ଏବଂ ବାପା ତାଙ୍କ ପଛ ପକେଟରୁ ଏକ ଛୋଟ ଚେପ୍‌ଟା ୱିସ୍କି ବୋତଲ ବାହାର କଲେ, ତାହାଙ୍କୁ ଧରେଇ ଦେଲେ ଏବଂ ସେ ପାନେ ନେଲେ, ବାପାକୁ ଫେରାଇ ଦେଲେ ଏବଂ ସେ ପାନେ ଗ୍ରହଣ କଲେ, ଏବଂ ସେ ସେହି ଗଛର ପାର୍ଶ୍ୱରେ ବାହାରିଥିବା ଏକ ଡାଳ ଉପରେ ତାକୁ ଥୋଇ ଦେଲେ । ଏବଂ ଶ୍ରୀମାନ ଡର୍ନବୁଶ୍ ଏହାକୁ ଉଠାଇଲେ, ଓ କହିଲେ, "ଏଠାରେ ତୁମେ ଏହାକୁ ନିଅ, ବିଲି ।"

ମୁଁ କହିଲି, "ଧନ୍ୟବାଦ, ମୁଁ ମଦ ପିଏ ନାହିଁ ।"

98 ସେ କହିଲେ, "ଜଣେ ବ୍ରାନହାମ୍, ଆଉ ମଦ ପିଅ ନାହିଁ?" ପ୍ରାୟଃ, ସମସ୍ତେ ନିଜର ଯୌବନବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ଏବଂ ସେ କହିଲେ, "ଜଣେ ବ୍ରାନହମ୍, ଏବଂ ପିଅ ନାହିଁ?"

ମୁଁ କହିଲି, "ନା, ଆଜ୍ଞା ।"

"ନା," ବାପା କହିଲେ, "ମୁଁ ଗୋଟିଏ ମାଇଚିଆକୁ ଜନ୍ମ ଦେଇଛି ।"

99 ମୋ ବାପା ମୋତେ ଏକ ମାଇଚିଆ ବୋଲି କହୁଛନ୍ତି! ମୁଁ କହିଲି, "ମୋତେ ସେହି ବୋତଲ ଦିଅନ୍ତୁ!" ଏବଂ ମୁଁ ତାହାର ଉପରୁ ସେହି ଠିପିକୁ ଟାଣି ନେଲି, ଏହାକୁ ପିଇବାକୁ ମନସ୍ଥ କରି, ଏବଂ ଯେତେବେଳେ ମୁଁ ଏହାକୁ ନେବାକୁ ଲାଗିଲି, "ହୁଉଉଉଶଶ!" ମୁଁ ବୋତଲକୁ ଫେରାଇ ଦେଇ କାନ୍ଦି କାନ୍ଦି ଯେତେ ଜୋର୍ ପାରିଲି ସେତିକି ଜୋର୍ ପଡ଼ିଆ ଆଡ଼କୁ ଦୌଡ଼ିଲି । କିଛି ଗୋଟାଏ ମୋତେ ତାହା କରିବାକୁ ଦିଏ ନାହିଁ । ଦେଖନ୍ତୁ? ମୁଁ କହିପାରିଲି ନାହିଁ ଯେ ମୁଁ କୌଣସି ମତେ ଭଲ ଥିଲି (ମୁଁ ତ ଏହା କରିବାକୁ ସ୍ଥିର କରିଥିଲି), କିନ୍ତୁ ଏହା ତ ପରମେଶ୍ୱର, ଅନୁଗ୍ରହ, ଚମତ୍କାର ଅନୁଗ୍ରହ ଅଟେ ଯାହାକି ମୋତେ ସେହି କାର୍ଯ୍ୟଗୁଡ଼ିକ କରିବାରୁ ନିବୃତ୍ତ କଲା । ମୁଁ ନିଜେ, ସେଗୁଡ଼ିକ କରିବାକୁ ଚାହୁଁଥିଲି, ମାତ୍ର ସେ ମୋତେ ତାହା କରିବାକୁ ଦେଉ ନ ଥିଲେ ।

100 ପରେ ମୁଁ ଏକ ଝିଅକୁ ପାଇଲି ଯେତେବେଳେ ମୋ ବୟସ ବାଇ-ଶି ବର୍ଷ ହୋଇଥିଲା, ସେ ଜଣେ ପ୍ରିୟତମା ଥିଲେ । ସେ ଏପରି ଜଣେ ଝିଅ ଥିଲେ ଯିଏ ଗୀର୍ଜାକୁ ଯାଉଥିଲେ, ଜର୍ମାନ

ଲୁଥରାନ୍ ଥିଲେ। ତାଙ୍କର ନାମ ବ୍ରମ୍ବାକ, ବ୍ର-ମ୍-ବା-କ ଥିଲା, ତାହା ବ୍ରମ୍ବାଗ୍ ନାମରୁ ଆସିଥିଲା। ଏବଂ ସେ ଏକ ସୁନ୍ଦର ଝିଅ ଥିଲେ। ସେ ଧୂମ୍ରପାନ କିମ୍ବା ମଦ୍ୟପାନ କରୁ ନ ଥିଲେ, କିମ୍ବା—କିମ୍ବା ସେ ନୃତ୍ୟ କିଅବା କିଛି କରୁ ନ ଥିଲେ, ଜଣେ ସୁନ୍ଦର ଝିଅ ଥିଲେ। ମୁଁ ତାହାଙ୍କ ସହିତ ଅଳ୍ପ ସମୟ ପାଇଁ ଗଲି, ଏବଂ ମୁଁ...ତେବେ, ପ୍ରାୟଃ ବାଇ-ଶି ବର୍ଷ ବେଳକୁ, ମୁଁ ପର୍ଯ୍ୟାପ୍ତ ଅର୍ଥ ରୋଜଗାର କରୁଥିଲି ଯେ ମୁଁ ଏକ ପୁରୁଣା ଫୋର୍ଡ ଗାଡ଼ି କିଣିଲି, ଏବଂ ମୁଁ...ଆମେ ଏକାଠି ମିଶି ପରିଭ୍ରମଣକୁ ଯାଉଥିଲୁ। ଆଉ ତେଣୁକରି, ସେହି ସମୟରେ, ଆଖ ପାଖରେ କୌଣସି ଲୁଥରାନ୍ ଗୀର୍ଜା ନ ଥିଲା, ସେମାନେ ହୋୱାର୍ଡ ପାର୍କରୁ ସେଠାକୁ ଆସିଥିଲେ।

101 ଏବଂ ସେମାନେ ଥିଲେ...ଜଣେ ସେବକ, ଯିଏକି ମୋତେ ମିଶନାରୀ ବାପ୍ଟିଷ୍ଟ ଗୀର୍ଜାରେ ନିଯୁକ୍ତ କରିଥିଲେ, ଡକ୍ଟର ରଏ ଡେଭିସ୍। ଭଉଣୀ ଅପ୍‌ଶା, ଠିକ୍ ସେହି ଜଣକା ଯିଏକି ଭାଇ ଅପ୍‌ଶାଙ୍କୁ ମୋ ପାଖକୁ ପଠାଇଥିଲେ, ଅବା ମୋ ବିଷୟରେ ତାଙ୍କ ସହିତ, ଡକ୍ଟର ରଏ ଡେଭିସଙ୍କ ସହ କଥା ହୋଇଥିଲେ। ଆଉ ତେଣୁ ସେ ପ୍ରଚାର କରୁଥିଲେ, ଏବଂ ତାହାଙ୍କର ପ୍ରଥମ ବାପ୍ଟିଷ୍ଟ ମଣ୍ଡଳୀ ଥିଲା, କିମ୍ବା ସେହି—ସେହି...ମୁଁ ଭାବେ ନାହିଁ ଯେ ଏହା ପ୍ରଥମ ବାପ୍ଟିଷ୍ଟ ମଣ୍ଡଳୀ, ସୁଦ୍ଧା ଥିଲା, ଏହା ଥିଲା ମିଶନ୍-...ଜେଫର୍ସନ୍‌ଭିଲର ମିଶନାରୀ ବାପ୍ଟିଷ୍ଟ ମଣ୍ଡଳୀ ବୋଲି କୁହାଯାଉଥିଲା। ଏବଂ ସେ ସେହି ସମୟରେ ସେହି ସ୍ଥାନରେ ପ୍ରଚାର କରୁଥିଲେ, ଆଉ ଆମେମାନେ ରାତିରେ ଗୀର୍ଜାକୁ ଯାଉଥିଲୁ, ଏଣୁ...ଏବଂ ଆମେ ଫେରି ଆସୁଥିଲୁ। ଆଉ ମୁଁ କଦାପି ମଣ୍ଡଳୀରେ ଯୋଗ ଦେଇ ନ ଥିଲି, ମାତ୍ର ମୁଁ କେବଳ ତାଙ୍କ ସହିତ ଯିବାକୁ ଭଲ ପାଉଥିଲି। କାରଣ ମୁଖ୍ୟ ବିଷୟ ଥିଲା "ତାଙ୍କ ସହିତ ଯିବା," ମୁଁ କେବଳ ସଚ୍ଚୋଟ ହେବା ପାଇଁ ଚାହେଁ।

102 ଏଣୁ ତେବେ ତାଙ୍କ ସହିତ ଯିବା, ଆଉ ଦିନେ ମୁଁ...ସେ ଏକ ଉତ୍ତମ ପରିବାରରୁ ଥିଲେ। ଏବଂ ମୁଁ ଭାବିବାକୁ ଲାଗିଲି, "ତୁମେ ଜାଣ, ତୁମେ ଜାଣ, ମୋତେ ସେହି ଝିଅର ସମୟ ନେବା ଉଚିତ୍ ନୁହେଁ। ଏହା ନୁହେଁ—ଏହା ଠିକ୍ ନୁହେଁ, କାରଣ ସେ ଏକ ଭଲ ଝିଅ ଅଟେ, ଏବଂ ମୁଁ ଗରିବ ଅଟେ ଓ—ଓ ମୁଁ..." ମୋ ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉତ୍ତମ ନୁହେଁ, ଏବଂ ମୁଁ—ମୁଁ... ସେହିଭଳି ଏକ ଝିଅର ତତ୍ତ୍ୱ ନେବା ନିମନ୍ତେ ମୋ ପକ୍ଷେ କୌଣସି ପନ୍ଥା ନ ଥିଲା, ଯିଏକି ଏକ ସୁନ୍ଦର ଘରର ଏବଂ ଭୂଇଁ ଉପରେ ଗାଲିଚାର ଅଭ୍ୟସ୍ତ ଅଟେ।

103 ମୋର ମନେ ଅଛି ମୁଁ ପ୍ରଥମ ଥର ପାଇଁ କେବେ ଗାଲିଚା ଦେଖିଥିଲି, ମୁଁ ଜାଣି ନ ଥିଲି ଯେ ଏହା କଅଣ ଅଟେ। ମୁଁ ତାହାର ପାର୍ଶ୍ୱରେ ବୁଲି କରି ଗଲି। ମୁଁ ଭାବୁଥିଲି ଏହା ମୋ ଜୀବନରେ ଦେଖିଥିବା ସବୁଠୁ ସୁନ୍ଦର ବସ୍ତୁ ଅଟେ। "ସେମାନେ ସେହିପରି କୌଣସି ବସ୍ତୁକୁ କିପରି ଭାବରେ ଭୂଇଁ ଉପରେ ରଖିଛନ୍ତି?" ଏହା ମୁଁ କେବେ ଦେଖିଥିବା ପ୍ରଥମ ଗାଲିଚା ଥିଲା। ଏହା ଥିଲା—ଏହା ସେଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା...ମୁଁ ଭାବୁଛି ଏହାକୁ "ଚଟ ଗାଲିଚା" ବୋଲି କୁହାଯାଏ। ମୋର ସେଥିରେ ଭୁଲ ହୋଇପାରେ। କୌଣସି ପ୍ରକାରର ଏକ "ବଳିତା" ପରି କିମ୍ବା ଏପରି କିଛି ଯାହାକି ଏକତ୍ର ବୁଣା ହୋଇଥାଏ, ଏବଂ ଭୂଇଁ ଉପରେ ବିଛାଯାଏ।

ସୁନ୍ଦର ସବୁଜ ଏବଂ ନାଲି ରଙ୍ଗର, ଏବଂ ତାହାର ମଧ୍ୟ ଭାଗରେ ବଡ ଗୋଲାପ କାରୁକାର୍ଯ୍ୟ ହୋଇଥାଏ, ଆପଣ ଜାଣନ୍ତି। ଏହା ଏକ ସୁନ୍ଦର ବସ୍ତୁ ଥିଲା।

104 ଏବଂ ତେଣୁ ମୋର ମନେ ଅଛି ଯେ ମୁଁ—ମୁଁ ମୋର ମନରେ ଏହା ସ୍ଥିର କଲି ଯେ ଏକ ତ ମୋତେ ତାଙ୍କୁ ବିବାହ କରିବା ନିମନ୍ତେ ପଚାରିବାକୁ ଅଛି, ନତୁବା ମୋତେ ଓହରି ଯିବା ଉଚିତ୍ ଏବଂ କୌଣସି ଉତ୍ତମ ବ୍ୟକ୍ତିଙ୍କୁ ତାଙ୍କୁ ବିବାହ କରିବାକୁ ଦେବା ଉଚିତ୍, ଏପରି କେହି ଜଣେ ଯିଏକି ଯାହା ତାଙ୍କ ସହିତ ଭଲ ବ୍ୟବହାର କରିବ, ତାଙ୍କ ପାଇଁ ଭଲ ରୋଜଗାର କରିପାରେ ଏବଂ ତାଙ୍କ ପ୍ରତି ଦୟାଭାବ ରଖିପାରେ। ମୁଁ ତାଙ୍କ ପ୍ରତି ଦୟାଭାବ ରଖିପାରେ, ମାତ୍ର ମୁଁ—ମୁଁ—ମୁଁ ଘଣ୍ଟାରେ କେବଳ କୋଡ଼ିଏ ସେଣ୍ଟ ରୋଜଗାର କରୁଥିଲି। ତେଣୁ ମୁଁ ତାଙ୍କ ପାଇଁ ବହୁତ ଅଧିକ ରୋଜଗାର କରିପାରୁ ନ ଥିଲି। ଆଉ ମୁଁ...ସମସ୍ତ ପରିବାର ସହିତ ଯାହାକି ଆମକୁ ଯତ୍ନ ନେବାକୁ ପଡୁଥିଲା, ଏବଂ ବାପାଙ୍କ ସ୍ୱାସ୍ଥ୍ୟ ଉନ୍ନତ ନ ଥିଲା, ଏବଂ ମୋତେ ସେସବୁ ବିଷୟର ଯତ୍ନ ନେବାକୁ ପଡ଼ିଥିଲା, ଏଣୁ ମୋର ଏକ କଷ୍ଟକର ସମୟ ଚାଲିଥିଲା।

105 ତେଣୁ ମୁଁ ଭାବିଲି, "ତାହାହେଲେ, ମୋ ନିମନ୍ତେ କରିବା ପାଇଁ ଏକମାତ୍ର ବିଷୟ ହେଉଛି ତାଙ୍କୁ କୁହେ ଯେ ମୁଁ—ମୁଁ...ସେ...ମୁଁ—ମୁଁ ଆଉ ଫେରି ଆସିବି ନାହିଁ, କାରଣ ମୁଁ ତାଙ୍କ ବିଷୟରେ ଏତେ ଅଧିକ ଚିନ୍ତା କରେ ଯେ ତାଙ୍କ ଜୀବନକୁ ନଷ୍ଟ କରିପାରେ ନାହିଁ ଏବଂ ମୋ ସହିତ ତାଙ୍କୁ ମୂର୍ଖ ହେବାକୁ ଦେଇପାରେ ନାହିଁ।" ଏବଂ ତାହାପରେ ମୁଁ ଭାବିଲି, "ଯଦି କେହି ତାଙ୍କୁ ପସନ୍ଦ କରି ତାଙ୍କୁ ବିବାହ କରିପାରନ୍ତେ, ଏକ ସୁନ୍ଦର ଘର ତିଆରି କରିପାରନ୍ତେ। ଏବଂ ହୋଇପାରେ ଯଦି ମୁଁ ତାଙ୍କୁ ନ ପାଇ ପାରିଲି, ଅଥଚ ମୁଁ ପାରିବି—ମୁଁ ଏହା ଜାଣିପାରିବି ଯେ ସେ ଖୁସି ଅଛନ୍ତି।"

106 ଆଉ ତେଣୁ ମୁଁ ଭାବିଲି, "ମାତ୍ର ମୁଁ—ମୁଁ କେବଳ—ମୁଁ ତାଙ୍କୁ ଛାଡ଼ିପାରେ ନାହିଁ!" ଆଉ ମୁଁ—ମୁଁ ଏକ ଭୟଙ୍କର ସ୍ଥିତିରେ ଥିଲି। ଏବଂ ଦିନକୁ ଦିନ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଲାଗିଲି। ତେଣୁ ମୁଁ ତାଙ୍କୁ ବିବାହ କରିବାକୁ କହିବା ନିମନ୍ତେ ଅତ୍ୟଧିକ ଲଜ୍ଜାଜନକ ଥିଲି। ପ୍ରତିଦିନ ରାତ୍ରିରେ ମୁଁ ମୋର ମନରେ ସ୍ଥିର କରେ, "ମୁଁ ତାଙ୍କୁ ପଚାରିବାକୁ ଯାଉଛି।" ଏବଂ, ଯେତେବେଳେ ମୁଁ, ଉଃ, ତାକୁ କଅଣ କହନ୍ତି, ପ୍ରଜାପତି, କିଅବା ଏପରି କିଛି ଯାହା ଆପଣ ପାଆନ୍ତି ନିଜ ଭିତରେ...? ସେଠାରେ ଥିବା ଆପଣ ସମସ୍ତ ଭାଇମାନେ ବୋଧହୁଏ ସେହିପରି ଭାବରେ ସମାନ ଅନୁଭୂତି ପାଇଥିବେ। ଏବଂ ଏକ ପ୍ରକୃତରେ କୌତୁକିଆ ଅନୁଭବ ଅଟେ, ମୋ ମୁଖମଣ୍ଡଳ ଗରମ ହୋଇଯାଏ। ମୁଁ—ମୁଁ ଜାଣେ ନାହିଁ। ମୁଁ ତାଙ୍କୁ ପଚାରି ପାରିଲି ନାହିଁ।

107 ଏଣୁ ମୁଁ ଅନୁମାନ କରୁଛି ଯେ ଆପଣମାନେ ଏହା ଆଶ୍ଚର୍ଯ୍ୟ କରୁଥିବେ ଯେ ମୁଁ କିପରି ବିବାହ ହେଲି। କଅଣ ଆପଣ ଜାଣିଛନ୍ତି କି? ମୁଁ ତାଙ୍କୁ ଏକ ଚିଠି ଲେଖିଲି ଓ ପଚାରିଲି। ଏବଂ ତେଣୁ ତାଙ୍କର...ତେବେ, ଏହା ଏପରି ନ ଥିଲା "ପ୍ରିୟ ମିସ୍," ଏହା ତାହା ଅପେକ୍ଷା (ଆପଣ ଜାଣନ୍ତି) ପ୍ରେମ ପାର୍ଶ୍ୱରେ ଟିକିଏ ଅଧିକ ଥିଲା। ଏହା କେବଳ ଏକ—ଏକ ଚୁକ୍ତିନାମା ନ ଥିଲା, ଏହା ଥିଲା...ମୁଁ—ମୁଁ ଏହାକୁ ଯଥାସମ୍ଭବ, ସର୍ବୋତ୍କୃଷ୍ଟ ଲେଖିଲି।

108 ଆଉ ମୁଁ ତାଙ୍କ ମାଆଙ୍କୁ ଟିକେ ଭୟ କରୁଥିଲି । ତାଙ୍କ ମାଆ...ସେ ଏକ ପ୍ରକାର ରୁକ୍ଷ ସ୍ୱଭାବର ଥିଲେ । ଏବଂ, ମାତ୍ର ତାଙ୍କ ପିତା ଜଣେ ଭଦ୍ର ବୃଦ୍ଧ ଡଚ୍ ବ୍ୟକ୍ତି ଥିଲେ, ଜଣେ ଅତି ଉତ୍ତମ ବୃଦ୍ଧ ବ୍ୟକ୍ତି ଥିଲେ । ସେ ରେଳ ସଂସ୍ଥାରେ, କର୍ମଚାରୀମାନଙ୍କର, ଭ୍ରାତୃତ୍ୱର ସଙ୍ଗଠକ ଥିଲେ, ସେହି ସମୟରେ ସେ ମାସକୁ ପ୍ରାୟଃ ପାଞ୍ଚ ଶହ ଡଲାର ରୋଜଗାର କରୁଥିଲେ । ଏବଂ ମୁଁ ଘଣ୍ଟାକ କୋଡ଼ିଏ ଟଙ୍କା ରୋଜଗାର କରି, ତାଙ୍କ ଝିଅକୁ ବିବାହ କରିବାକୁ ଯାଉଥିଲି । ଉଃ! ମୁଁ ଜାଣିଥିଲି ଯେ ତାହା କେବେ କାର୍ଯ୍ୟକାରୀ ହେବ ନାହିଁ । ଏବଂ ତାଙ୍କ ମାଆ ବହୁତ...ତେବେ, ସେ ଜଣେ ଅତି ଉତ୍ତମ ମହିଳା ଥିଲେ । ଏବଂ ସେ—ସେ ଏହି ଉଚ୍ଚ ସମାଜଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିବା ପରି ଥିଲେ, ଆପଣ ଜାଣନ୍ତି, ଓ ଅତିଶୟ ଆଚରଣ ପ୍ରସ୍ତୁତ କରୁଥିବା ମହିଳା ଭଳି ଥିଲେ, ଆପଣ ଜାଣନ୍ତି, ଆଉ ତେଣୁକରି ସେଇଥିପାଇଁ ମୁଁ ତାଙ୍କ ପାଇଁ ଅଧିକ ଉପଯୋଗୀ ନ ଥିଲି । ମୁଁ ତ କେବଳ ଏକ ପୁରୁଣା ସାଧା ଦୁର୍ଗନ୍ଧ ହେଉଥିବା ଦେଶୀ ବାଳକ ଥିଲି, ଏବଂ ସେ ଭାବୁଥିଲେ ଯେ ହୋପ୍‌କୁ ଟିକିଏ ଅଧିକ ଉତ୍ତମ ଶ୍ରେଣୀର ବାଳକ ସହିତ ଯିବା ଉଚିତ୍, ଓ ମୁଁ—ମୁଁ—ମୁଁ ଭାବେ ଯେ ସେ ଠିକ୍ ଥିଲେ । ଆଉ ତେଣୁ...ମାତ୍ର ମୁଁ—ମୁଁ ଏହା ସେତେବେଳେ ଭାବି ନ ଥିଲି ।

109 ତେଣୁ ମୁଁ ଭାବିଲି, "ତେବେ, ବର୍ତ୍ତମାନ, ମୁଁ ଜାଣେ ନାହିଁ କିପରି । ମୁଁ—ମୁଁ ତାଙ୍କ ବାପାଙ୍କୁ ପଚାରି ପାରିବି ନାହିଁ, ଏବଂ ମୁଁ—ମୁଁ ଏଥିରେ ସୁନିଶ୍ଚିତ ନ ଥିଲି ଯେ ମୁଁ ଯାଇ ତାଙ୍କ ମାଙ୍କୁ ପଚାରିବି ବୋଲି । ଆଉ ତେଣୁକରି ମୋତେ ପ୍ରଥମେ ତାଙ୍କୁ ପଚାରିବାକୁ ପଡ଼ିଲା ।" ତେଣୁ ମୁଁ ମୋ ପାଇଁ ଏକ ଚିଠି ଲେଖିଲି । ଏବଂ ସେଦିନ ସକାଳେ କାମକୁ ଯିବା ବେଳେ, ମୁଁ ଏହାକୁ ଚିଠିବାକ୍ସରେ ପକାଇ ଦେଲି । ଚିଠି...ଆମେମାନେ ବୁଧବାର ରାତ୍ରି ଗୀର୍ଜାକୁ ଯାଉଥିଲୁ, ଏବଂ ତାହା ସୋମବାର ସକାଳେ ହୋଇଥିଲା । ରବିବାର ଦିନସାରା ମୁଁ ତାଙ୍କୁ କହିବାକୁ ଚେଷ୍ଟା କଲି ଯେ ମୁଁ ବିବାହ କରିବାକୁ ଚାହୁଁଛି, ଆଉ ମୁଁ ଯଥେଷ୍ଟ ସାହାସ କରିପାରିଲି ନାହିଁ ।

110 ତେଣୁ ମୁଁ ଏହାକୁ ଚିଠିବାକ୍ସରେ ପକାଇ ଦେଲି । ଏବଂ ସେଦିନ କାମରେ ମୁଁ ଭାବିବାକୁ ଲାଗିଲି, "କଅଣ ହେବ ଯଦି ତାଙ୍କ ମାଆ ସେହି ଚିଠିକୁ ପାଇଯିବେ?" ଓଃ ମୋର ପ୍ରଭୁ! ସେତେବେଳେ ମୁଁ ଜାଣିଲି ଯେ ଯଦି—ଯଦି ସେ ଏହାକୁ କେବେ ପାଇଯିବେ ତାହାହେଲେ ମୁଁ ବିନଷ୍ଟ ଅଟେ, 'କାରଣ ସେ ମୋ ବିଷୟରେ ଅଧିକ ମନୋଯୋଗୀ ନ ଥିଲେ । ତେବେ, ମୁଁ କେବଳ ଝାଳ ନାଳ ହେଉଥିଲି ।

111 ଏବଂ ସେହି ବୁଧବାର ରାତ୍ରିରେ ଯେତେବେଳେ ମୁଁ ଆସେ, ଓଃ, ମୋର ପ୍ରଭୁ, ମୁଁ ଭାବିଲି, "ମୁଁ କିପରି ଭାବରେ ସେଠାକୁ ଯିବି? ଯଦି ତାଙ୍କ ମା ସେହି ଚିଠିଟିକୁ ପାଇଥିବେ ତାହାହେଲେ ତ ସେ ପ୍ରକୃତରେ ମୋର ଚୋପା ବାହାର କରି ଦେବେ, ଏଣୁ ମୁଁ ଆଶା କରେ ସେ ତାହା ପାଇଥିବେ ।" ମୁଁ ଏହାକୁ "ହୋପ୍"ଙ୍କୁ ସମ୍ବୋଧିତ କରିଥିଲି । ତାହା ତାଙ୍କର ନାମ ଥିଲା, ହୋପ୍ । ଆଉ ତେଣୁ ମୁଁ କହିଲି, "ମୁଁ ଏହାକୁ କେବଳ ଏଠାରେ ହୋପ୍‌ଙ୍କୁ ଲେଖିବି ।" ଆଉ ତେଣୁ...ପୁଣି ମୁଁ ଭାବିଲି ବୋଧହୁଏ ସେ ଏହାକୁ ପାଇ ପାରି ନ ଥିବେ ।

112 ତେଣୁ ବାହାରେ ଛିଡା ରହିବା ଏବଂ ଗାଡିର ପେଂକାଳୀ ବଜାଇ ତାହାର ବାହାରି ଆସିବା ନିମନ୍ତେ ଅପେକ୍ଷା କରିବା ବିଷୟଠାରୁ ମୁଁ ଅଧିକ ଉତ୍ତମ ଜାଣିଥିଲି । ଓଃ, ମୋର ପ୍ରଭୁ! ଏବଂ ଯେକୌଣସି ପୁଅପିଲା ଯାହା ପାଖରେକି ଏତିକି ସାହାସ ନାହିଁ ଯେ ସେ ଘରକୁ ଯାଇ ଏବଂ ଦ୍ୱାରକୁ ଆଘାତ କରି ଝିଅପିଲା ବିଷୟରେ ପଚାରିଥାଏ, ତାହାର କୌଣସି ପ୍ରକାରେ ସେହି ଝିଅ ସହିତ କିଛି ହେଲେ କାମ ନାହିଁ । ତାହା ଅବିକଳ ଠିକ୍ ଅଟେ । ତାହା ଅତ୍ୟନ୍ତ ନିର୍ବୋଧ ଅଟେ । ତାହା ହାଲୁକା ଅଟେ ।

113 ଏବଂ ତେଣୁ ମୁଁ ମୋର ପୁରୁଣା ଫୋର୍ଡକୁ ଅଟକାଇଲି, ଆପଣ ଜାଣନ୍ତି, ଆଉ ମୁଁ ଏହାକୁ ସମ୍ପୂର୍ଣ୍ଣ ଭାବେ ଉଜ୍ଜ୍ୱଳ କରି ଚମକାଇ ଥିଲି । ଆଉ ତେଣୁ ମୁଁ ଉପରକୁ ଗଲି ଓ ଦ୍ୱାରରେ ଆଘାତ କଲି । ମୋ ପ୍ରତି ଦୟା ହେଉ, ତାଙ୍କ ମା ଦ୍ୱାରକୁ ଆସନ୍ତି! ମୁଁ ବଡ଼ କଷ୍ଟରେ ମୋ ନିଶ୍ୱାସକୁ ନେଇ ପାରିଲି, ମୁଁ କହିଲି, "କିପରି—କିପରି—ଆପଣ କିପରି ଅଛନ୍ତି, ଶ୍ରୀମତୀ ବ୍ରମ୍‌ବାକ୍?" ହଁ ।

114 ସେ କହିଲେ, "ତୁମେ କିପରି ଅଛ, ୱିଲିୟମ୍ ।"

ମୁଁ ଭାବିଲି, "ଉଃ-ଓଃ, 'ୱିଲିୟମ୍'!"

ଏବଂ—ଏବଂ ସେ କହିଲେ, "କଅଣ ତୁମେ ଭିତରକୁ ଆସିବ କି?"

115 ମୁଁ କହିଲି, "ଧନ୍ୟବାଦ ।" ମୁଁ ଦ୍ୱାର ଭିତରକୁ ପ୍ରବେଶ କଲି । ମୁଁ କହିଲି, "ତେବେ ହୋପ୍ କଅଣ ପ୍ରସ୍ତୁତ ଅଟନ୍ତି କି?"

116 ଏବଂ ଠିକ୍ ସେତିକିବେଳେ ହୋପ୍ ଘର ଭିତରୁ ଚଞ୍ଚଳ ବାହାରି ଆସିଲେ, କେବଳ ଷୋହଳ ବର୍ଷର ଝିଅଟିଏ ।ଏବଂ ସେ କହିଲେ, "ହାଏ, ବିଲି!"

117 ଏବଂ ମୁଁ କହିଲି, "ହାଏ, ହୋପ୍ ।" ଆଉ ମୁଁ ପଚାରିଲି, "କଅଣ ତୁମେ ଗୀର୍ଜା ପାଇଁ ପ୍ରସ୍ତୁତ ଅଟ କି?"

ସେ କହିଲେ, "କେବଳ ଗୋଟିଏ ମିନିଟରେ ।"

118 ମୁଁ ଭାବିଲି, "ଓଃ, ମୋର ପ୍ରଭୁ! ସେ କେବେବି ତାହା ପାଇ ନାହାନ୍ତି । ସେ କେବେବି ତାହା ପାଇ ନାହାନ୍ତି । ଭଲ, ଭଲ, ଭଲ । ହୋପ୍ ମଧ୍ୟ ଏହାକୁ କଦାପି ପାଇ ନାହାନ୍ତି, ତେଣୁ ଏହା ଠିକ ହେବ, କାରଣ ସେ ଏହାକୁ ମୋ ନାମ ନେଇ କହିଥାଆନ୍ତେ ।" ଏଣୁ ମୁଁ ଅତି ଭଲ ଅନୁଭବ କରୁଥିଲି ।

119 ଏବଂ ତାହାପରେ ଯେତେବେଳେ ମୁଁ ଗୀର୍ଜାରେ ଓହ୍ଲାଇଲି, ସେତେବେଳେ ମୁଁ ଭାବିବାକୁ ଲାଗିଲି, "ଯଦି ସେ ଏହାକୁ ପାଇଥିବ ତେବେ କଅଣ ହେବ?" ବୁଝିଲେ? ଏବଂ ଡାକ୍ତର ଡେଭିସ୍ କଅଣ କହୁଥିଲେ ମୁଁ ଶୁଣିପାରୁ ନ ଥିଲି । ମୁଁ ତା ଆଡକୁ ଚାହିଁଲି, ଏବଂ ମୁଁ ଭାବିଲି, "ଯଦି ବୋଧହୁଏ ସେ ଏହାକୁ କେବଳ ନିଜ ଭିତରେ ରଖିଥିବ, ଆଉ ସେ ମୋତେ ତାହାଙ୍କୁ ତାହା ପଚାରିଥିବା ଯୋଗୁଁ, ପ୍ରକୃତରେ ସେତେବେଳେ କହିବାକୁ ଯାଉଛନ୍ତି ଯେତେବେଳେ ମୁଁ ଏଠାରୁ ବାହାରି ଆସିବି ।" ଏବଂ ଭାଇ ଡେଭିସ୍ କଅଣ କହୁଥିଲେ ମୁଁ ଶୁଣିପାରୁ ନ ଥିଲି ।

ଏବଂ—ଏବଂ ମୁଁ ତା ଆଡକୁ ଚାହିଁଲି, ଏବଂ ମୁଁ ଭାବିଲି, "ମୋର ପ୍ରଭୁ, ମୁଁ ତାଙ୍କୁ ତ୍ୟାଗ କରିବାକୁ ଘୃଣା କରେ, ମାତ୍ର...ପୁଣି ମୁଁ—ମୁଁ...ଚୂଡାନ୍ତ ସମୟ ତ ନିଶ୍ଚିତ ଆସିବାକୁ ଅଛି।"

120 ଏଣୁ ଗୀର୍ଜା ପରେ ଆମେ ଘରକୁ ଯିବା ପାଇଁ, ଏକାଠି ରାସ୍ତାରେ ଚାଲିବାକୁ ଆରମ୍ଭ କଲୁ, ଏବଂ—ଏବଂ ତେଣୁ ଆମେ ପୁରୁଣା ଫୋର୍ଡ ନିକଟକୁ ଗଲୁ। ଆଉ ତେଣୁ ମାର୍ଗ ସାରା ଚନ୍ଦ୍ର ଉଜ୍ଜ୍ୱଳ ଆଲୋକିତ ହେଉଥିଲା, ଆପଣ ଜାଣନ୍ତି, ମୁଁ ଅନାଇଲି ଏବଂ ସେ ବହୁତ ସୁନ୍ଦର ଦିଶୁଥିଲେ। ପିଲାଏ, ମୁଁ ତା ଆଡକୁ ଚାହିଁଲି, ଏବଂ ମୁଁ ଭାବିଲି, "ମୋର ପ୍ରଭୁ, ମୁଁ ତାଙ୍କୁ କିପରି ପାଇବାକୁ ଚାହେଁ, ମାତ୍ର ଅନୁମାନ କରେ ଯେ ମୁଁ ତାହା କରିପାରେ ନାହିଁ।"

121 ଆଉ ତେଣୁକରି ମୁଁ ଟିକିଏ ଦୂରକୁ ଚାଲି କରି ଗଲି, ଆପଣ ଜାଣନ୍ତି, ଏବଂ ମୁଁ ପୁନର୍ବାର ତା ଆଡକୁ ଚାହିଁଲି। ମୁଁ କହିଲି, "କିପରି—ଆଜି ରାତ୍ରିରେ ତୁମେ କିପରି ଅନୁଭବ କରୁଛ?"

ସେ କହିଲେ, "ଓଃ, ମୁଁ ଠିକ ଅଛି।"

122 ଆଉ ଆମେ ପୁରୁଣା ଫୋର୍ଡକୁ ଅଟକାଇଲୁ ଏବଂ ବାହାରକୁ ବାହାରିବାକୁ ଲାଗିଲୁ, ଆପଣ ଜାଣନ୍ତି, ପାର୍ଶ୍ୱରେ ଯାଇ, କୋଣରୁ ବୁଲି ଏବଂ ତାଙ୍କ ଘରକୁ ଯାଇଥାଉ। ଆଉ ମୁଁ ତାଙ୍କ ସହିତ ଦ୍ୱାର ପାଖକୁ ଯାଉଥିଲି। ମୁଁ ଭାବିଲି, "ଆପଣ ଜାଣନ୍ତି, ସେ ବୋଧହୁଏ ଚିଠିକୁ କଦାପି ପାଇ ନାହାଁନ୍ତି, ତେଣୁ ମୁଁ ମଧ୍ୟ ଏହାକୁ ଭୁଲିପାରେ। ଯେକୌଣସି ପ୍ରକାରେ ହେଲେ ମୋତେ ଅନୁଗ୍ରହର ଆଉ ଏକ ସପ୍ତାହ ମିଳିଯିବ।" ତେଣୁ ମୋତେ ବହୁତ ଭଲ ଅନୁଭବ ହେବାକୁ ଲାଗିଲା।

ସେ କହିଲେ, "ବିଲି?"

ମୁଁ କହିଲି, "ହଁ।"

ସେ କହିଲେ, "ମୁଁ ତୁମର ଚିଠି ପାଇଲି।" ଓଃ, ମୋର ପ୍ରଭୁ!

ମୁଁ କହିଲି, "ତୁମେ ପାଇଲ?"

123 ସେ କହିଲେ, "ଉଃ-ହୁଁ।" ତେବେ, ସେ କେବଳ ଚାଲି ରହିଲେ, ଆଉ କୌଣସି ଶବ୍ଦ କହିଲେ ନାହିଁ।

124 ମୁଁ ଭାବିଲି, "ହେ ନାରୀ, ମୋତେ କିଛି କୁହ। ମୋତେ ତଡ଼ି ଦିଅ କିମ୍ବା ତୁମେ ଏହା ବିଷୟରେ କଅଣ ଭାବୁଛ ମୋତେ କୁହ।" ଏବଂ ମୁଁ ପଚାରିଲି, "କଅଣ ତୁମେ—କଅଣ ତୁମେ ଏହାକୁ ପଢିଲ କି?"

ସେ କହିଲେ, "ଉଃ-ହୁଁ।"

125 ମୋର ପ୍ରଭୁ, ଆପଣ ଜାଣନ୍ତି ଯେ ଜଣେ ମହିଳା ଆପଣଙ୍କୁ କିପରି ଭାବରେ ଅନିଶ୍ଚିତତାରେ ରଖିପାରିବ। ଓଃ, ଆପଣ ଦେଖନ୍ତୁ, ମୋର—ମୋର କହିବାର ଅର୍ଥ ତାହା ନ ଥିଲା। ବୁଝିଲେ? ମାତ୍ର, ଯାହାହେଉ, ଆପଣ ଜାଣନ୍ତି, ମୁଁ—ମୁଁ ଭାବିଲି, "ତୁମେ କାହିଁକି କିଛି

କହୁ ନାହଁ?” ଦେଖନ୍ତୁ, ଏବଂ ମୁଁ ଚାଲିବା ଜାରି ରଖିଲି । ମୁଁ କହିଲି, “କଅଣ ତୁମେ ତାହା ସବୁ ପଢ଼ିଲ?”

ଏବଂ ସେ...[ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।] “ଉଃ-ହୁଁ ।”

126 ଏଣୁ ଆମେ ପ୍ରାୟଃ ଦ୍ୱାର ପାଖକୁ ଆସିଗଲୁ, ଏବଂ ମୁଁ ଭାବିଲି, “ପିଲା, ମୋତେ ବାରଣ୍ଡାକୁ ନେଇ ଯାଅ ନାହିଁ, କାରଣ ମୁଁ ହୁଏତ ସେଗୁଡ଼ିକୁ ଅତିକ୍ରମ କରି ପାରିବି ନାହିଁ, ତେଣୁ ତୁମେ ମୋତେ ବର୍ତ୍ତମାନ ହିଁ କୁହ ।” ଆଉ ତେଣୁ କରି ମୁଁ ଅପେକ୍ଷା କଲି ।

127 ଆଉ ସେ କହିଲେ, “ବିଲି, ମୁଁ ତାହା କରିବାକୁ ପସନ୍ଦ କରିବି ।” ସେ କହିଲେ, “ମୁଁ ତୁମକୁ ଭଲପାଏ ।” ପରମେଶ୍ୱର ବର୍ତ୍ତମାନ ତାଙ୍କ ପ୍ରାଣକୁ ଆଶୀର୍ବାଦ କରନ୍ତୁ, ସେ ମହିମାରେ ଅଛନ୍ତି । ସେ କହିଲେ, “ମୁଁ ତୁମକୁ ଭଲପାଏ ।” କହିଲେ, “ମୁଁ ଭାବୁଛି ଆମେ ଆମର ପିତାମାତାଙ୍କୁ... ପିତାମାତାଙ୍କୁ ଏହା ବିଷୟରେ କହିବା ଉଚିତ୍ । କଅଣ ତୁମେ ଏହା ଭାବୁନାହଁ କି?”

128 ଏବଂ ମୁଁ କହିଲି, “ପ୍ରିୟେ, ଶୁଣ, ତେବେ ଆସ ଏହାକୁ ଭାଗ କରି ପଚାଶ-ପଚାଶ ପ୍ରସ୍ତାବ ସହିତ ଆରମ୍ଭ କରିବା ।” ମୁଁ କହିଲି, “ମୁଁ ତୁମ ବାପାଙ୍କୁ କହିବି ଯଦି ତୁମେ ତୁମର ମାତାଙ୍କୁ କହିବ ।” ସବୁଠାରୁ ଖରାପ ଅଂଶକୁ ତାଙ୍କ ଉପରେ ଦେଇ ଦେଲି, ଆରମ୍ଭ କରିବା ନିମନ୍ତେ ।

ସେ କହିଲେ, “ଠିକ୍ ଅଛି, ଯଦି ତୁମେ ପ୍ରଥମେ ବାପାଙ୍କୁ କହିବ ।”

ମୁଁ କହିଲି, “ଠିକ୍ ଅଛି, ମୁଁ ତାହାଙ୍କୁ ରବିବାର ରାତ୍ରିରେ କହିବି ।”

129 ଏବଂ ତେବେ ରବିବାର ରାତ୍ରି ଆସିଲା, ମୁଁ ତାଙ୍କୁ ଗୀର୍ଜାରୁ ଘରକୁ ଆଣିଲି ଓ ମୁଁ...ସେ ମୋ ଆଡ଼କୁ ଚାହିଁ ରହିଲା । ଏବଂ ମୁଁ ଦେଖିଲି, ଆଉ ତାହା ନଅଟା-ତିରିଶ୍ ହେଉଥିଲା, ଏହା ମୋ ଯିବାର ସମୟ ହୋଇଯାଇଥିଲା । ତେବେ ଚାର୍ଲି ନିଜ ମେଜରେ ବସି ରହି, ଟାଇପ୍ କରୁଥିଲେ । ଏବଂ ଶ୍ରୀମତୀ ବ୍ରମ୍‌ବାକ୍ କୋଣରେ ବସି ରହି କିଛି ଗୋଟିଏ ପ୍ରକାର ବୁଣିବା କାର୍ଯ୍ୟ କରୁଥିଲେ, ଆପଣ ଜାଣନ୍ତି, କିମ୍ବା ସେହି ସାନ ସାନ ବଳାଗୁଡ଼ିକ ଯାହା ଆପଣ ସେହି ବିଷୟଗୁଡ଼ିକ ଉପରେ ଦିଅନ୍ତି, ଆପଣ ଜାଣନ୍ତି । ମୁଁ ଜାଣେ ନାହିଁ ଆପଣ ଏହାକୁ କଅଣ କୁହନ୍ତି । ଆଉ ତେଣୁ ସେ ସେହି ପ୍ରକାରର କିଛି ବିଷୟ କରୁଥିଲେ । ଏବଂ ହୋପ୍ ମୋ ଆଡ଼କୁ ଚାହିଁ ରହିଲେ, ଓ ସେ ମୋ ପ୍ରତି ଅସନ୍ତୋଷ ଭାବ ପ୍ରକାଶ କରି, ଆପଣ ଜାଣନ୍ତି, ବାପାଙ୍କ ଆଡ଼କୁ ସଙ୍କେତ କରିଥିଲେ । ଆଉ ମୁଁ...ଓଃ, ମୋର ପ୍ରଭୁ! ମୁଁ ଭାବିଲି, “କଅଣ ହେବ ଯଦି ସେ, ‘ନା’ କହିଦେବେ?” ତେବେ ମୁଁ ଦ୍ୱାର ଆଡ଼କୁ ଯିବା ଆରମ୍ଭ କଲି, ମୁଁ କହିଲି, “ତେବେ, ମୁଁ ଭାବୁଛି ମୋତେ ଯିବା ଉଚିତ୍ ।”

130 ଏବଂ ମୁଁ ଦ୍ୱାର ନିକଟକୁ ଗଲି, ଏବଂ—ଏବଂ ସେ ମୋ ସହିତ ଦ୍ୱାର ପାଖକୁ ଆସିଲେ । ସେ ସବୁବେଳେ ଦ୍ୱାର ନିକଟକୁ ଆସି ମୋତେ “ଶୁଭରାତ୍ରୀ” କୁହନ୍ତି । ତେଣୁ ମୁଁ ଦ୍ୱାର ପାଖକୁ ଗଲି, ଏବଂ ସେ କହିଲେ, “କଅଣ ତୁମେ ତାଙ୍କୁ କହିବାକୁ ଯାଉ ନାହଁ କି?”

131 ଏବଂ ମୁଁ କହିଲି, "ହଁ!" ମୁଁ କହିଲି, "ମୁଁ ନିଶ୍ଚିତରେ ଚେଷ୍ଟା କରୁଅଛି, ମାତ୍ର ମୁଁ—ମୁଁ—ମୁଁ ଜାଣେ ନାହିଁ ମୁଁ ଏହା କିପରି-ଭାବରେ କରିବାକୁ ଯାଉଛି।"

132 ଏବଂ ସେ କହିଲେ, "ମୁଁ ତେବେ ଫେରିଯିବି ଓ ତୁମେ ତାହାଙ୍କୁ ଡାକିବ।" ତେଣୁ ସେ ପଛକୁ ଫେରିଗଲେ ଏବଂ ମୋତେ ସେଠାରେ ଠିଆ ଛାଡ଼ିଦେଲେ।

ଆଉ ମୁଁ କହିଲି, "ଚାର୍ଲି।"

ସେ ବୁଲି ପଡ଼ିଲେ ଓ କହିଲେ, "ହଁ, ବିଲ୍?"

ମୁଁ କହିଲି, "କଅଣ ମୁଁ ତୁମ ସହିତ ମାତ୍ର ଗୋଟିଏ ମିନିଟ୍ କଥା ହୋଇପାରେ କି?"

133 ସେ କହିଲେ, "ନିଶ୍ଚିତରେ।" ସେ ନିଜ ମେଜରୁ ବୁଲି ପଡ଼ିଲେ। ଶ୍ରୀମତୀ ବ୍ରମ୍‌ବାକ୍ ତାଙ୍କ ଆଡକୁ ଚାହିଁଲେ, ହୋପ୍‌କୁ ଅନାଇଲେ, ଏବଂ ମୋତେ ଚାହିଁଲେ।

ଆଉ ମୁଁ କହିଲି, "କଅଣ ଆପଣ ବାହାରେ ବାରଣ୍ଡାକୁ ଆସିବେ କି?"

ଏବଂ ସେ କହିଲେ, "ହଁ, ମୁଁ ବାହାରକୁ ଆସିବି।" ତେଣୁ ସେ ରେ ବାହାରେ ବାରଣ୍ଡାକୁ ଆସିଲେ।

ମୁଁ କହିଲି, "ନିଶ୍ଚିତରେ ଏକ ସୁନ୍ଦର ରାତ୍ରି, କଅଣ ନୁହେଁ କି?"

ଆଉ ସେ କହିଲେ, "ହଁ, ଏହା ଅଟେ।"

ମୁଁ କହିଲି, "ନିଶ୍ଚିତରେ ଉଷ୍ମ ଲାଗୁଛି।"

"ନିଶ୍ଚିତ ଅଛି," ସେ ମୋତେ ଅନାଇଲେ।

134 ମୁଁ କହିଲି, "ମୁଁ ବହୁତ କଠିନ ପରିଶ୍ରମ କରୁଛି," ମୁଁ କହିଲି, "ଆପଣ ଜାଣିଛନ୍ତି, ଏପରିକି ମୋର ହାତରେ ଗଣ୍ଠି ପଡ଼ି ଯାଇଛି।"

ସେ କହିଲେ, "ତୁମେ ତାକୁ ଗ୍ରହଣ କରି ପାର, ବିଲ୍।" ଓଃ, ମୋର ପ୍ରଭୁ! "ତୁମେ ତାକୁ ଗ୍ରହଣ କରି ପାର।"

135 ମୁଁ ଭାବିଲି, "ଓଃ, ତାହା ଭଲ ଅଟେ।" ମୁଁ କହିଲି, "କଅଣ ଆପଣଙ୍କର ପ୍ରକୃତରେ ତାହା ଅଭିପ୍ରାୟ ଅଟେ, ଚାର୍ଲି?" ସେ କହିଲେ...ମୁଁ କହିଲି, "ଚାର୍ଲି, ଦେଖନ୍ତୁ, ମୁଁ ଜାଣେ ସେ ଆପଣଙ୍କର ପୁତ୍ରୀ ଅଟେ, ଏବଂ ଆପଣଙ୍କ ପାଖରେ ଟଙ୍କା ଅଛି।"

136 ଏବଂ ସେ ପାଖକୁ ଆସି ମୋର ହାତ ଧରିଲେ। ସେ କହିଲେ, "ବିଲ୍, ଶୁଣ, ମାନବ ଜୀବନରେ ଟଙ୍କା ହିଁ ସବୁକିଛି ନୁହେଁ।" ସେ କହିଲେ...

137 ମୁଁ କହିଲି, "ଚାର୍ଲି, ମୁଁ—ମୁଁ ଘଣ୍ଟାକରେ କେବଳ କୋଡ଼ିଏ ଟଙ୍କା ରୋଜଗାର କରେ, ମାତ୍ର ମୁଁ ତାଙ୍କୁ ଭଲ ପାଏ ଏବଂ ସେ ମୋତେ ଭଲ ପାଆନ୍ତି। ଏବଂ ମୁଁ ଆପଣଙ୍କୁ ପ୍ରତିଶୃତି ଦେଉଛି, ଚାର୍ଲି, ଯେ ମୁଁ ତାଙ୍କର ତତ୍ତ୍ୱ ନେବା ପାଇଁ ସେପର୍ଯ୍ୟନ୍ତ କାମ କରିବି ଯେପର୍ଯ୍ୟନ୍ତ କି...

ଏହି ଗଣ୍ଠିଗୁଡ଼ିକ ମୋ ହାତରୁ ଝଡ଼ି ନ ଯାଏ । ମୁଁ ତାଙ୍କ ସହିତ ଯେତିକି ସଚ୍ଚୋଟ ରହିପାରେ ସେତିକି ରହିବି ।"

138 ସେ କହିଲେ, "ମୁଁ ତାହା ବିଶ୍ୱାସ କରେ, ବିଲ୍ ।" ସେ କହିଲେ, "ଶୁଣ, ବିଲ୍, ମୁଁ ତୁମକୁ କହିବାକୁ ଚାହେଁ ।" କହିଲେ, "ତୁମେ ଜାଣ, ଖୁସି, ସଂପୂର୍ଣ୍ଣ ଭାବେ ଏହା ଟଙ୍କା ପ୍ରୟୋଜନ କରେ ନାହିଁ ଖୁସି ହେବା ପାଇଁ ।" କହିଲେ, "କେବଳ ତାହା ପ୍ରତି ଭଲ ରୁହ । ଏବଂ ମୁଁ ଜାଣେ ତୁମେ ରହିବ ।"

ମୁଁ କହିଲି, "ଧନ୍ୟବାଦ, ଚାର୍ଲି । ମୁଁ ନିଶ୍ଚିତ ତାହା କରିବି ।"

139 ତାହାପରେ ଏହା ତାଙ୍କର ପାଳି ଥିଲା ମାଆଙ୍କୁ କହିବାର । ମୁଁ ଜାଣେ ନାହିଁ ଯେ ସେ ତାହା କିପରି ରକ୍ଷା ପାଇଲେ, ମାତ୍ର ଆମେ ବିବାହ କଲୁ ।

140 ତେଣୁ, ଯେତେବେଳେ ଆମେମାନେ ବିବାହ କଲୁ, ଆମ ପାଖରେ କିଛି ନ ଥିଲା, ଗୃହସାମଗ୍ରୀ ପାଇଁ କିଛି ନ ଥିଲା । ମୁଁ ଭାବୁଛି ଆମ ପାଖରେ ଦୁଇ ବା ତିନି ଡଲାର ଥିଲା । ତେଣୁ ଆମେ ଏକ ଘର ଭଡ଼ା କଲୁ, ଏହା ଆମକୁ ମାସକୁ ଚାରି ଡଲାର ଖର୍ଚ୍ଚ ପଡ଼ିଲା । ଏହା ଏକ ଛୋଟ, ପୁରୁଣା ଦୁଇ-ବଖରା ସ୍ଥାନ ଥିଲା । ଆଉ କେହିଜଣେ ଆମକୁ ଏକ ପୁରୁଣା ଭାଙ୍ଗ କରିବା ବିଛଣା ଦେଇଥିଲେ । ମୁଁ ଆଶ୍ଚର୍ଯ୍ୟ କରେ ଯଦି କେହି କେବେ ଏକ ପୁରୁଣା ଭାଙ୍ଗ କରିବା ବିଛଣା ଦେଖିଛନ୍ତି କି? ଏବଂ ସେମାନେ ଆମକୁ ତାହା ଦେଇଥିଲେ । ଏବଂ ମୁଁ ସିଅର୍ସ ଏବଂ ରୋବକ୍ସକୁ ଯାଇ ଏକ ମେଜ ସହିତ ଚାରୋଟି ଚେୟାର କିଣି ଆଣିଲି, ଏବଂ ଏହା—ଏହା ରଙ୍ଗ କରାଯାଇ ନ ଥିଲା, ଆପଣ ଜାଣନ୍ତି, ଆଉ ଆମେ ତାହା ଠିକ୍ ସମୟରେ ପାଇଲୁ । ଏବଂ ତାହାପରେ ମୁଁ, ଜଣେ ପୁରୁଣା ସାମାନ ବିକ୍ରେତା, ଶ୍ରୀ ୱେବରଙ୍କ ନିକଟକୁ ଯାଇ ଏକ ରନ୍ଧନ ଚୁଲି କିଣି ଆଣିଲି । ମୁଁ ଏଥିପାଇଁ ପଞ୍ଚ-ସତୁରି ସେଣ୍ଟ ଦେଲି, ଏବଂ ଏକ ଡଲାର୍ ଏବଂ ସେତିକି କିଛି ଟଙ୍କା ସେଥିରେ ଗ୍ରେଟ୍ ଇତ୍ୟାଦି ଲଗାଇବା ପାଇଁ ଦେଲି । ଆମେ ଗୃହସାମଗ୍ରୀ ବ୍ୟବସ୍ଥା କରିଲୁ । ମୋର ମନେ ଅଛି ଯେତେବେଳେ ମୁଁ ଚୌକୀଗୁଡ଼ିକୁ ନେଇଥିଲି ଏବଂ ତା ଉପରେ ଏକ ଶ୍ୟାମ୍ରକ୍ ଫୁଲ ଅଙ୍କନ କରିଥିଲି, ଯେତେବେଳେ ମୁଁ ସେଗୁଡିକୁ ରଙ୍ଗ କରିଥିଲି । ଏବଂ, ଓଃ, ତଥାପି, ଆମେ ଖୁସି ଥିଲୁ । ଆମେ ପରସ୍ପର ସହିତରେ ଥିଲୁ, ତେଣୁ ତାହାହିଁ ସବୁକିଛି ଆବଶ୍ୟକ ଥିଲା । ଏବଂ ପରମେଶ୍ୱର, ତାହାଙ୍କର ଦୟା ଏବଂ ତାହାଙ୍କର ଉତ୍ତମତା ଦ୍ୱାରା, ଆମେ ପୃଥିବୀରେ ରହିଥିବା ସବୁଠାରୁ ଛୋଟ ସୁଖୀ ଦମ୍ପତି ଥିଲୁ ।

141 ମୁଁ ଏହା ପାଇଲି, ଯେ ସୁଖ ସେଥିରେ ଗଣନା କରାଯାଏ ନାହିଁ ଯେ ଆପଣ ଜଗତର କେତେ ବସ୍ତୁରେ ଅଧିକାରୀ ଅଟନ୍ତି, ମାତ୍ର ଆପଣଙ୍କୁ ଦିଆଯାଇଥିବା ଅଂଶ ସହିତ ଆପଣ କେତେ ସନ୍ତୁଷ୍ଟ ଅଟନ୍ତି ।

142 ଏବଂ, କିଛି ସମୟ ପରେ, ପରମେଶ୍ୱର ତଳକୁ ଓହ୍ଲାଇ ଆସି ଆମ ଛୋଟ ଘରକୁ ଆଶୀର୍ବାଦ କଲେ, ଆମର ଏକ ଛୋଟ ପୁଅ ହେଲା । ତାହାର ନାମ ବିଲି ପଲ୍ ଥିଲା, ବର୍ତ୍ତମାନ ଠିକ୍ ଏଠାରେ ସେ ସେବାରେ ଅଛି । ଏବଂ ସେହି ସମୟଠାରୁ ଅଳ୍ପ କେତେ ଦିନ ଉତ୍ତାରେ,

ପ୍ରାୟଃ ଏଗାର ମାସ ପରେ, ସେ ଆମକୁ ଶାରୋନ ରୋଜ ନାମକ ଏକ ଛୋଟ କନ୍ୟାରେ ପୁଣି ଆଶୀର୍ବାଦ କଲେ, ଯାହାକି "ଶାରୋଣର ଗୋଲାପ" ବାକ୍ୟରୁ ନିଆଯାଇଛି।

143 ଏବଂ ମୋର ମନେ ଅଛି ଦିନେ ମୁଁ ମୋର ଟଙ୍କା ସଞ୍ଚୟ କରିଥିଲି ଓ ମୁଁ ଏକ ଛୋଟ ଛୁଟି ନେବାକୁ ଯାଉଥିଲି, ମାଛ ଧରିବା ନିମନ୍ତେ, ପାଉ ପାଉ ହ୍ରଦ, ନାମକ ଏକ ସ୍ଥାନକୁ ଯାଉଥିଲି। ଆଉ ମୋର ଫେରିବା ବାଟରେ...

144 ଏବଂ ଏହି ସମୟରେ...ମୁଁ ମୋର ପରିବର୍ତ୍ତିତ ହେବା ବିଷୟକୁ ବାଦ ଦେଉଛି। ମୁଁ ପରିବର୍ତ୍ତିତ ହୋଇ ସାରିଥିଲି। ଏବଂ ମିଶନାରୀ ବାପ୍ଟିଷ୍ଟ ଗୀର୍ଜାରେ, ଡାକ୍ତର ରୟ ଡେଭିସ୍‌ଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲି, ଏବଂ ମୁଁ ଜଣେ ସେବକ ହୋଇ ସାରିଥିଲି ଓ ମୋ ପାଖରେ ସେହି ଆରାଧନାଳୟ ରହିଥିଲା ଯାହାକୁ ମୁଁ ବର୍ତ୍ତମାନ ଜେଫର୍ସନଭିଲେରେ ପ୍ରଚାର କରୁଛି। ଏବଂ ମୁଁ ସେହି ଛୋଟ ମଣ୍ଡଳୀର ପାଳକତ୍ୱ କରୁଥିଲି। ଆଉ ମୁଁ...

145 କୌଣସି ଟଙ୍କା ନାହିଁ, ମୁଁ ସତର ବର୍ଷ ସେହି ମଣ୍ଡଳୀର ପାଳକତ୍ୱ କଲି ଏବଂ କେବେବି ଗୋଟିଏ ପଇସା ସୁଦ୍ଧା ପାଇ ନ ଥିଲି। ମୁଁ ବିଶ୍ୱାସ କରେ ନାହିଁ ନେବା-...ସେଠାରେ ଏକ ଦାନ ପାତ୍ର ସୁଦ୍ଧା ନ ଥିଲା। ଏବଂ କାମରୁ ମୋର ଯାହା ଦଶମାଂଶ ଆସୁଥିଲା, ଏବଂ ଅନ୍ୟାନ୍ୟ, ସେହି ଭବନର ପଛ ଭାଗରେ ଏକ ଛୋଟ ବାକ୍ସ ଥିଲା, ଯେଉଁଥିରେ, ଏହି ଛୋଟ ଚିହ୍ନ ଲିଖିତ ଥିଲା, "ଅତଏବ, ତୁମ୍ଭେମାନେ ମୋର ଛୋଟରୁ ଛୋଟ ସନ୍ତାନମାନଙ୍କ ସହିତ ଯାହା କରିଛ, ତୁମ୍ଭେମାନେ ତାହା ମୋ ସହିତ କରିଅଛ।" ଏବଂ ତେବେ ସେହିପରି ଭାବରେ ଗୀର୍ଜା ପାଇଁ ଖର୍ଚ୍ଚ ବହନ କରାଯାଇଥିଲା। ଏହାକୁ ପରିଶୋଧ କରିବା ପାଇଁ ଆମ ପାଖରେ ଦଶ-ବର୍ଷର ଋଣ ଥିଲା, ଏବଂ ତାହା ଦୁଇ ବର୍ଷରୁ କମ୍ ସମୟରେ ପରିଶୋଧ କରାଯାଇଥିଲା। ଆଉ ମୁଁ କଦାପି କୌଣସି ପ୍ରକାରର ଏକ ନୈବେଦ୍ୟ ଗ୍ରହଣ କରି ନାହିଁ।

146 ଏବଂ ତାହାପରେ ମୋ ପାଖରେ, ଓଃ, କେତେକ ଡଲାର ମାତ୍ର ଥିଲା ଯାହାକି ମୁଁ ମୋର ଛୁଟି ପାଇଁ ସଞ୍ଚୟ କରିଥିଲି। ସେ ମଧ୍ୟ, ଫାଇନ୍ସ ସାର୍ଟ କାରଖାନାରେ, କାମ କରିଥିଲେ। ଏକ ଅତି ସୁନ୍ଦର ପ୍ରିୟ ଝିଅଟିଏ। ଆଉ ବୋଧହୁଏ ତାଙ୍କ କବର ଆଜି ତୁଷାରାଚ୍ଛାଦିତ ଥିବ, ମାତ୍ର ସେ ତଥାପି ମୋ ହୃଦୟରେ ଅଛନ୍ତି। ଏବଂ ମୋର ମନେ ଅଛି ଯେତେବେଳେ ସେ ମୋତେ ସାହାଯ୍ୟ କରିବା ପାଇଁ ଏତେ ଅଧିକ ପରିଶ୍ରମ କରିଥିଲେ ଯେପରିକି ମୁଁ ମାଛ ଧରିବା ପାଇଁ ଏହି ହ୍ରଦକୁ ଯିବା ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ପାଇପାରେ।

147 ଆଉ ଯେତେବେଳେ ମୁଁ ହ୍ରଦରୁ ଫେରୁଥିଲି, ସେତେବେଳେ ମୁଁ ଦେଖିବାକୁ ଆରମ୍ଭ କଲି, ଯେ ମିଶାୱାକା ଏବଂ ସାଉଥ୍ ବେଣ୍ଡ, ଇଣ୍ଡିୟାନାକୁ ପ୍ରବେଶ କରିବା ବେଳେ, ଏବଂ ମୁଁ କାରଗୁଡିକୁ ଧ୍ୟାନ ଦେବା ଆରମ୍ଭ କଲି ଯାହାର ପଛରେ ଚିହ୍ନମାନ ରହିଥିଲା, ଯଥା, "ଜିସସ୍ ଓନ୍‌ଲି।" ଆଉ ମୁଁ ଚିନ୍ତା କାଲି, "ଏହା ବିଚିତ୍ର ଶୁଭା ଯାଉଛି, 'ଜିସସ୍ ଓନ୍‌ଲି।'" ଏବଂ ମୁଁ ସେହି ଚିହ୍ନଗୁଡିକୁ ଧ୍ୟାନ ଦେବା ଆରମ୍ଭ କରେ। ଏବଂ ଏହା ସମସ୍ତ କିଛିରୁ ନେଇ ସାଇକେଲ, ଫୋର୍ଡସ୍, କ୍ୟାଡିଲାକ୍, ଏବଂ ଯାହା-କିଛି ଥିଲା ସବୁକିଛି ଉପରେ ରହିଥିଲା, "ଜିସସ୍ ଓନ୍‌ଲି।"

ଏବଂ ମୁଁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅନୁସରଣ କଲି, ଏବଂ ସେମାନେ ଏକ ବଡ଼ ଗୀର୍ଜାଘରକୁ ଆସିଲେ । ଏବଂ ମୁଁ ଜାଣିବାକୁ ପାଇଲି ଯେ ସେମାନେ ପେଣ୍ଟିକଷ୍ଟାଲ୍ ଅଟନ୍ତି ।

148 ମୁଁ ପେଣ୍ଟିକଷ୍ଟାଲ ବିଷୟରେ ଶୁଣିଥିଲି, ମାତ୍ର ସେମାନେ "ପବିତ୍ର-ପାଖଣ୍ଡମାନଙ୍କର ଏକ ଏପରି ସମୂହ ଥିଲେ ଯେଉଁମାନେକି ଭୂଇଁରେ ଗଡ଼ି ଯାଉଥିଲେ ଏବଂ ସେମାନଙ୍କ ପାଟିରୁ ଫେଣ ବାହାରୁଥିଲା," ଏବଂ ସେସମସ୍ତ କିଛି ଯାହା ସେମାନେ ମୋତେ ସେମାନଙ୍କ ବିଷୟରେ କହିଥିଲେ । ତେଣୁ ମୁଁ ଏହା ସହିତ କିଛି କରିବାକୁ ଚାହୁଁ ନ ଥିଲି ।

149 ଏଣୁ ମୁଁ ସେସମସ୍ତଙ୍କୁ ସେଠାରେ ସେହି ସବୁ ବିଷୟ କରୁଥିବାର ଶୁଣିଲି, ଏବଂ ମୁଁ ଚିନ୍ତା କଲି, "ଭାବୁଛି ମୁଁ ଟିକେ କେବଳ ଭିତରକୁ ଯିବି ।" ତେଣୁ ମୁଁ ମୋର ପୁରୁଣା ଫୋର୍ଡକୁ ଅଟକାଇଲି ଏବଂ ଭିତରକୁ ଗଲି, ଏବଂ ଆପଣ ନିଜ ଜୀବନରେ କଦାଚିତ୍ ଶୁଣିଥିବା ସମସ୍ତ ଗୀତ ଶୁଣିଲେ! ଏବଂ ମୁଁ ଜାଣିବାକୁ ପାଇଲି ଯେ ଦୁଇଟି ମହାନ ମଣ୍ଡଳୀ ଅଛନ୍ତି, ସେମାନଙ୍କ ମଧ୍ୟରୁ ଗୋଟିଏକୁ ପି.ଏ. ଅଫ୍ ଜେ.ସି., ଓ ଅନ୍ୟଟିକୁ ପି.ଏ. ଅଫ୍ ଡବଲ୍ୟୁ. କୁହାଯାଏ, ଆପଣମାନଙ୍କ ମଧ୍ୟରୁ ଅନେକେ ସେହି ପୁରୁଣା ସଙ୍ଗଠ-ଗୁଡ଼ିକୁ ମନେ କରି ପାରୁଥିବେ... ମୁଁ ଭାବୁଛି ସେମାନେ ଏକତ୍ରିତ ଅଟନ୍ତି, ବର୍ତ୍ତମାନ ଡକାଯାଆନ୍ତି, ଏବଂ ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ବୋଲି ଡକାଯାଆନ୍ତି । ହଁ, ମୁଁ ସେମାନଙ୍କର କେତେକ ଶିକ୍ଷକଙ୍କ କଥା ଶୁଣିଲି । ଏବଂ ସେମାନେ ସେଠାରେ ଛିଡ଼ା ହୋଇଥିଲେ, ଓଃ, ସେମାନେ ଯୀଶୁଙ୍କ ବିଷୟରେ ଶିକ୍ଷା ଦେଉଥିଲେ ଏବଂ ସେ କେତେ ମହାନ୍ ଥିଲେ, ଏବଂ ସବୁକିଛି କେତେ ମହାନ୍ ଥିଲା, ଏବଂ ଏକ "ପବିତ୍ରଆତ୍ମାଙ୍କ ବାପ୍ତିସ୍ମ" ବିଷୟରେ ଶିକ୍ଷା ଦେଉଥିଲେ । ମୁଁ ଭାବିଲି, "ସେମାନେ କଅଣ କହୁଛନ୍ତି?"

150 ଏବଂ, କିଛି ସମୟ ପରେ, କେହି ଜଣେ ଡିଆଁ ମାରି ଉଠି ପଡ଼ିଲା ଓ ପରଭାଷାରେ କଥା କହିବାକୁ ଆରମ୍ଭ କଲା । ତେବେ, ମୁଁ ମୋ ଜୀବନରେ ସେହିପରି କିଛି କେବେବି ଶୁଣି ନ ଥିଲି । ଆଉ ଏଠାରେ କୌଣସି ଜଣେ ମହିଳା ଯଥା ସମ୍ଭବ ଦୌଡ଼ି କରି ଚାଲି ଆସନ୍ତି । ତାହାପରେ ସମସ୍ତେ ଉଠି ପଡ଼ିଲେ ଓ ଦୌଡ଼ିବାକୁ ଲାଗିଲେ । ଏବଂ ମୁଁ ଭାବିଲି, "ତେବେ, ଭାଇ, ନିଶ୍ଚିତରେ ସେମାନଙ୍କଠାରେ କୌଣସି ମଣ୍ଡଳୀ ଆଚରଣ ବିଧିର ଜ୍ଞାନ ନାହିଁ!" ଉଚ୍ଚ ପାଟି କରିବା ଏବଂ ଚିତ୍କାର କରିବା ଓ ସେହିପରି କାର୍ଯ୍ୟକଳାପ କରିବା, ମୁଁ ଭାବିଲି, "ଏହା କି ଏକ ସମୂହ ଅଟେ!" ମାତ୍ର, ଆପଣ ଜାଣନ୍ତି, ଏହା ବିଷୟରେ କିଛି ଗୋଟାଏ ଥିଲା, ଯେତେ ଅଧିକ ମୁଁ ସେଠାରେ ବସିଲି, ମୋତେ ସେତେ ଅଧିକ ଭଲ ଲାଗିଲା । କିଛି ଗୋଟାଏ ବାସ୍ତବିକ ରୂପେ ଭଲ ଲାଗୁଥିବା ପରି ବିଷୟ ଥିଲା । ଏବଂ ମୁଁ ସେମାନଙ୍କୁ ଲକ୍ଷ୍ୟ କରିବା ଆରମ୍ଭ କଲି । ଏବଂ ଏହା ଚାଲିଲା । ମୁଁ ଭାବିଲି, "ମୁଁ ସେମାନଙ୍କ ସହିତ ଅଳ୍ପ କିଛି ସମୟ ଅତିବାହିତ କରିବି, କାରଣ ମୁଁ କରିବି...ମୁଁ ଦ୍ୱାର ପାଖରେ ଅଛି । ଯଦି ଏପରି କୌଣସି ବିଷୟ ବେପରୁଆ ଭାବେ ଆରମ୍ଭ ହୁଏ, ତେବେ ମୁଁ ଦ୍ୱାରରୁ ବାହାରି ଯିବି । ମୁଁ ଜାଣେ ମୋ କାର୍ କେଉଁଠାରେ ଥୁଆ ହୋଇଛି, ଠିକ୍ ସେଠାରେ କୋଣରେ ।"

151 ଏବଂ ମୁଁ ସେମାନଙ୍କ ମଧ୍ୟରୁ କେତେକ ପ୍ରଚାରକଙ୍କୁ ଶୁଣିବାକୁ ଲାଗିଲି, ସେମାନେ ବିଦ୍ୱାନ ଓ ଛାତ୍ରମାନେ ଥିଲେ । କାହିଁକି, ମୁଁ ଭାବିଲି, "ତାହା ତ ଠିକ୍ ଅଛି ।"

ତେଣୁ ଭୋଜନ ସମୟ ଉପସ୍ଥିତ ହେଲା, ଏବଂ କହିଲେ, "ସମସ୍ତେ ଭୋଜନ ନିମନ୍ତେ ଆସନ୍ତୁ ।"

152 ମାତ୍ର ମୁଁ ଭାବିଲି, "ଗୋଟିଏ ମିନିଟ୍ ରୁହନ୍ତୁ । ମୋ ପାଖରେ ଘରକୁ ଯିବା ପାଇଁ ଏକ ଡଲାର ଏବଂ ପଞ୍ଚ-ସତୁରି ସେଣ୍ଟ ପଇସା ଅଛି, ଏବଂ ମୁଁ..." ପେଟ୍ରୋଲ ଟଙ୍କା ପାଇଁ ମୋ ପାଖରେ ତାହା ହିଁ ସବୁ କିଛି ଥିଲା । ମୋତେ ଘରକୁ ନେଇଯିବା ପାଇଁ କେବଳ ସେତିକି ଦରକାର ଥିଲା । ଏବଂ ମୋ ପାଖରେ ମୋର ପୁରୁଣା ଫୋର୍ଡ ଥିଲା, ଏହା ଏକ ବହୁତ ଭଲ ପୁରୁଣା ଫୋର୍ଡଟିଏ । ଏହା ଅଧଃପତିତ ଅବସ୍ଥାରେ ନ ଥିଲା, ଏହା ଠିକ୍ ଏଠାରେ ରହିଥିବା ଏହି ଗାଡ଼ି ପରି ହିଁ ଥିଲା, କେବଳ ବ୍ୟବହାରଜନିତ ଜୀର୍ଣ୍ଣ ଶୀର୍ଣ୍ଣ ହୋଇଯାଇଥିଲା । ଏବଂ ଏହା... ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ଫୋର୍ଡ ଘଣ୍ଟାକ ତିରିଶ ମାଇଲ ଯିବ, ମାତ୍ର ଅବଶ୍ୟ ତାହା ପନ୍ଦର ଏହି ପଟରେ ଏବଂ ପନ୍ଦର ସେହି ପଟରେ ଥିଲା । ଆପଣ ଦେଖନ୍ତୁ, ଏହାକୁ ଏକାଠି କରିଦେଲେ, ଆପଣଙ୍କର ତିରିଶ ହୁଏ । ଆଉ ତେଣୁକରି ଏହା...ମୁଁ ଭାବିଲି, "ତେବେ, ସେହି ରାତ୍ରିରେ ମୁଁ ଭାବୁଛି ମୁଁ ବାହାରକୁ ଯିବି ଏବଂ ...ପରେ" ମୁଁ ରାତ୍ରି ସେବା ପାଇଁ ରହିଲି ।

153 ଏବଂ, ଓଃ, ସେ କହିଲେ, "ସମସ୍ତ ପ୍ରଚାରକଗଣ, ନାମଧାରୀ ସଂସ୍ଥା ନିରପେକ୍ଷରେ, ମଞ୍ଚ ଉପରକୁ ଆସନ୍ତୁ ।" ତେବେ, ସେଠାରେ ଆମେମାନେ ପ୍ରାୟଃ ଦୁଇଶହ ଜଣ ଲୋକ ଉପରେ ଥିଲୁ, ମୁଁ ଉପରକୁ ଗଲି । ଆଉ ତେଣୁ ସେ କହିଲେ, "ତେବେ, ଆପଣ ସମସ୍ତେ ପ୍ରଚାର କରିବା ପାଇଁ ଆମ ପାଖରେ ସମୟ ନାହିଁ ।" ସେ କହିଲେ, "କେବଳ ଚାଲିକରି ଆସନ୍ତୁ ଏବଂ କୁହନ୍ତୁ ଯେ ଆପଣ କିଏ ଓ ଆପଣ କେଉଁଠାରୁ ଆସିଛନ୍ତି ।"

154 ତେବେ, ଏହା ମୋର ସମୟ ଆସିଲା, ମୁଁ କହିଲି, "ୱିଲିୟମ୍ ବ୍ରାନହାମ୍, ବାପ୍ଟିଷ୍ଟ । ଜେଫର୍ସନଭିଲେ, ଇଣ୍ଡିୟାନା ।" ଚାଲି ଗଲି ।

155 ମୁଁ ବାକି ଅନ୍ୟାନ୍ୟ ସମସ୍ତଙ୍କୁ ନିଜ ନିଜକୁ ଡାକୁଥିବାର ଶୁଣିଲି, "ପେଣ୍ଟିକଷ୍ଟାଲ୍, ପେଣ୍ଟିକଷ୍ଟାଲ୍, ପେଣ୍ଟିକଷ୍ଟାଲ୍, ପି.ଏ.ଅଫ୍ ଡବଲ୍ୟୁ., ପି.ଏ.ଜେ.ସି., ପି.ଏ.ଡବଲ୍ୟୁ., ପି..."

156 ମୁଁ ଚାଲି ଗଲି । ମୁଁ ଭାବିଲି, "ତେବେ, ମୁଁ ଅନୁମାନ କରୁଛି ଯେ ମୁଁ ହିଁ ବିଚିତ୍ର ପ୍ରାଣୀ ଥିଲି ।" ତେଣୁ ମୁଁ ବସି ପଡ଼ିଲି, ଅପେକ୍ଷା କଲି ।

157 ଏବଂ, ସେହି ଦିନ, ସେମାନଙ୍କର ଖୁବ୍ ଉତ୍ତମ, ଯୁବା ପ୍ରଚାରକମାନେ ସେଠାରେ ଥିଲେ, ଆଉ ସେମାନେ ଶକ୍ତିଶାଳୀ ଭାବରେ ପ୍ରଚାର କରିଥିଲେ । ତାହାପରେ ସେମାନେ କହିଲେ, "ଆଜି ରାତ୍ରିରେ ଯେଉଁ ଜଣକ ବାର୍ତ୍ତା ନେଇ ଆସିବାକୁ ଯାଉଛନ୍ତି..." ମୁଁ ବିଶ୍ୱାସ କରେ ସେମାନେ ତାହାଙ୍କୁ, "ପ୍ରାଚୀନ" ବୋଲି ଡାକିଲେ । ଏବଂ ସେମାନଙ୍କର ସେବକମାନେ, "ସମ୍ମାନୀୟ," ବଦଳରେ ଏହା ଥିଲା "ପ୍ରାଚୀନ ।" ଏବଂ ସେମାନେ ସେଠାରେ ଜଣେ ବୃଦ୍ଧ ଅଶ୍ୱେତ ବ୍ୟକ୍ତିଙ୍କୁ ଆଣିଲେ, ଆଉ ସେ ଏହି ପୁରୁଣା-କାଳିଆ ପ୍ରଚାରକମାନଙ୍କର କୋଟ

ମଧ୍ୟରୁ ଗୋଟିଏ ପିନ୍ଧିଥିଲେ । ମୁଁ ଅନୁମାନ କରେ ନାହିଁ ଯେ ଆପଣ ସେପରି ଗୋଟିଏ କେବେ ଦେଖିଥିବେ । ପଛରେ ଲମ୍ବା କପୋତ-ଲାଞ୍ଜ ପରି, ଆପଣ ଜାଣନ୍ତି, ଏକ ମଖମଲିଆ କଲର ସହିତରେ, ଏବଂ ତାଙ୍କ ମସ୍ତକରେ ଧଳା କେଶର ଏକ ଛୋଟ ଧାଡ଼ିଟିଏ ଥିଲା । ବେଚାରା ବୃଦ୍ଧ ବ୍ୟକ୍ତିଜଣ, ସେ ଏହିପରି ବାହାରକୁ ଆସିଲେ, ଆପଣ ଜାଣନ୍ତି । ଏବଂ ସେ ସେଠାରେ ଛିଡ଼ା ହେଲେ ଓ ବୁଲି ପଡ଼ିଲେ । ଏବଂ ଯେଉଁଠାରେ ସମସ୍ତ ପ୍ରଚାରକମାନେ ଯୀଶୁ ଏବଂ ସେହି ମହାନ ବିଷୟରେ ପ୍ରଚାର କରିଥିଲେ...ସେ କେତେ ମହାନ ଥିଲେ, ଏବଂ ପ୍ରଭୃତି ସବୁ, ସେହି ବୃଦ୍ଧ ଜଣକ ତାଙ୍କର ମୂଳପାଠକୁ ଆୟୁବରୁ ନେଲେ । "ଯେତେବେଳେ ମୁଁ ଜଗତର ଭିତ୍ତିମୂଳ ସ୍ଥାପନ କଲି, କିଅବା ଯେତେବେଳେ ପ୍ରଭାତୀ ତାରାମାନେ ଏକତ୍ର ଗୀତ ଗାନ କଲେ ଏବଂ ପରମେଶ୍ୱରଙ୍କ ପୁତ୍ରଗଣ ଆନନ୍ଦଧ୍ୱନି କଲେ ତୁମେ କେଉଁଠାରେ ଥିଲ?"

158 ଏବଂ ସେହି ବେଚାରା ବୃଦ୍ଧ ବ୍ୟକ୍ତିଜଣକ, ମୁଁ ଭାବିଲି, "କାହିଁକି ସେମାନେ ସେହି ଯୁବାମାନଙ୍କ ମଧ୍ୟରୁ କେତେକଙ୍କୁ ସେଠାରେ ପ୍ରଚାର କରିବାକୁ ରଖିଲେ ନାହିଁ?" ଉତ୍ତମ... ସ୍ଥାନଟି ସମ୍ପୂର୍ଣ୍ଣଭାବେ ପରିପୂର୍ଣ୍ଣ ହୋଇଯାଇଥିଲା । ଏବଂ ମୁଁ ଭାବିଲି, "ସେମାନେ ତାହା କାହିଁକି କଲେ ନାହିଁ?"

159 ଏଣୁ ତେବେ ଏହି ବୃଦ୍ଧ ବ୍ୟକ୍ତିଜଣକ, ଏଠାରେ ତଳେ ପୃଥିବୀରେ ଯାହା ଘଟୁଅଛି ତାହା ପ୍ରଚାର କରିବା ପରିବର୍ତ୍ତେ, ସ୍ୱର୍ଗରେ ସବୁ ସମୟରେ ଯାହା ଘଟୁଥିଲା ସେ ତାହା ପ୍ରଚାର କରିବାକୁ ଲାଗିଲେ । ତେବେ, ସେ ତାହାଙ୍କୁ ଆରମ୍ଭକୁ ନେଇଗଲେ—ସମୟର ଆରମ୍ଭରେ, ଏବଂ ଭୂସମାନାନ୍ତର ମେଘଧନୁରେ ତାହାଙ୍କୁ ଦ୍ୱିତୀୟ ଆଗମନରେ ଫେରାଇ ଆଣିଲେ । କାହିଁକି, ମୁଁ ମୋ ଜୀବନରେ ଏପରି ପ୍ରଚାର ଶୁଣି ନ ଥିଲି! ପ୍ରାୟଃ ସେହି ସମୟରେ ଯେତେବେଳେ ଆତ୍ମା ତାଙ୍କୁ ଆଘାତ କଲେ, ସେ ସେତିକି ଉଚ୍ଚକୁ ଡେଇଁଲେ ଏବଂ ନିଜର ଗୋଇଠିକୁ ଏକତ୍ର ବାଡ଼େଇଲେ, ନିଜର କାନ୍ଧଗୁଡ଼ିକୁ ପଛକୁ କରି ଦେଇ ସେହି ମଞ୍ଚରୁ ବିଦାୟ ନେଇ ଚାଲିଗଲେ, ଓ କହିଲେ, "ମୋର ପ୍ରଚାର କରିବା ପାଇଁ ତୁମ ପାଖରେ ଏଠାରେ ଯଥେଷ୍ଟ ସ୍ଥାନ ନାହିଁ ।" ଏବଂ ତାଙ୍କ ପାଖରେ ତାହା ଅପେକ୍ଷା ଅଧିକ ସ୍ଥାନ ଥିଲା ଯାହା ଏଠାରେ ମୋ ପାଖରେ ଅଛି ।

160 ମୁଁ ଭାବିଲି, "ଯଦି ତାହା ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଏପରି ଭାବରେ କାର୍ଯ୍ୟ କରାଇବ, ତେବେ ଯଦି ଏହା ମୋ ଉପରେ ପଡ଼େ ତାହା କଅଣ କରିବ?" ମୁଁ—ମୁଁ ଭାବିଲି, "ବୋଧହୁଏ ମୋତେ ସେଥିରୁ କିଛି ଦରକାର ।" କାହିଁକି, ସେ ସେଠାକୁ ବାହାରିକି ଆସିଥିଲେ, ମୁଁ ସେହି ବୃଦ୍ଧ ବ୍ୟକ୍ତି ପାଇଁ ବହୁତ ଦୁଃଖିତ ଅନୁଭବ କରୁଥିଲି । ମାତ୍ର, ଯେତେବେଳେ ସେ ଚାଲିଗଲେ, ମୁଁ ମୋ ନିଜ ପାଇଁ ଦୁଃଖିତ ଅନୁଭବ କରୁଥିଲି । ଆଉ ମୁଁ ତାହାଙ୍କୁ ସେଠାରୁ ଚାଲି ଯାଉଥିବାର ଦେଖିଲି ।

161 ମୁଁ ସେହି ରାତ୍ରିରେ ବାହାରକୁ ଗଲି, ଏବଂ ମୁଁ ଭାବିଲି, "ତେବେ, ପରଦିନ ସକାଳେ ମୁଁ କାହାରିକୁ ଏହା ଜାଣିବାକୁ ଦେବି ନାହିଁ ଯେ ମୁଁ କେଉଁଠାରୁ, କିଏ ଅଟେ ।" ତେଣୁ ମୁଁ ଗଲି, ଏବଂ ସେହି ରାତ୍ରି ମୁଁ ମୋର ପାଇଜାମାଗୁଡ଼ିକୁ ଦବାଇ ସାଇତି କଲି । ମୁଁ ନେଲି...ଶୋଇବା

ପାଇଁ ଶସ୍ୟ କ୍ଷେତ୍ରକୁ ଗଲି, ଏବଂ ମୁଁ ତଳକୁ ଯାଇ ମୋ ପାଇଁ କିଛି ବାସି ରୋଲ୍ କିଣି ଆଣିଲି। ଆପଣ...ମୁଁ ଏକ ନିକେଲରେ ଏତେ ଗୁଡ଼ିଏ କିଣି ଆଣିଲି। ସେଠାରେ ତଳେ ଏକ ଜଳସ୍ରୋତ ଥିଲା, ମୁଁ କିଛି ପାଣି ନେଇ ଆସିଲି। ତେଣୁ ମୁଁ ଜାଣିଲି ଯେ ତାହା ମୋତେ ଅଳ୍ପ ସମୟ ଧରି ମୋ ଭୋକକୁ ସନ୍ତୁଷ୍ଟ କରିବ, ଏଣୁ ମୁଁ ମୋ ନିଜ ପାଇଁ କିଛି ପାଣି ନେଇ ଆସିଲି ଓ ତାହା ପିଇଲି, ଏବଂ ଯାଇ ମୋ ରୋଲ୍ ଖାଇଲି। ପୁଣି ଫେରି ଆସିଲି ଓ ଯାଇ ଆଉ ଥରେ ପାଣି ପିଇଲି। ଶସ୍ୟ କ୍ଷେତ୍ରକୁ ଗଲି, ଦୁଇଟି ଆସନକୁ ନେଲି ଏବଂ ମୋର ସାନ ରେଖା ରେଖା ଥିବା ପାଇଜାମାକୁ ସେଠାରେ ରଖି, ସେହି ଆସନକୁ ଉପରୁ ଦବାଇଲି।

162 ଆଉ, ସେହି ରାତ୍ରି, ମୁଁ ରାତିସାରା ବହୁତ ପ୍ରାର୍ଥନା କଲି। ମୁଁ କହିଲି, "ପ୍ରଭୁ, ଏହା କଅଣ ଅଟେ ଯେଉଁଥିରେ ମୁଁ ଆସିଯାଇଛି? ମୁଁ ମୋ ଜୀବନରେ ଏପରି ଧାର୍ମିକ ଲୋକମାନଙ୍କୁ କେବେବି ଦେଖି ନାହିଁ।" ଏବଂ ମୁଁ କହିଲି, "ଏହା ସବୁ କଅଣ ତାହା ବିଷୟରେ ଜାଣିବା ପାଇଁ ମୋତେ ସାହାଯ୍ୟ କର।"

163 ଏବଂ ପରଦିନ ସକାଳେ ମୁଁ ସେଠାରେ ପହଞ୍ଚିଲି। ଆମକୁ ଜଳଖିଆ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଅବଶ୍ୟ, ମୁଁ ସେମାନଙ୍କ ସହିତ ଖାଇବାକୁ ଗଲି ନାହିଁ, କାରଣ ମୋ ପାଖରେ ନୈବେଦ୍ୟରେ ଦେବାକୁ କିଛି ନ ଥିଲା। ଏବଂ ମୁଁ ଫେରିଗଲି। ଏବଂ ପରଦିନ ସକାଳେ ଯେତେବେଳେ ମୁଁ ଭିତରକୁ ଗଲି, କାହିଁକି (ମୁଁ ମୋର କିଛି ରୋଲଗୁଡ଼ିକ ଖାଇଥିଲି), ଏବଂ ଯାଇ ବସି ପଡ଼ିଲି। ଏବଂ ସେମାନେ ଏକ ମାଇକ୍ରୋଫୋନରେ କହୁଥିଲେ। ଏବଂ ମୁଁ ପୂର୍ବରୁ ଏକ ମାଇକ୍ରୋଫୋନ୍ କେବେ ଦେଖି ନ ଥିଲି, ଆଉ ମୁଁ ସେହି ଜିନିଷକୁ ଡରୁଥିଲି। ଏଣୁକରି ସେମାନେ...ଏବଂ ସେଥିରେ ଉପରେ ଏକ ଛୋଟ ତାର ଝୁଲି ରହିଥିଲା, ଆଉ ଏହା ତଳକୁ ଝୁଲୁଥିଲା। ଉପରୁ ତଳକୁ ଝୁଲୁଥିବା ସେହି ମାଇକମାନଙ୍କ ମଧ୍ୟରୁ ଗୋଟିଏ, ପରି। ଏବଂ ସେ କହିଲେ, "ଗତକାଲି ରାତିରେ, ମଞ୍ଚ ଉପରେ, ଏଠାରେ ଜଣେ ବାପ୍‌ଟିଷ୍ଟ, ଯୁବା ପ୍ରଚାରକ ଥିଲେ।"

ମୁଁ ଭାବିଲି, "ଉଃ-ଓଃ, ତେବେ ମୁଁ ଏକ ଶାସ୍ତି ନିମନ୍ତେ ଯୋଗ୍ୟ ଅଟେ।"

164 ଏବଂ ସେ କହିଲେ, "ସେ ମଞ୍ଚ ଉପରେ ସର୍ବକନିଷ୍ଠ ପ୍ରଚାରକ ଥିଲେ। ତାଙ୍କର ନାମ ଥିଲା ବ୍ରାନହାମ୍। କଅଣ କେହି ତାଙ୍କ ବିଷୟରେ କିଛି ଜାଣିଛନ୍ତି କି? ତାଙ୍କୁ ଆସିବା ପାଇଁ କୁହନ୍ତୁ, ଆମେ ଚାହୁଁ ଯେ ସେ ସକାଳର ବାର୍ତ୍ତା ନେଇ ଆସନ୍ତୁ।"

165 ଓଃ ମୋର ପ୍ରଭୁ! ମୁଁ ଏକ ଟି-ସାର୍ଟ ପିନ୍ଧିଥିଲି, ଓ ସେହି ରେଖା ଥିବା ପାଇଜାମା ପିନ୍ଧିଥିଲି, ଆପଣ ଜାଣନ୍ତି। ଏବଂ ଆମେ ବାପ୍‌ଟିଷ୍ଟମାନେ ଏହା ବିଶ୍ୱାସ କରୁ ଯେ ଆପଣଙ୍କୁ ମଞ୍ଚ ଉପରକୁ ଯିବାକୁ ହେଲେ, ଏକ ସୁଟ୍ ପିନ୍ଧିଥିବା ଆବଶ୍ୟକ, ଆପଣ ଜାଣନ୍ତି। ତେଣୁ...ଆଉ ମୁଁ—ମୁଁ କେବଳ ପ୍ରକୃତରେ ଚୁପଚାପ୍ ହୋଇ ବସିଥିଲି। ଏବଂ ସେହି ସମୟରେ...ସେତେବେଳେ ଉତ୍ତରରେ ସେମାନଙ୍କର ଏହା ନିୟମ ରହିଥିଲା 'କାରଣ (ସେମାନଙ୍କର ଅନ୍ତର୍ରାଷ୍ଟ୍ରୀୟ ସମ୍ମିଳନୀ) ଅଶ୍ୱେତ ଲୋକମାନେ ସେଥିରେ ଆସିପାରୁ ନ ଥିଲେ ଯଦି ତାହା ଦକ୍ଷିଣରେ

ଥିଲା । ସେମାନଙ୍କର ସେଠାରେ ଅଶ୍ୱେତ ଲୋକମାନେ ଥିଲେ, ଏବଂ ମୁଁ ଜଣେ ଦକ୍ଷିଣ ପ୍ରାନ୍ତିୟ ଥିଲି, ମୋର କଲାରରେ ଏବେ ସୁଦ୍ଧା ମଣ୍ଡ ଥିଲା, ଆପଣ ଦେଖନ୍ତୁ, ଭାବୁଥିଲି ମୁଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଟିକିଏ ଉତ୍ତମ ଅଟେ । ଏବଂ ସେଦିନ ସକାଳେ ହିଁ ଏପରି ହେବାକୁ ଥିଲା, ଯେ ଠିକ୍ ମୋ ପାଖରେ ଜଣେ—ଜଣେ ଅଶ୍ୱେତ ବ୍ୟକ୍ତି ବସିଥିଲେ । ଏଣୁ ମୁଁ ବସିଥିଲି ଓ ତାଙ୍କ ଆଡ଼କୁ ଅନାଇଲି । ମୁଁ ଭାବିଲି, "ତେବେ, ସେ ଜଣେ ଭାଇ ଅଟେ ।"

166 ଏବଂ ସେ କହିଲେ, "ୱିଲିୟମ୍ ବ୍ରାନହାମ୍ କେଉଁଠାରେ ଅଛନ୍ତି କେହି ଜାଣିଛନ୍ତି କି?" ମୁଁ ଏହିପରି ବସିଥିବା ସ୍ଥାନରେ ଗୁଞ୍ଜି ହୋଇଗଲି । ତେଣୁ ସେ ତାହା ଦ୍ୱିତୀୟ ଥର କହିଲେ, ଘୋଷଣା କଲେ, କହିଲେ, "ବାହାରେ କେହି" (ସେ ଏହି ଛୋଟ ମାଇକକୁ ଟାଣି ଆଣିଲେ) "ୱିଲିୟମ୍ ବ୍ରାନହାମ୍ କେଉଁଠାରେ ଅଛନ୍ତି ଜାଣିଛନ୍ତି କି? ତାଙ୍କୁ କୁହନ୍ତୁ ଯେ ଆମେ ତାଙ୍କୁ ସକାଳର ବାର୍ତ୍ତା ପାଇଁ ମଞ୍ଚ ଉପରେ ଚାହୁଁ । ସେ ଦକ୍ଷିଣ ଇଣ୍ଡିୟାନାରୁ ଜଣେ ବାପ୍ଟିଷ୍ଟ ପ୍ରଚାରକ ଅଟନ୍ତି ।"

167 ମୁଁ ପ୍ରକୃତରେ କେବଳ ସ୍ଥିର ଭାବେ ବସି ରହିଲି ଓ ଲୁଚିଲି, ଆପଣ ଜାଣନ୍ତି । ଯାହାହେଉ, କେହି ବି ମୋତେ ଜାଣି ନ ଥିଲେ । ସେହି ଅଶ୍ୱେତ ବାଳକ ମୋ ଆଡ଼କୁ ଚାହିଁ, କହିଲା, "କଅଣ ଆପଣ ଜାଣିଛନ୍ତି କି ସେ କେଉଁଠାରେ ଅଛନ୍ତି?"

168 ମୁଁ ଭାବିଲି । ମୋତେ—ମୋତେ ହୁଏତ ମିଛ କହିବାକୁ ପଡ଼ିବ କିମ୍ବା କିଛି କରିବାକୁ ପଡ଼ିବ । ତେଣୁ ମୁଁ କହିଲି, "ଠିକ୍ ଏଠାରେ ରୁହନ୍ତୁ ।"

ସେ କହିଲେ, "କଅଣ କହିଲେ, ଆଜ୍ଞା?"

ମୁଁ ଉତ୍ତର ଦେଲି, "ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ ।" ମୁଁ କହିଲି, "ମୁଁ—ମୁଁ ସେହି ଅଟେ ।"

ସେ କହିଲେ, "ତେବେ, ସେଠାରେ ଉପରକୁ ଯାଅ ।"

169 ଏବଂ ମୁଁ କହିଲି, "ନା, ମୁଁ କରିପାରେ ନାହିଁ । ଦେଖନ୍ତୁ," ମୁଁ କହିଲି, "ମୁଁ ଏହି ଛୋଟ ପୁରୁଣା ରେଖା ଥିବା ପାଇଜାମା ଓ ଏହି ଛୋଟ ଟି-ସାର୍ଟ ପିନ୍ଧିଅଛି ।" ମୁଁ କହିଲି, "ମୁଁ ସେଠାରେ ଉପରକୁ ଯାଇପାରିବି ନାହିଁ ।"

170 ସେ କହିଲେ, "ଆପଣ କିପରି ପୋଷାକ ପିନ୍ଧିଛନ୍ତି ସେହି ଲୋକମାନଙ୍କୁ ଫରକ ପଡ଼େ ନାହିଁ । ସେଠାରେ ଉପରକୁ ଯାଆନ୍ତୁ ।"

ମୁଁ କହିଲି, "ନା, ନା ।" ମୁଁ କହିଲି, "ଚୁପ୍ ରୁହନ୍ତୁ, ବର୍ତ୍ତମାନ କିଛି କୁହନ୍ତୁ ନାହିଁ ।"

171 ଏବଂ ସେମାନେ ଗୋଟିଏ ମିନିଟ୍ ପରେ ଫୋନକୁ ଫେରି ଆସି, କହିଲେ, "ୱିଲିୟମ୍ ବ୍ରାନହାମ୍ କେଉଁଠାରେ ଅଛନ୍ତି କେହି ଜାଣିଛନ୍ତି କି?"

172 ସେ କହିଲେ, "ଏଠାରେ ସେ ଅଛନ୍ତି! ଏଠାରେ ସେ ଅଛନ୍ତି! ସେ ଏଠାରେ ଅଛନ୍ତି!" ଓଃ, ମୋର ପ୍ରଭୁ! ସେଠାରେ ମୁଁ ସେହି ଛୋଟ ଟି-ସାର୍ଟ ପିନ୍ଧିଥିବା ଅବସ୍ଥାରେ ଉଠିଲି, ଆପଣ ଜାଣନ୍ତି । ଏବଂ ଏଠାରେ ମୁଁ...

173 ସେ କହିଲା, "ଉପରକୁ ଆସିଯାଆନ୍ତୁ, ଶ୍ରୀମାନ ବ୍ରାନହାମ୍, ଆମେ ଚାହୁଁ ଯେ ଆପଣ ବାର୍ତ୍ତା ପରିବେଷଣ କରନ୍ତୁ ।" ଓଃ, ମୋର ପ୍ରଭୁ, ସେହି ସମସ୍ତ ପ୍ରଚାରକମାନଙ୍କ ସମ୍ମୁଖରେ, ଉହୁଁ, ସେହି ସମସ୍ତ ଲୋକମାନଙ୍କ ସମ୍ମୁଖରେ! ଏବଂ ମୋ କଥା ଅସ୍ପଷ୍ଟ ହେବାକୁ ଲାଗିଲା, ଆପଣ ଜାଣନ୍ତି । ମୋର ଚେହେରା ଲାଲ, ଏବଂ ମୋ କାନ ଜଳିବାକୁ ଲାଗିଲା । ଏବଂ ମୁଁ କଥାରେ ଅସ୍ପଷ୍ଟ ହେଉଥିଲି, ରେଖା ଥିବା ପାଇଜାମା ଏବଂ ଟି-ସାର୍ଟ ପିନ୍ଧି, ପ୍ରଚାରକ, ବାପ୍‌ଟିଷ୍ଟ ପ୍ରଚାରକ ମାଇକ୍ରୋଫୋନ୍ ନିକଟକୁ ଯାଉଛନ୍ତି, ତାହା ଆଗରୁ କେବେ ଦେଖି ନାହାଁନ୍ତି, ଆପଣ ବୁଝିଲେ ।

174 ଏବଂ ମୁଁ ସେଠାରେ ଛିଡ଼ା ହେଲି, ମୁଁ କହିଲି, "ତେବେ, ମୁଁ—ମୁଁ—ମୁଁ ଏହା ବିଷୟରେ ଜାଣେ ନାହିଁ ।" ମୁଁ ଥଙ୍ଗେଇ ହେଉଥିଲି, ପ୍ରକୃତରେ ଅଧୀର ଥିଲି, ଆପଣ ଜାଣନ୍ତି । ଏବଂ—ଏବଂ ମୁଁ ଏଠାରେ ଲୂକ 16 ପାଖାପାଖି ପହଞ୍ଚିଲି, ଏବଂ ମୁଁ ଭାବିଲି, "ତେବେ, ବର୍ତ୍ତମାନ..." ଆଉ ମୁଁ—ମୁଁ ଏହି ବିଷୟକୁ ଆସିଲି, "ଏବଂ ସେ ନରକରେ ତାହାର ଆଖି ଉଠାଇ ଚାହିଁଲା, ଓ କାନ୍ଦିଲା ।" ଆଉ ମୁଁ କଲି...ଏଣୁ ମୁଁ—ମୁଁ ପ୍ରଚାର କରିବାକୁ ଆରମ୍ଭ କଲି, ଆପଣ ଜାଣନ୍ତି, ଏବଂ ମୁଁ ପ୍ରଚାର କରିବାକୁ ଲାଗିଲି ଓ ଟିକିଏ ଭଲ ଅନୁଭବ କଲି । ଏବଂ ମୁଁ କହିଲି, "ଧନୀ ଲୋକ ନରକରେ ଥିଲା ଏବଂ ସେ କାନ୍ଦିଲା ।" ସେହି ଛୋଟ ତିନୋଟି ଶବ୍ଦ, ଯେପରିକି ମୋର ଅନେକ ଉପଦେଶମାନ ସେହିପରି ଅଛି, "କଅଣ ତୁମେ ଏହାକୁ ବିଶ୍ୱାସ କର," ଏବଂ "ଏହି ପ୍ରସ୍ତରକୁ କଥା କୁହ," ଆପଣ ମୋତେ ସେଗୁଡ଼ିକୁ ପ୍ରଚାର କରିଥିବା ଶୁଣିଛନ୍ତି । ପୁଣି ମୋର ଥିଲା, "ଏବଂ ତାହାପରେ ସେ କାନ୍ଦିଲା ।" ଏବଂ ମୁଁ କହିଲି, "ସେଠାରେ କୌଣସି ସନ୍ତାନ ନାହାଁନ୍ତି, ନିଶ୍ଚିତ ଭାବରେ ନରକରେ ନୁହେଁ । ତାହାପରେ ସେ କାନ୍ଦିଲା ।" ମୁଁ କହିଲି, "ସେଠାରେ କୌଣସି ଫୁଲ ନାହିଁ । ତାହାପରେ ସେ କାନ୍ଦିଲା । ସେଠାରେ କୌଣସି ପରମେଶ୍ୱର ନାହାଁନ୍ତି । ତାହାପରେ ସେ କାନ୍ଦିଲା । ସେଠାରେ କୌଣସି ଖ୍ରୀଷ୍ଟ ନାହାଁନ୍ତି । ତାହାପରେ ସେ କାନ୍ଦିଲା ।" ତାହାପରେ ମୁଁ କାନ୍ଦିଲି । କିଛି ଗୋଟାଏ ମୋତେ ଅଧିକାର କଲା । ମୋର ପ୍ରଭୁ! ଓଃ, ମୋର ପ୍ରଭୁ! ପରେ, କଅଣ ହେଲା ମୁଁ ଜାଣେ ନାହିଁ । ଯେତେବେଳେ ମୁଁ ଏକ ପ୍ରକାର ଚେତନା ପାଇଲି, ମୁଁ ବାହାରେ ଛିଡ଼ା ହୋଇଥିଲି । ସେହି ଲୋକମାନେ ଚିତ୍କାର କରି ଉଚ୍ଚ ପାଟି କରିଥିଲେ ଓ କାନ୍ଦିବାକୁ ଲାଗିଲେ, ଏବଂ ମୁଁ, ଆମର ଏକ ଭୟଙ୍କର ସମୟ ଥିଲା ।

175 ଯେତେବେଳେ ମୁଁ ବାହାରକୁ ଆସିଲି ସେଠାରେ ଜଣେ ବ୍ୟକ୍ତି ଏକ ବଡ଼ ଟେକ୍ସାସ ଟୋପି ପିନ୍ଧି, ବଡ଼ ଜୋତା ପିନ୍ଧି ମୋ ପାଖକୁ ଚାଲିକରି ଆସିଲେ, ଆସି, କହିଲେ, "ମୁଁ ପ୍ରାଚୀନ *ଅମୁକ-ଓ-ଅମୁକ* ଅଟେ ।" ପ୍ରଚାରକ, ଗୋମେଷ ପଲ ରକ୍ଷକ ଜୋତା, ଗୋମେଷ ପଲ ରକ୍ଷକ ପୋଷାକ ପିନ୍ଧିଥିବା ସହ ।

ମୁଁ ଭାବିଲି, "ତେବେ, ତାହାହେଲେ ମୋର ରେଖାଥିବା ପାଇଜାମାଗୁଡ଼ିକ ଏତେ ଖରାପ ନ ଥିଲା।"

176 କହିଲେ, "ମୁଁ ଚାହେଁ ଯେ ଆପଣ ଆସି ଟେକ୍ସାସରେ ମୋ ନିମନ୍ତେ ଏକ ଉଦ୍ଦୀପନା ସଭା କରନ୍ତୁ।"

177 "ଉଃ-ହୁଁ, ମୁଁ ତାହା ଗ୍ରହଣ କରିପାରେ ନାହିଁ, ମହାଶୟ।" ଏବଂ ମୁଁ ଏହାକୁ ସେହିପରି ଭାବରେ ଅସ୍ୱୀକାର କରିଦେଲି।

178 ଏଠାରେ ଜଣେ ବ୍ୟକ୍ତି ଆସନ୍ତି ଯିଏକି ଏହି ପ୍ରକାର ଏକ ଛୋଟ ପୋଷାକ ପିନ୍ଧି, ଗୋଲ୍ଫ ଖେଳରେ ବ୍ୟବହୃତ ପାଇଜାମା ପରି, ଯେଉଁଠାରେ ସେମାନେ ଗଲ୍ଫ ଖେଳନ୍ତି, ଆପଣ ଜାଣନ୍ତି, ସେମାନଙ୍କର ସେହି ଛୋଟ ଛୋଟ ଆକାରର ପାଇଜାମାଗୁଡ଼ିକ ଥାଏ। ସେ କହିଲେ, "ମୁଁ ମାୟାମି ସହରରୁ ପ୍ରାଚୀନ *ଅମୁକ-ଓ-ଅମୁକ* ଅଟେ। ମୁଁ ପସନ୍ଦ କରେ..."

179 "ମୋର, ବୋଧହୁଏ ପୋଷାକ ପିନ୍ଧିବାର ଶୈଳୀ ଏତେ ଉତ୍ତମ ନୁହେଁ।" ମୁଁ ତାହା ଅନାଇଲି, ଏବଂ ମୁଁ ଭାବିଲି, "ଠିକ୍ ଅଛି।"

180 ତେଣୁ ମୁଁ ଏହି ଜିନିଷଗୁଡ଼ିକୁ ଧରିଲି, ଏବଂ ମୁଁ ଘରକୁ ଫେରିଲି। ପତ୍ନୀ ମୋତେ ସାକ୍ଷାତ କଲେ, ସେ କହିଲେ, "ବିଲି, ତୁମେ କାହିଁକି ଏତେ ଖୁସି ଲାଗୁଛ?"

181 ମୁଁ କହିଲି, "ଓଃ, ମୁଁ ଫସଲର ସର୍ବୋତ୍କୃଷ୍ଟ ବିଷୟ ସହିତରେ ସାକ୍ଷାତ କଲି। ମୋର ପ୍ରଭୁ, ଏହା ତୁମେ ଦେଖିଥିବା ସବୁଠୁ ଉତ୍ତମ ଅଟେ। ସେହି ଲୋକମାନେ ସେମାନଙ୍କର ଧର୍ମକୁ ନେଇ ଲଜ୍ଜିତ ନୁହଁନ୍ତି।" ଏବଂ, ଓଃ, ମୁଁ ତାଙ୍କୁ ତାହା ବିଷୟରେ ସବୁ କିଛି କହିଲି। ପୁଣି ମୁଁ କହିଲି, "ଆଉ ଏଠାରେ ଦେଖ, ପ୍ରିୟେ, ନିମନ୍ତ୍ରଣର ଏକ ସମ୍ପୂର୍ଣ୍ଣ ସୂଚୀ। ସେହି ଲୋକମାନେ!"

ସେ କହିଲେ, "ସେମାନେ ପବିତ୍ର ପାଖଣ୍ଡ ନୁହଁନ୍ତି ତ, କଅଣ ସେମାନେ ଅଟନ୍ତି କି?"

182 ମୁଁ କହିଲି, "ମୁଁ ଜାଣେ ନାହିଁ ଯେ ସେମାନେ କେଉଁ ପ୍ରକାରର ପାଖଣ୍ଡ ଅଟନ୍ତି, ମାତ୍ର ସେମାନଙ୍କ ପାଖରେ ଏପରି କିଛି ଅଛି ଯାହା ମୋତେ ଆବଶ୍ୟକ।" ବୁଝିଲେ? ମୁଁ କହିଲି, "ତାହା—ତାହାହିଁ ଗୋଟିଏ ବିଷୟ ଯାହାକି ମୁଁ ସୁନିଶ୍ଚିତ ଅଟେ।" ମୁଁ କହିଲି, "ମୁଁ ନବେ ବର୍ଷ ବୟସ୍କ, ଜଣେ ବୃଦ୍ଧକୁ, ପୁନର୍ବାର ଯୁବା ହେଉଥିବାର ଦେଖିଲି।" ମୁଁ କହିଲି, "ମୁଁ ମୋ ଜୀବନରେ ଏପରି ପ୍ରଚାର କେବେ ଶୁଣି ନାହିଁ। କାହିଁକି, ମୁଁ କେବେ କୌଣସି ଜଣେ ବାପ୍ଟିଷ୍ଟଙ୍କୁ ଏଭଳି ପ୍ରଚାର କରିବାର ଦେଖି ନାହିଁ।" ମୁଁ କହିଲି, "ସେମାନେ ସେପର୍ଯ୍ୟନ୍ତ ପ୍ରଚାର କରନ୍ତି ଯେପର୍ଯ୍ୟନ୍ତ ସେମାନେ ଅଣନିଃଶ୍ୱାସୀ ନ ହୋଇଯାଆନ୍ତି, ଏବଂ ସେମାନେ ଆଣ୍ଠୁମାଡ଼ି ତଳେ ନ ପଡ଼ିଯାଆନ୍ତି, ଫେରି ଆସି, ସେମାନଙ୍କର ନିଃଶ୍ୱାସକୁ ପୁଣି ନ ନିଅନ୍ତି। ଆପଣ ସେମାନଙ୍କୁ ଦୁଇଟି ବ୍ଲକ ଦୂରରୁ ସୁଦ୍ଧା, ପ୍ରଚାର କରୁଥିବାର ଶୁଣିପାରନ୍ତି।" ଏବଂ ମୁଁ କହିଲି, "ମୁଁ—ମୁଁ ମୋ ଜୀବନରେ କେବେ ଏପରି ଶୁଣି ନାହିଁ।" ଆଉ ମୁଁ କହିଲି, "ସେମାନେ ଏକ ଅଜ୍ଞାତ ଭାଷାରେ

କଥାବାର୍ତ୍ତା କରନ୍ତି, ଏବଂ ଅନ୍ୟ ଜଣେ ତାହା କୁହନ୍ତି ଯାହା ସେମାନେ କଥାବାର୍ତ୍ତା କରୁଥାଆନ୍ତି । ମୋ ଜୀବନରେ କେବେ ଏପରି ଶୁଣି ନାହିଁ!" ମୁଁ କହିଲି, "କଅଣ ତୁମେ ମୋ ସହିତ ଯିବ କି?"

183 ସେ କହିଲେ, "ପ୍ରିୟେ, ଯେତେବେଳେ ମୁଁ ତୁମକୁ ବିବାହ କଲି, ମୃତ୍ୟୁ ଆମକୁ ଅଲଗା ନ କରିବା ପର୍ଯ୍ୟନ୍ତ ମୁଁ ତୁମ ସହିତରେ ରହିବି ।" ସେ କହିଲେ, "ମୁଁ ଯିବି ।" ସେ କହିଲେ, "ତେବେ, ଆମେ ଲୋକମାନଙ୍କୁ କହିବା ।"

184 ଏବଂ ମୁଁ କହିଲି, "ତେବେ, ତୁମେ ତୁମର ମାଆକୁ କୁହ ଏବଂ ମୁଁ ମୋର ମାଆକୁ କହିବି ।" ତେଣୁ ଆମେ...ମୁଁ ଯାଇ ମାଆଙ୍କୁ କହିଲି ।

185 ମାଆ କହିଲେ, "ତେବେ, ନିଶ୍ଚିତରେ, ବିଲି । ପ୍ରଭୁ ତୁମକୁ ଯାହା କରିବାକୁ ଡାକିଛନ୍ତି, ଯାଇ ତାହା କର ।"

186 ଆଉ ତେଣୁ ଶ୍ରୀମତୀ ବ୍ରମ୍‌ବାକ୍ ମୋତେ ଆସିବା ପାଇଁ କହିଲେ । ମୁଁ ଗଲି । ସେ କହିଲେ, "ତୁମେ ଯେଉଁ ଏହା ବିଷୟରେ କହୁଅଛ ତାହା କଅଣ ଅଟେ?"

187 ଏବଂ ମୁଁ କହିଲି, "ଓଃ, ଶ୍ରୀମତୀ ବ୍ରମ୍‌ବାକ୍," ମୁଁ କହିଲି, "ଆପଣ ସବୁ ଏପରି ଲୋକମାନଙ୍କୁ କେବେ ଦେଖି ନ ଥିବେ ।"

ସେ କହିଲା, "ଶାନ୍ତ ହୁଅ! ଶାନ୍ତ ହୁଅ!"

ମୁଁ କହିଲି, "ହଁ, ମହୋଦୟା ।" ମୁଁ କହିଲି, "ମୋତେ କ୍ଷମା କରନ୍ତୁ ।"

ଏବଂ ସେ କହିଲେ, "କଅଣ ତୁମେ ଜାଣିଛ କି ଯେ ତାହା ଏକ ପବିତ୍ର ପାଖଣ୍ଡର ସମୂହ ଅଟେ?"

188 ମୁଁ କହିଲି, "ନା, ମହୋଦୟା, ମୁଁ ତାହା ଜାଣି ନ ଥିଲି ।" ମୁଁ କହିଲି, "ସେମାନେ—ସେମାନେ ନିଶ୍ଚିତରେ ଉତ୍ତମ ଲୋକମାନେ ଅଟନ୍ତି ।"

189 ସେ କହିଲା, "ଠିକ୍ ସେହି ବିଚାର! କଅଣ ତୁମେ ଭାବୁଛ ଯେ ତୁମେ ମୋ ଝିଅକୁ ସେହିପରି ଜିନିଷ ମଧ୍ୟକୁ ଟାଣି ନେବ!" କହିଲେ, "ହାସ୍ୟାସ୍ପଦ! ତାହା ଆଉ କିଛି ନୁହେଁ ବରଂ ଅନ୍ୟ ମଣ୍ଡଳୀଗୁଡ଼ିକୁ ଫିଙ୍ଗି ଦେଇଥିବା ଆବର୍ଜନା ମାତ୍ର ।" ସେ କହିଲେ, "ବାସ୍ତବରେ! ତୁମେ ମୋ ଝିଅକୁ ସେହିପରି ଭାବରେ ବାହାରକୁ ଆଣିବ ନାହିଁ ।"

190 ଏବଂ ମୁଁ କହିଲି, "ମାତ୍ର, ଆପଣ ଜାଣନ୍ତି, ଶ୍ରୀମତୀ ବ୍ରମ୍‌ବାକ୍, ମୋର ହୃଦୟର ଗଭୀରତାରେ ମୁଁ ଅନୁଭବ କରୁଛି ଯେ ପ୍ରଭୁ ଚାହାଁନ୍ତି ଯେ ମୁଁ ସେହି ଲୋକମାନଙ୍କ ସହିତ ଯାଏ ।"

191 ସେ କହିଲେ, "ତୁମେ ତୁମର ମଣ୍ଡଳୀ ନିକଟକୁ ଫେରିଯାଅ ଯେପର୍ଯ୍ୟନ୍ତକି ସେମାନେ ତୁମ ପାଇଁ ଏକ ପୁରୋହିତ ଗୃହ ଦେବାରେ ସକ୍ଷମ ନ ହୁଅନ୍ତି, ଏବଂ ଏପରି ଜଣେ ବ୍ୟକ୍ତିଙ୍କ ପରି ଆଚରଣ କର ଯାହାର କିଛି କାଣ୍ଡଜ୍ଞାନ ଅଛି ।" କହିଲେ, "ତୁମେ ମୋ ଝିଅକୁ ସେଠାରେ ସେହି ସବୁ ଦେଇ ବାହାରକୁ ନେଉ ନାହଁ ।"

ମୁଁ କହିଲି, "ହଁ, ମହୋଦୟା।" ମୁଁ ବୁଲି ପଡ଼ିଲି ବାହାରକୁ ବାହାରି ଗଲି।

192 ଏବଂ ହୋପ୍ କାନ୍ଦିବାକୁ ଲାଗିଲେ। ସେ ବାହାରକୁ ଆସିଲା, ସେ କହିଲା, "ବିଲି, ମାମା ଯାହା କୁହନ୍ତୁ ନା କାହିଁକି, ମୁଁ ତୁମ ସହିତରେ ରହିବି।" ତାହାର ହୃଦୟକୁ ଆଶୀର୍ବାଦ କରନ୍ତୁ!

ଏବଂ ମୁଁ କହିଲି, "ଓଃ, ପ୍ରିୟେ, ତାହା ଠିକ୍ ଅଛି।"

193 ଆଉ ମୁଁ ଏହାକୁ ଛାଡ଼ିଦେଲି। ସେ ନିଜର ଝିଅକୁ ସେହିପରି ଲୋକମାନଙ୍କ ସହିତ ଯିବାକୁ ଦେବେ ନାହିଁ ଯେହେତୁ ତାହାର କାରଣ ହେଲା "ଏହା ଆବର୍ଜନା ଛଡ଼ା ଆଉ କିଛି ନୁହେଁ।" ଏବଂ ତେଣୁ ମୁଁ ଏହାକୁ ଏକ ପ୍ରକାର ଯିବା ପାଇଁ ଦେଲି। ଏହା ମୋ ଜୀବନରେ କରିଥିବା ସବୁଠାରୁ ଖରାପ ଭୁଲ ଥିଲା, ଗୋଟିଏ ଖରାପ ଭୁଲ ଥିଲା।

194 ଟିକିଏ ପରେ, କିଛି ବର୍ଷ ଉତ୍ତାରେ, ପିଲା ଛୁଆମାନେ ଆସନ୍ତି। ଆଉ ଦିନେ ଆମେମାନେ...1937 ମସିହାରେ, ଏକ ବନ୍ୟା ଆସିଲା। ଏକ ବନ୍ୟା ହେଲା। ଏବଂ ଆମର...ମୁଁ ସେତେବେଳେ ପାଟ୍ରୋଲିଂରେ ଥିଲି ଏବଂ ମୁଁ ଲୋକମାନଙ୍କୁ ବନ୍ୟା ପରିସ୍ଥିତିରୁ, ଘରଗୁଡ଼ିକ ଭାଙ୍ଗି ପଡ଼ିଥିବା ଅବସ୍ଥାରୁ ବାହାର କରି ଆଣିବା ପାଇଁ ଶତ ଚେଷ୍ଟା କରୁଥିଲି। ଏବଂ ମୋ ନିଜର ପତ୍ନୀ ଅସୁସ୍ଥ ହୋଇପଡ଼ିଲେ, ଏବଂ ସେ ନିମୋନିଆରେ ପ୍ରକୃତ, ପ୍ରକୃତ ଭାବେ ଅସୁସ୍ଥ ହୋଇଥିଲେ। ଏବଂ ସେମାନେ ତାଙ୍କୁ ବାହାରକୁ ନେଇଗଲେ...ନିୟମିତ ଡାକ୍ତରଖାନା ଏତେ ପରିପୂର୍ଣ୍ଣ ଥିଲା ଯେ ଆମେ ତାଙ୍କୁ ସେଠାରେ ରଖିପାରିଲୁ ନାହିଁ, ତେଣୁ ଆମେ ତାଙ୍କୁ ବାହାରକୁ ନେଇଗଲୁ ସେହି—ସେହି ଶାସକୀୟ ଯେଉଁଠାରେକି ସେମାନଙ୍କର ଏକ କୋଠରୀ ଥିଲା। ଆଉ ତେଣୁକରି ତେବେ ସେମାନେ ମୋତେ ପୁନର୍ବାର ଡାକି ପଠାଇଲେ। ଏବଂ ମୁଁ ସବୁବେଳେ ନଦୀ କୂଳରେ ରହିଛି, ଏବଂ ଜଣେ ଡଙ୍ଗା ଚାଳକ ଥିଲି, ତେଣୁ ମୁଁ ଲୋକମାନଙ୍କୁ ରକ୍ଷା କରିବାକୁ, ବନ୍ୟା ପରିସ୍ଥିତିରୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିଲି। ଏବଂ ତାହାପରେ ମୁଁ...ଗୋଟିଏ...

195 ସେମାନେ ମୋତେ ଡାକିଲେ, କହିଲେ, "ଚେଷ୍ଟନଟ୍ ଗଳିରେ ଏକ ଘର ଅଛି, ଏହା ଧସି ଯିବା ଉପରେ ଅଟେ। ସେଠାରେ ଏକ ମା ଏବଂ ଦଳେ ପିଲା ଅଛନ୍ତି," କହିଲେ, "ଯଦି ତୁମେ ଭାବୁଛ ଯେ ତୁମର ଡଙ୍ଗା, ତୁମର ମୋଟର ସେମାନଙ୍କ ପାଖକୁ ଯାଇପାରିବ।"

ମୁଁ କହିଲି, "ତେବେ, ମୁଁ ଯାହା କରିପାରିବି ତାହା ସମସ୍ତ କିଛି କରିବି।"

196 ଆଉ ମୁଁ, ସେହି ତରଙ୍ଗଗୁଡ଼ିକ ଉପରେ ମାଡ଼ି ଚାଲିଲି। ସେଠାରେ ଜଳ ଭଣ୍ଡାରଟି ଭାଙ୍ଗି ଯାଇଥିଲା, ଏବଂ, ଓଃ, ମୋର ପ୍ରଭୁ, ସେହି...ସହରକୁ କେବଳ ଜଳମଗ୍ନ କରୁଥିଲା। ଏବଂ ମୁଁ ଯେତିକି ଚେଷ୍ଟା କରିପାରିଥିଲି ସେସବୁ ମୁଁ ଏହା କଲି, ପୁଣି ଶେଷରେ ଗଳିପଥମାନ ଏବଂ ସ୍ଥାନଗୁଡ଼ିକ ଦେଇ ଗଲି। ଏବଂ ମୁଁ ସେହି ସ୍ଥାନର ନିକଟବର୍ତ୍ତୀ ହେଲି ଯେଉଁଠାରେକି ସେହି ପୁରାତନ ବନ୍ୟା ନିରୋଧକ ନଦୀବନ୍ଧ ଥିଲା, ପାଣି ଉଚ୍ଚ ଧାରାରେ ବାହାରୁ ଥିଲା। ଆଉ ମୁଁ କାହାରି ଚିତ୍କାର ଶୁଣିଲି, ଏବଂ ମୁଁ ଦେଖିଲି ଜଣେ ମାଆ ବାରଣ୍ଡା ଉପରେ ଠିଆ ହୋଇଛନ୍ତି। ପୁଣି ସେଠାରେ ସେହି ବଡ଼ ବଡ଼ ରୋଲର୍ ଗୁଡ଼ିକ ସେଠାରେ ସେହିପରି ଭାବରେ

ଯାଉଥିଲା । ତେବେ, ମୁଁ ଯଥାସମ୍ଭବ ଏହି ପଥ ଦେଇ ଉପରକୁ ଗଲି, ଏବଂ ଜଳଧାରାକୁ ପାଇଲି ଆଉ ଫେରି ଆସି ସେହି ଅନ୍ୟ ପାର୍ଶ୍ୱକୁ ଗଲି । ମୁଁ ମୋର ଡଙ୍ଗାକୁ ଠିକ୍ ସମୟରେ ବନ୍ଦ କଲି ଯେପରିକି ତାହାକୁ ସେହି ସ୍ତମ୍ଭ, ସେହି ଦ୍ୱାରବନ୍ଧ, ଦ୍ୱାରର ଖମ୍ବ କିମ୍ବା ବାରଣ୍ଡାର ଖମ୍ବ ସହିତରେ ବାନ୍ଧିପାରେ । ଏବଂ ମୁଁ ଦୌଡ଼ିଯାଇ ମାଆକୁ ଧରିଲି ଏବଂ ତାଙ୍କୁ ସେଠାକୁ ନେଇ ଆସିଲି, ଏବଂ ଦୁଇ ବା ତିନି ପିଲାଙ୍କୁ ନେଇ ଆସିଲି । ଆଉ ମୁଁ ମୋର ଡଙ୍ଗାକୁ ଫିଟାଇଲି ଓ ତାଙ୍କୁ ଫେରାଇ...ଆଣିଲି । ଅତି ତଳକୁ ଓହ୍ଲାଇ ଆସିଲି, ଏବଂ ତାଙ୍କୁ କୂଳକୁ ନେଇ ଆସିଲି, ସହରରୁ ପ୍ରାୟଃ ଦେଢ଼ ମାଇଲ୍ ଦୂରକୁ, ଯେପର୍ଯ୍ୟନ୍ତକି ମୁଁ ତାଙ୍କୁ କୂଳକୁ ନେଇ ନ ଆସିଲି । ଆଉ ତାହାପରେ ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ସେ ଚେତା ହରାଇଥିଲେ । ଏବଂ ସେ କହିବାକୁ ଲାଗିଥିଲେ...ସେ ଚିତ୍କାର କରୁଥିଲେ, "ମୋ ଶିଶୁ! ମୋ ଶିଶୁ!"

197 ତେବେ, ମୁଁ ଭାବିଲି ଯେ ତାଙ୍କର ଅଭିପ୍ରାୟ ଏହା ଯେ ସେ ଶିଶୁଟିକୁ ଘରେ ଛାଡ଼ି ଦେଇଛନ୍ତି । ଓଃ, ମୋର ପ୍ରଭୁ! ସେମାନେ ତାଙ୍କର ଯତ୍ନ ନେବାକୁ ଚେଷ୍ଟା କରୁଥିବାବେଳେ ମୁଁ ପୁନର୍ବାର ଫେରି ଆସିଲି । ଏବଂ, ମୁଁ ଜାଣିବାକୁ ପାଇଲି, ଏହା ଥିଲା...କିମ୍ବା ସେ ଜାଣିବାକୁ ଚାହୁଁଥିଲେ ଯେ ତାଙ୍କ ଶିଶୁ କେଉଁଠାରେ ଅଛି । ପ୍ରାୟଃ ତିନି ବର୍ଷ ବୟସରେ ଏକ ଛୋଟ ଶିଶୁଟିଏ ଥିଲା, ଆଉ ମୁଁ ଭାବିଲି ଯେ ତାଙ୍କର ଅଭିପ୍ରାୟ ଏକ ସ୍ତନ୍ୟପାୟୀ ସାନ ଶିଶୁ କିମ୍ବା ସେପରି କିଛି ।

198 ଆଉ ତେଣୁ ମୁଁ ଫେରି ଗଲି ଓ ସେଠାରେ ପହଞ୍ଚିଲି । ଏବଂ ଯେତେବେଳେ ମୁଁ ସେହି ଡଙ୍ଗାଟି ନେଇ ଭିତରକୁ ଗଲି ଆଉ କୌଣସି ଶିଶୁକୁ ପାଇଲି ନାହିଁ, ଏବଂ ବାରଣ୍ଡାଟି ଖୋଜିଲି ଓ ଘର ଭିତରକୁ ଗଲି । ଆଉ ମୁଁ ପ୍ରକୃତରେ ଶୀଘ୍ର ଦୌଡ଼ିଲି ଏବଂ ସେହି—ସେହି ଖଣ୍ଡେ ଟୁକୁଡ଼ାଟିକୁ ଧରିଲି ଯାହାକି ମୋର ଡଙ୍ଗାରେ ଭାସୁଥିଲା, ଡଙ୍ଗାରେ ଚଢ଼ିଗଲି, ଏବଂ ତାହାକୁ ଟାଣି ହୁଗୁଳା କରିଦେଲି ।

199 ଏବଂ ତାହା ମୋତେ ସେତେବେଳେ ମୁଖ୍ୟ ନଦୀର ପ୍ରବାହ ମଧ୍ୟକୁ ନେଇଗଲା । ଏବଂ ଏହା ରାତି ପ୍ରାୟଃ ଏଗାରଟା-ତିରିଶ୍ ହେଉଥିଲା, ଆଉ କେବଳ ହିମପାତ ଓ ତୁଷାରପାତ ହେଉଥିଲା । ଆଉ ମୁଁ ଚାଲୁ କରିବାର ତାରକୁ ଧରି ପକାଇଲି ଓ ମୁଁ ଡଙ୍ଗାକୁ ଟାଣିବାକୁ ଚେଷ୍ଟା କଲି, ଏବଂ ଏହା ଚାଲୁ ହେଲା ନାହିଁ, ଆହୁରି ମୁଁ ଚେଷ୍ଟା କଲି ଏବଂ ଏହା ଚାଲୁ ହେଲା ନାହିଁ, ପୁଣି ମୁଁ ପୁନର୍ବାର ଚେଷ୍ଟା କଲି । ସେହି ପ୍ରବାହରେ ଅଧିକ ଦୂରକୁ ଚାଲିଗଲି, ସେହି ଜଳ ପ୍ରପାତ ଠିକ୍ ମୋ ତଳେ ଥିଲା । ଏବଂ ମୁଁ ପ୍ରକୃତ ବହୁତ ଚେଷ୍ଟା କରୁଥିଲି, ଏବଂ ମୁଁ ଭାବିଲି, "ଓଃ, ମୋର ପ୍ରଭୁ, ଏଠାରେ—ଏଠାରେ ମୋର ଅନ୍ତ ଅଟେ! ଏହାହିଁ ତାହା ଅଟେ!" ଏବଂ ମୁଁ ପ୍ରକୃତରେ କଠିନ ଚେଷ୍ଟା କରିଥିଲି । ଏବଂ ମୁଁ କହିଲି, "ପ୍ରଭୁ, ଦୟାକରି ମୋତେ ଏହିପରି ମୃତ୍ୟୁରେ ମରିବାକୁ ଦିଅ ନାହିଁ," ଏବଂ ମୁଁ ଟାଣୁଥିଲି ଓ ମୁଁ ଟାଣୁଥିଲି ।

200 ଏବଂ ଏହା ମୋ ପାଖକୁ ଫେରି ଆସିଲା, "ସେହି ଆବର୍ଜନାର ସମୂହ ବିଷୟରେ କଅଣ ଯାହା ପାଖକୁ ତୁମେ ଗଲ ନାହିଁ?" ବୁଝିଲେ? ଉଃ-ହୁଁ ।

201 ମୁଁ ଡଙ୍ଗାରେ ମୋର ହାତକୁ ରଖିଲି, ଆଉ ମୁଁ କହିଲି, “ହେ ପରମେଶ୍ୱର, ମୋ ପ୍ରତି ଦୟା କର । ମୋତେ ମୋ ପତ୍ନୀ ଏବଂ ଶିଶୁକୁ ଏହିପରି ଛାଡ଼ିବାକୁ ଦିଅ ନାହିଁ, ଏବଂ ସେମାନେ ସେଠାରେ ଅସୁସ୍ଥ ଅଛନ୍ତି! ଦୟାକରି!” ଏବଂ ମୁଁ ସେହିପରି ଟାଣିବା ଜାରି ରଖିଲି, ଆଉ ତାହା ଚାଲୁ ହେଲା ନାହିଁ । ଏବଂ ମୁଁ ସେଠାରେ ତଳେ ଜଳର ଗର୍ଜନ ଶୁଣି ପାରୁଥିଲି, କାରଣ ମୁଁ... କେବଳ କେତୋଟି ମିନିଟ୍, ଆଉ, ଓଃ, ମୋର ପ୍ରଭୁ, ତାହା ଅନ୍ତ ଥିଲା । ଆଉ ମୁଁ କହିଲି, “ପ୍ରଭୁ, ଯଦି ତୁମେ ମୋତେ କ୍ଷମା କରି ଦେବ, ମୁଁ ପ୍ରତିଜ୍ଞା କରୁଛି ମୁଁ କିଛି ବି ହେଲେ କରିବି ।” ସେହି ଡଙ୍ଗାରେ ହିଁ ଆଣ୍ଠୁପାତ କଲି, ଏବଂ ତୁଷାର ମୋତେ ମୁହଁରେ ଆଘାତ କରୁଥିଲା । ମୁଁ କହିଲି, “ମୁଁ ତାହା ସବୁକିଛି କରିବି ଯାହା ତୁମେ ଚାହୁଁଛ ଯେ ମୁଁ କରେ ବୋଲି ।” ଆଉ ମୁଁ ପୁନର୍ବାର ଟାଣିଲି, ଏବଂ ତାହା ଚାଲୁ ହୋଇଗଲା । ଏବଂ ମୁଁ ଯେତିକି ପାରିଲି ତାକୁ ସବୁ ଗ୍ୟାସ୍ ଇନ୍ଧନ ଦେଇ ଦେଲି, ଓ ଅବଶେଷରେ କୂଳକୁ ପହଞ୍ଚିଲି ।

202 ଏବଂ ମୁଁ ସେହି ଟ୍ରକ୍, ପାଟ୍ରୋଲିଂ ଟ୍ରକ୍ ଖୋଜିବା ପାଇଁ ଫେରିଗଲି । ଆଉ ମୁଁ ସେହି ବିଷୟରେ ଚିନ୍ତା କଲି...ସେମାନଙ୍କ ମଧ୍ୟରୁ କେତେକ କହିଲେ, “ଯଥା, ସରକାର କେବଳ ଧୋଇ ହୋଇଗଲେ ।” ସେଠାରେ ମୋର ପତ୍ନୀ ଏବଂ ଶିଶୁ ରହିଥିଲେ, ଉଭୟ ଶିଶୁ ।

203 ଏବଂ ମୁଁ ଯେତିକି ଜୋର୍ ପାରିଲି ସେତିକି ଜୋର୍ ଶାସକୀୟ ନିମନ୍ତେ ବାହାରି ପଡ଼ିଲି, ପୁଣି ଜଳ ସେଥି ଭିତରେ ପ୍ରାୟଃ ପନ୍ଦର ଫୁଟ ଗଭୀର ଛିଡ଼ା ହୋଇଥିଲା । ଏବଂ ସେଠାରେ ଜଣେ ମେଜର ଥିଲେ, ଆଉ ମୁଁ କହିଲି, “ମେଜର, ଡାକ୍ତରଖାନାର କଅଣ ହେଲା?”

କହିଲେ, “ତେବେ, ବ୍ୟସ୍ତ ହୁଅନ୍ତୁ ନାହିଁ । ସେଠାରେ ଆପଣଙ୍କର କେହି ଅଛନ୍ତି କି?”

ମୁଁ କହିଲି, “ହଁ, ଜଣେ—ଜଣେ ଅସୁସ୍ଥ ପତ୍ନୀ ଏବଂ ଦୁଇଟି ଶିଶୁ ।”

204 ସେ କହିଲେ, “ସେମାନେ ସମସ୍ତେ ବାହାରି ଗଲେଣି ।” କହିଲେ, “ସେମାନେ ଏକ ମାଲବାହୀ ଗାଡ଼ିରେ ଅଛନ୍ତି ଏବଂ ସେମାନେ ଚାର୍ଲଷ୍ଟାଉନ୍ ଅଭିମୁଖେ ବାହାରିଛନ୍ତି ।”

205 ମୁଁ ଦୌଡ଼ି, ମୋ ଡଙ୍ଗାରେ ଚଢିଲି ଏବଂ...ଅବା ମୋ କାରରେ ଚଢିଲି, ଓ ମୋର ଡଙ୍ଗାକୁ ତାହାର ପଛରେ ଥୋଇଲି, ଏବଂ ସେଠାରୁ ବାହାରିଲି...ଏବଂ ତାହାପରେ ନଦୀର ଯୋରଗୁଡ଼ିକ ପ୍ରାୟଃ ଅଢ଼େଇ ବା ତିନି ମାଇଲ ଚୌଡ଼ା ବାହାରି ଆସିଥିଲା । ଏବଂ ରାତିସାରା ମୁଁ ଚେଷ୍ଟା କଲି...ସେମାନଙ୍କ ମଧ୍ୟରୁ କେତେକ କହିଲେ, “ସେହି ଗାଡ଼ି, ସେହି ମାଲବାହୀ ଗାଡ଼ି, ସେହି ପୋଲର ଖମ୍ବ ସହିତରେ ଧୋଇ ହୋଇଗଲା ।”

206 ତେବେ, ମୁଁ ନିଜକୁ ଏକ ଛୋଟ ଦ୍ୱୀପରେ ଏକାକୀ ପାଇଲି, ସେଠାରେ ତିନି ଦିନ ବସି ରହିଲି । ତାହା ଆବର୍ଜନା ଥିଲା କି ନାହିଁ ଚିନ୍ତା କରିବାକୁ ମୋ ପାଖରେ ବହୁତ ସମୟ ଥିଲା । କେବଳ ପିଟି ହେଉଥିଲି, “ମୋ ସ୍ତ୍ରୀ କେଉଁଠାରେ?”

207 ଶେଷରେ ଯେତେବେଳେ ମୁଁ ତାଙ୍କୁ ପାଇଲି, କିଛି ଦିନ ଉତ୍ତାରେ ଯେତେବେଳେ ମୁଁ ସେଠାରୁ ବାହାରିଲି ଓ ଆର ପାରିକୁ ଗଲି, ସେ ଇଣ୍ଡିୟାନାର, କଲମ୍ବସ୍ ନଗରରେ ଯାଇ

ରହିଥିଲେ, ସେଠାରେ ବାପ୍ଟିଷ୍ଟ ଅଡିଟୋରିୟମରେ ଯେଉଁଠାରେ ସେମାନେ ଏକ—ଏକ ଛୋଟ ଡାକ୍ତରଖାନା ପରି କରିଥିଲେ, ସରକାରୀ ଖଟଗୁଡ଼ିକ ଉପରେ ଅସୁସ୍ଥମାନଙ୍କ ନିମନ୍ତେ କୋଠରୀମାନ କରାଯାଇଥିଲା । ଏବଂ ମୁଁ ତାଙ୍କ ପାଖକୁ ଯଥା ସମ୍ଭବ ପାରିଲି ଦୌଡ଼ିଲି, ସେ କେଉଁଠାରେ ଅଛନ୍ତି ତାହା ଖୋଜିବାକୁ ଚେଷ୍ଟା କରି, ଚିତ୍କାର କରୁଥିଲି, "ହୋପ୍! ହୋପ୍! ହୋପ୍!" ଏବଂ ମୁଁ ଦେଖିଲି, ଆଉ ସେଠାରେ ସେ ଏକ ଖଟ ଉପରେ ପଡ଼ି ରହିଥିଲେ, ପୁଣି ଯକ୍ଷ୍ମା ରୋଗ ଭିତରକୁ ମାଡ଼ି ଯାଇଥିଲା ।

ସେ ତାଙ୍କର ଛୋଟ ଅସ୍ଥି ଜର୍ଜରିତ ହାତ ଉଠାଇଲେ, ଏବଂ ସେ କହିଲେ, "ବିଲି ।"

ଏବଂ ମୁଁ ତାଙ୍କ ପାଖକୁ ଦୌଡ଼ିଗଲି, ଆଉ ମୁଁ କହିଲି, "ହୋପ୍, ପ୍ରିୟେ ।"

ସେ କହିଲେ, "ମୁଁ ଭୟଙ୍କର ଦେଖାଯାଉଛି, କଅଣ ମୁଁ ନୁହେଁ କି?"

ମୁଁ କହିଲି, "ନା, ପ୍ରିୟେ, ତୁମେ ଅବିକଳ ଠିକ୍ ଦିଶୁଛ ।"

208 ପ୍ରାୟଃ ଛଅ ମାସ ଧରି ଆମଠାରେ ଥିବା ସମସ୍ତ ଜିନିଷ ସହିତ, ତାହାର ଜୀବନକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବାକୁ ଯାଇ ଆମେ ସବୁକିଛି କାମ କଲୁ, ମାତ୍ର ସେ କ୍ଷୀଣ ଓ କ୍ଷୀଣତର ହୋଇ ଚାଲିଲେ ।

209 ଦିନେ ମୁଁ ପାଟ୍ରୋଲିଂରେ ଥିଲି ଏବଂ ମୋର ରେଡିଓ ଚାଲୁ ଥିଲା, ଆଉ ମୁଁ ଭାବିଲି ଯେ ମୁଁ ଶୁଣିଲି, ରେଡିଓରେ ଏକ ଡାକରା ଦିଆଯାଉଥିଲା, କହୁଥିଲା, "ୱିଲିୟମ୍ ବ୍ରାନହାମ୍ ପାଇଁ, ଡାକ୍ତରଖାନାରେ ତୁରନ୍ତ ପ୍ରୟୋଜନ, ପତ୍ନୀ ମୃତ୍ୟୁଶଯ୍ୟାରେ ଅଛନ୍ତି ।" ମୁଁ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ଡାକ୍ତରଖାନାକୁ ଧାଇଁଲି, ଲାଲ୍ ବତୀ ଏବଂ ପେଂକାଳୀ ଚାଲୁ କରି, ସେଠାରୁ ବାହାରିଲି । ଏବଂ ତାହାପରେ ମୁଁ—ମୁଁ ଡାକ୍ତରଖାନା ପହଞ୍ଚିଲି ଓ ମୁଁ ଅଟକିଲି, ଭିତରକୁ ଦୌଡିଗଲି । ସେହି—ସେହି ଡାକ୍ତରଖାନାରେ ତଳକୁ ଆସୁଥିବାବେଳେ, ମୁଁ ମୋର ଏକ ସାନ ବନ୍ଧୁକୁ ଦେଖିଲି ଯାହା ସହିତ ଆମେ ଏକାଠି ମାଛ ଧରୁଥିଲୁ, ଆମେ ପିଲାଟି ବେଳେ ଏକାଠି ଦୌଡୁଥିଲୁ, ସାମ୍ ଅଡାୟର୍ ।

210 ଡାକ୍ତର ସାମ୍ ଅଡାୟର୍, ସେ ହିଁ ସେହି ଜଣକା ଅଟନ୍ତି ଯାହାଙ୍କ ବିଷୟରେ ଅଳ୍ପ ଦିନ ପୂର୍ବରୁ ସେହି ଦର୍ଶନଟି ଆସିଥିଲା ଏବଂ ତାଙ୍କୁ କ୍ଲିନିକ୍ ବିଷୟରେ କହିଥିଲି । ଆଉ ସେ କହିଥିଲେ, ଯଦି କେହି ଦର୍ଶନରେ ସନ୍ଦେହ କରନ୍ତି, ତେବେ ତାଙ୍କୁ ମନେ ପକାଇବା ପାଇଁ ଡାକି ଦେବେ, ଆପଣ ଯଦି ଏହା ଜାଣିବାକୁ ଚାହାଁନ୍ତି ଯେ ତାହା ଠିକ୍ କି ନୁହେଁ ।

211 ଏବଂ ତେବେ ତାହାହେଲେ ସେ ଏଠାରେ ସେପରି ଭାବରେ ବାହାରକୁ ଆସିଲେ, ଏବଂ ତାଙ୍କ ହାତରେ ତାଙ୍କର ଟୋପି ଥିଲା । ସେ ମୋ ଆଡକୁ ଚାହିଁ କାନ୍ଦିବାକୁ ଲାଗିଲେ । ଏବଂ ମୁଁ ତାଙ୍କ ପାଖକୁ ଦୌଡ଼ିଗଲି, ମୋ ବାହୁକୁ ତାଙ୍କ ଚାରିପାଖରେ ଦେଲି । ସେ ତାଙ୍କର ବାହୁକୁ ମୋ ପାଖରେ ରଖି, କହିଲେ, "ବିଲି, ସେ ଚାଲି ଯାଉଅଛି ।" ସେ କହିଲେ, "ମୁଁ ଦୁଃଖିତ । ମୁଁ ଯାହା କରିପାରିଥାନ୍ତି ତାହା ସବୁ କରିସାରିଛି, ମୁଁ ବିଶେଷଜ୍ଞ ଏବଂ ସବୁକିଛି କରିଅଛି ।"

ମୁଁ କହିଲି, "ସାମ୍, ନିଶ୍ଚିତ ଭାବରେ ସେ ଯାଉନାହାଁନ୍ତି!"

କହିଲେ, "ହଁ, ସେ ଯାଉଅଛି।" ଏବଂ ସେ କହିଲେ, "ସେଠାରେ ଭିତରକୁ ଯାଅ ନାହିଁ, ବିଲ୍।"

ଆଉ ମୁଁ କହିଲି, "ମୋତେ ଭିତରକୁ ଯିବାକୁ ଅଛି, ସାମ୍।"

ଏବଂ ସେ କହିଲେ, "ତାହା କର ନାହିଁ। ନାହିଁ, ଦୟାକରି କର ନାହିଁ।"

ମୁଁ କହିଲି, "ମୋତେ ଭିତରକୁ ଯିବାକୁ ଦିଅ।"

କହିଲେ, "ମୁଁ ତୁମ ସହିତରେ ଯିବି।"

212 ମୁଁ କହିଲି, "ନା, ତୁମେ ଏଠାରେ ବାହାରେ ରୁହ। ମୁଁ ତାଙ୍କର ଶେଷ ମୁହୂର୍ତ୍ତରେ ତାଙ୍କ ସହିତ ରହିବାକୁ ଚାହେଁ।"

କହିଲେ, "ସେ ତ ଚେତାଶୂନ୍ୟ।"

213 ମୁଁ କୋଠରୀ ଭିତରକୁ ଗଲି। ଏବଂ ନର୍ସ ସେଠାରେ ବସିଥିଲେ, ଆଉ ସେ କାନ୍ଦୁଥିଲେ କାରଣ ସେ ଏବଂ ହୋପ୍ ଏକାଠି ସ୍କୁଲବନ୍ଧୁ ଥିଲେ। ତେଣୁ ମୁଁ ଅନାଇଲି, ଏବଂ ସେ କାନ୍ଦିବାକୁ ଲାଗିଲେ, ନିଜର ହାତ ଉପରକୁ କଲେ। ଏବଂ ଚାଲିବା ଆରମ୍ଭ କଲି।

214 ଏବଂ ମୁଁ ଅନାଇଲି, ଓ ତାଙ୍କୁ ହଲେଇଲି। ସେଠାରେ ସେ ଥିଲେ, ସେ ପ୍ରାୟଃ ଶହେ କୋଡ଼ିଏ ପାଉଣ୍ଡ ଓଜନରୁ, ପ୍ରାୟଃ ଷାଠିଏକୁ ହୋଇ ଯାଇଥିଲେ। ଆଉ ମୁଁ—ମୁଁ ତାଙ୍କୁ ହଲେଇଲି। ଏବଂ ଯଦି ମୁଁ ଶହେ ବର୍ଷ ବି ବଞ୍ଚିବାକୁ ଯାଏ, ମୁଁ କେବେବି ଭୁଲିବି ନାହିଁ ଯେ କଅଣ ଘଟିଥିଲା। ସେ ବୁଲି ପଡ଼ିଲେ, ଏବଂ ସେହି ବଡ଼ ବଡ଼ ସୁନ୍ଦର ଆଖି ମୋ ଆଡ଼କୁ ଚାହିଁଥିଲା। ସେ ହସିଲେ। ସେ କହିଲେ, "ତୁମେ ମୋତେ କାହିଁକି ଡାକି ଫେରାଇ ଆଣିଲ, ବିଲି?"

ମୁଁ କହିଲି, "ପ୍ରିୟେ, ମୋତେ ତୁମର ମୁଖମଣ୍ଡଳ ନିସ୍ତେଜ ଦିଶିଲା।"

215 ମୋତେ କେବଳ କାମ କରିବାକୁ ଥିଲା। ଆମେ ଋଣଗ୍ରସ୍ତ ଥିଲୁ ଏବଂ ଡାକ୍ତରଙ୍କ ଦେୟ ଶହ ଶହ ଡଲାର ଥିଲା, ଏବଂ ଏହାକୁ ପରିଶୋଧ କରିବା ପାଇଁ କିଛି ନ ଥିଲା। ଆଉ ମୋତେ କେବଳ କାମ କରିବାକୁ ଥିଲା। ଏବଂ ମୁଁ ତାଙ୍କୁ ଦିନକୁ ଦୁଇ ତିନି ଥର ଦେଖୁଥିଲି, ଓ ପ୍ରତ୍ୟେକ ରାତ୍ରିରେ, ଏବଂ ତାହାପରେ ଯେତେବେଳେ ସେ ସେହି ଅବସ୍ଥାରେ ଥିଲେ।

ମୁଁ କହିଲି, "ତୁମର କହିବାର ଅର୍ଥ କଅଣ, ତୁମକୁ 'ଡାକି' 'ଫେରାଇ' ଆଣିଲି?"

216 ସେ କହିଲେ, "ବିଲ୍, ତୁମେ ଏହା ବିଷୟରେ ପ୍ରଚାର କରିଛ, ତୁମେ ଏହା ବିଷୟରେ କଥାବାର୍ତ୍ତା କରିଛ, ମାତ୍ର ଏହା କଅଣ ଅଟେ ତାହା ବିଷୟରେ ତୁମର ଧାରଣା ନାହିଁ।"

ମୁଁ କହିଲି, "ତୁମେ କେଉଁ ବିଷୟରେ କହୁଛ?"

217 ସେ କହିଲେ, "ସ୍ୱର୍ଗ।" ସେ କହିଲେ, "ଦେଖ," ସେ କହିଲେ, "ମୋତେ କିଛି ଲୋକମାନଙ୍କ ଦ୍ୱାରା, ପୁରୁଷ କିମ୍ବା ସ୍ତ୍ରୀଲୋକମାନଙ୍କ କିଅବା ସେପରି କିଛି ଦ୍ୱାରା ଘରକୁ

ନିଆ ଯାଉଥିଲା । ସେମାନେ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ ।” ଏବଂ ସେ କହିଲେ, “ମୁଁ ଆରାମ ଏବଂ ଶାନ୍ତିରେ ଥିଲି ।” କହିଲେ, “ବଡ଼ ବଡ଼ ସୁନ୍ଦର ପକ୍ଷୀମାନେ ଗଛରୁ ଗଛକୁ ଉଡୁଥିଲେ ।” ସେ କହିଲେ, “ଏହା ଭାବ ନାହିଁ ଯେ ମୁଁ ନିଜେ ସେହି କଳ୍ପନା କରୁଅଛି ।” ସେ କହିଲେ, “ବିଲି, ମୁଁ ତୁମକୁ ଆମର ଭୁଲଟି କହିବାକୁ ଯାଉଛି ।” ସେ କହିଲେ, “ବସ ।” ମୁଁ ବସିଲି ନାହିଁ; ମୁଁ ଆଣ୍ଠୁମାଡ଼ି, ତାଙ୍କ ହାତ ଧରିଲି । ସେ କହିଲେ, “କଅଣ ତୁମେ ଜାଣିଛ ଆମର ଭୁଲ କେଉଁଠାରେ ଅଛି?”

ଏବଂ ମୁଁ କହିଲି, “ହଁ, ପ୍ରିୟେ, ମୁଁ ଜାଣିଛି ।”

218 ସେ କହିଲେ, “ଆମେ କଦାପି ମାଆଙ୍କର କଥା ଶୁଣିବା ଉଚିତ୍ ନ ଥିଲା । ସେହି ଲୋକମାନେ ଠିକ୍ ଥିଲେ ।”

ଏବଂ ମୁଁ କହିଲି, “ମୁଁ ଏହା ଜାଣିଛି ।”

219 ସେ କହିଲେ, “ମୋତେ ଏହା ପ୍ରତିଜ୍ଞା କର, ଯେ ତୁମେ ସେହି ଲୋକମାନଙ୍କ ପାଖକୁ ଯିବ,” କହିଲେ, “କାରଣ ସେମାନେ ସଠିକ୍ ଅଟନ୍ତି ।” ଏବଂ ସେ କହିଲେ, “ମୋ ପିଲାମାନଙ୍କୁ ସେପରି ଲାଳନ ପାଳନ କରିବ ।” ଆଉ ମୁଁ...ସେ କହିଲେ, “ମୁଁ ତୁମକୁ କିଛି କହିବାକୁ ଚାହେଁ ।” ସେ କହିଲେ, “ମୁଁ ମରୁଅଛି, ମାତ୍ର” କହିଲେ “ଏହା...ମୁଁ କରୁ ନାହିଁ—ମୁଁ ଯିବାକୁ ଭୟ କରୁ ନାହିଁ ।” କହିଲେ, “ଏହା—ଏହା ସୁନ୍ଦର ଅଟେ ।” ସେ କହିଲେ, “କେବଳ ଗୋଟିଏ କଥା, ମୁଁ ତୁମକୁ ଛାଡ଼ିକରି ଯିବାକୁ ଘୃଣା କରେ, ବିଲ୍ । ଏବଂ ମୁଁ ଜାଣେ ଯେ ତୁମକୁ ଏହି ଦୁଇଟି ଛୋଟ ପିଲାଙ୍କୁ ଲାଳନ ପାଳନ କରିବାକୁ ଅଛି ।” ସେ କହିଲେ, “ମୋତେ ପ୍ରତିଜ୍ଞା କର ଯେ—ଯେ ତୁମେ ଅବିବାହିତ ରହିବ ନାହିଁ ଏବଂ ମୋ ଛୁଆମାନଙ୍କୁ ସ୍ତମ୍ଭରୁ ଖୁଣ୍ଟକୁ ଟାଣି ହେବାକୁ ଦେବ ନାହିଁ ।” ଜଣେ ଏକୋ-ଇଶ-ବର୍ଷ-ର ମାଆ ପାଇଁ ତାହା ଏକ ବୁଦ୍ଧିମାନ ବିଷୟ ଥିଲା ।

ଆଉ ମୁଁ କହିଲି, “ହୋପ୍, ମୁଁ ତାହା ପ୍ରତିଜ୍ଞା କରିପାରିବି ନାହିଁ ।”

220 ସେ କହିଲେ, “ଦୟାକରି ମୋତେ ପ୍ରତିଶୃତି ଦିଅ ।” କହିଲେ, “ଗୋଟିଏ କଥା ମୁଁ ତୁମକୁ କହିବାକୁ ଚାହେଁ ।” କହିଲେ, “ତୁମର ସେହି ବନ୍ଧୁକ ମନେ ଅଛି କି?” ମୁଁ ବନ୍ଧୁକ ବିଷୟରେ ଅତି ଆଗ୍ରହୀ ଅଟେ । ଏବଂ ସେ କହିଲେ, “ତୁମେ ସେଦିନ ସେହି ବନ୍ଧୁକ କିଣିବାକୁ ଚାହୁଁଥିଲ ଏବଂ ପ୍ରଥମ ମୂଳ ରାଶି ଦେବାକୁ ତୁମର ପର୍ଯ୍ୟାପ୍ତ ଅର୍ଥ ନ ଥିଲା ।”

ମୁଁ କହିଲି, “ହଁ ।”

221 ସେ କହିଲେ, “ତୁମ ପାଇଁ ସେହି ବନ୍ଧୁକର ସେହି ପ୍ରଥମ ମୂଳ ରାଶିକୁ ଦେବା ପାଇଁ ଚେଷ୍ଟା କରିବା ନିମନ୍ତେ ମୁଁ ମୋର ଟଙ୍କା, ମୋର ପଇସା ସଞ୍ଚୟ କରିଅଛି ।” ସେ କହିଲେ, “ତେବେ, ଯେତେବେଳେ ଏହା ଶେଷ ହୋଇଯାଏ ଏବଂ ତୁମେ ଘରକୁ ଫେରିଯାଅ, ସେହି ଭାଙ୍ଗ ହେଉଥିବା ଖଟ...କିମ୍ବା ଦ୍ୱିସ୍ତର ବିଛଣା ଉପରେ ଦେଖିବ, ଉପରେ ରହିଥିବା ସେହି କାଗଜ ଖଣ୍ଡର ତଳେ, ଆଉ ତୁମେ ସେଠାରେ ଟଙ୍କା ପାଇବ ।” ସେ କହିଲେ, “ମୋତେ ପ୍ରତିଶୃତି ଦିଅ ଯେ ତୁମେ ସେହି ବନ୍ଧୁକ କିଣିବ ।”

222 ଆପଣ ଜାଣନ୍ତି ନାହିଁ ଯେ ଯେତେବେଳେ ମୁଁ ସେହି ଡଲାରର ପଞ୍ଚ-ସତୁରି ପଇସା (ନିକେଲରେ) କୁ ସେଠାରେ ରଖା ହୋଇଥିବାର ଦେଖିଲି । ମୁଁ ରାଇଫଲ ଆଣିଲି ।

223 ଏବଂ ସେ କହିଲେ, "ତୁମର ସେହି ସମୟ ମନେ ଅଛି ଯେ ତୁମେ ମୋ ପାଇଁ ହଳେ ବଡ଼ ମୋଜା କିଣିବା ପାଇଁ ତଳେ ନଗରକୁ ଯାଉଥିଲ, ଏବଂ ଆମେ ଫୋର୍ଟ ୱେନ ସହରକୁ ଯାଉଥିଲୁ?"

ମୁଁ କହିଲି, "ହଁ ।"

224 ମୁଁ ମାଛ ଧରିବା ବିଷୟରୁ ଆସିଥିଲି, ଏବଂ ସେ କହିଲେ...ଆମକୁ ଫୋର୍ଟ ୱେନକୁ ଯିବାକୁ ଥିଲା, ମୋତେ ସେହି ରାତ୍ରିରେ ପ୍ରଚାର କରିବାକୁ ଥିଲା । ଆଉ ସେ କହିଲେ, "ତୁମେ ଜାଣିଛ, ମୁଁ ତୁମକୁ କହିଥିଲି, 'ଦୁଇଟି ଭିନ୍ନ ପ୍ରକାରର ଅଛି ।'" ଗୋଟିଏକୁ କୁହାଯାଏ "ଶିଫନ୍ ।" ଆଉ ଅନ୍ୟଟି କଅଣ, ରେୟନ୍? କଅଣ ଏହା ଠିକ୍ ଅଟେ? ରେୟନ୍ ଏବଂ ଶିଫନ୍ । ତେବେ, ଯେଉଁଟା ବି ହେଉ, ଶିଫନ୍ ସର୍ବୋତ୍ତମ ଥିଲା । କଅଣ ତାହା ଠିକ୍ ଅଟେ? ଏବଂ ସେ କହିଲେ, "ତେବେ, ତୁମେ ମୋ ପାଇଁ କିଛି ଶିଫନ୍, ସମ୍ପୂର୍ଣ୍ଣ ପ୍ରକାରଟା ଆଣିଦେବ ।" ଆପଣ ସେହି ଜିନିଷ ଜାଣିଛନ୍ତି ତ ଯାହାକି ସେହି ବଡ଼ ମୋଜାର ପଛ ଭାଗରେ, ତାର ଶୀର୍ଷରେ ସେହି ଛୋଟ ବିଷୟଟି ରଖିଥାଏ? ଆଉ ମୁଁ ସ୍ତ୍ରୀଲୋକଙ୍କ ପୋଷାକ ବିଷୟରେ କିଛି ହେଲେ ଜାଣି ନ ଥିଲି, ତେଣୁ ମୁଁ...

225 ଏବଂ ମୁଁ ରାସ୍ତାରେ ଯାଉଥିଲି ଓ କହୁଥିଲି, "ଶିଫନ୍, ଶିଫନ୍, ଶିଫନ୍, ଶିଫନ୍," ଏହା ଚିନ୍ତା କରିବାକୁ ଚେଷ୍ଟା କରୁଥିଲି, "ଶିଫନ୍, ଶିଫନ୍, ଶିଫନ୍ ।"

କେହି ଜଣେ କହିଲେ, "ନମସ୍କାର, ବିଲି!"

226 ମୁଁ କହିଲି, "ଓଃ, ନମସ୍କାର, ନମସ୍କାର ।" "ଶିଫନ୍, ଶିଫନ୍, ଶିଫନ୍, ଶିଫନ୍, ଶିଫନ୍ ।"

227 ଏବଂ ମୁଁ କୋଣରେ ପହଞ୍ଚିଲି ଏବଂ ମୁଁ ଶ୍ରୀମାନ୍ ସ୍ୱନ୍‌ଙ୍କୁ ଭେଟିଲି । ସେ କହିଲେ, "ଆରେ, ବିଲି, କଅଣ ତୁମେ ଜାଣିଛ କି ଯେ ସେହି ଡାଳଟି ବର୍ତ୍ତମାନ ସେହି ଶେଷ ଜଳସ୍ରୋତ ନିରୋଧକର ପାର୍ଶ୍ୱ ଦେଇ କେଞ୍ଚ ମାରୁଛି?"

ମୁଁ କହିଲି, "ଯଥେଷ୍ଟ ନିଶ୍ଚିତ, କଅଣ ତାହା ଠିକ୍ ଅଟେ?"

"ହଁ ।"

ମୁଁ ତେବେ ଭାବିଲି, ଯେତେବେଳେ ମୁଁ ତାଙ୍କୁ ଛାଡ଼ିଥିଲି, "ସେହି ଜିନିଷ କଅଣ ଥିଲା?" ମୁଁ ଏହାକୁ ଭୁଲିଗଲି ।

228 ତେଣୁ ଥେଲମା ଫୋର୍ଡ ନାମରେ, ଜଣେ ଝିଅ ଯାହାକୁ ମୁଁ ଜାଣିଥିଲି, ସେହି ଦଶ-ସେଣ୍ଟ ଷ୍ଟୋର୍‌ରେ କାମ କରୁଥିଲା । ପୁଣି ମୁଁ ଜାଣିଥିଲି ଯେ ସେମାନେ ସେଠାରେ ସ୍ତ୍ରୀଲୋକମାନଙ୍କର ସେହି ବଡ଼ ମୋଜା ବିକ୍ରି କରନ୍ତି, ତେଣୁ ମୁଁ ସେଠାକୁ ଗଲି । ମୁଁ କହିଲି, "ଅଭିବାଦନ, ଥେଲମା ।"

ଏବଂ ସେ କହିଲା, "ଅଭିବାଦନ, ବିଲି । ଆପଣ କେମିତି ଅଛନ୍ତି? ହୋପ୍ କିପରି ଅଛି?"

229 ଏବଂ ମୁଁ କହିଲି, "ଭଲ ।" ମୁଁ କହିଲି, "ଥେଲମା, ମୁଁ ହୋପ୍ ପାଇଁ ହଳେ ମୋଜା ଚାହେଁ ।"

ସେ କହିଲେ, "ହୋପ୍ ମୋଜା ଚାହାଁନ୍ତି ନାହିଁ ।"

ମୁଁ କହିଲି, "ହଁ, ମହୋଦୟା, ସେ ନିଶ୍ଚିତରେ ଚାହେଁ ।"

କହିଲେ, "ଆପଣଙ୍କର କହିବାର ଅର୍ଥ ବଡ଼ ମୋଜା ଷ୍ଟକିଙ୍ଗ୍ସ ।"

230 "ଓଃ, ନିଶ୍ଚିତରେ," ମୁଁ କହିଲି, "ତାହାହିଁ ହେଉଛି ଏହା ।" ମୁଁ ଭାବିଲି, "ଉଃ-ଓଃ, ମୁଁ ମୋର ଅଜ୍ଞତା ଦେଖାଇଲି ।"

ଏବଂ ସେ କହିଲେ, "ସେ କେଉଁ ପ୍ରକାର ଚାହାଁନ୍ତି?"

ମୁଁ ଭାବିଲି, "ଉଃ-ଓଃ!" ମୁଁ କହିଲି, "ତୁମେ କି ପ୍ରକାର ରଖିଛ?"

ସେ କହିଲା, "ତେବେ, ଆମ ପାଖରେ ରେୟନ୍ ଅଛି ।"

231 ମୁଁ ପାର୍ଥକ୍ୟ ଜାଣି ନ ଥିଲି । ରେୟନ୍, ଶିଫନ୍, ଏହା ସବୁ ଏକା ପ୍ରକାର ଶୁଭା ଯାଉଥିଲା । ମୁଁ କହିଲି, "ତାହାହିଁ ତ ମୁଁ ଚାହେଁ ।" ସେ କହିଲେ... ମୁଁ କହିଲି, "ସେଗୁଡ଼ିକରୁ, ସମ୍ପୂର୍ଣ୍ଣ ପ୍ରକାରର ମୋ ପାଇଁ ହଳେ ବାନ୍ଧି ଦିଅ ।" ଏବଂ ସେ... ମୁଁ ତାହା ଭୁଲ୍ କରିଦେଲି । ଏହା କଅଣ ଅଟେ? ସମ୍ପୂର୍ଣ୍ଣ ଶୈଳୀ । "ସମ୍ପୂର୍ଣ୍ଣ ଶୈଳୀ ।" ଆଉ ତେଣୁକରି ମୁଁ କହିଲି, "ମୋ ପାଇଁ ସେଗୁଡ଼ିକର ହଳେ ବାନ୍ଧି ଦିଅ ।"

232 ଏବଂ ଯେତେବେଳେ ସେ ତାହା ମୋତେ ଦେବାକୁ ଗଲେ, ତାହା କେବଳ ପ୍ରାୟଃ ତିରିଶ ସେଣ୍ଟ ମୂଲ୍ୟ ଥିଲା, କୋଡ଼ିଏ ସେଣ୍ଟ କିମ୍ବା ତିରିଶ ସେଣ୍ଟ, ପ୍ରାୟଃ ଅଧା ମୂଲ୍ୟ ଥିଲା । ତେବେ, ମୁଁ କହିଲି, "ମୋତେ ସେଗୁଡ଼ିକରୁ ଦୁଇ ହଳ ଦିଅ ।" ବୁଝିଲେ?

233 ଏବଂ ମୁଁ ଘରକୁ ଫେରିଗଲି, ଓ ମୁଁ କହିଲି, "ତୁମେ ଜାଣିଛ, ପ୍ରିୟେ, ତୁମେ ସ୍ତ୍ରୀଲୋକମାନେ ଦର ଦାମ ମୂଲେଇ କରିପାରିବା ପାଇଁ ସାରା ସହରରେ କିଣିଥାଅ ।" ତୁମେ ଜାଣିଛ ଯେ ତୁମେ କିପରି କାଉ ଭଳି ରାବିବାକୁ ପସନ୍ଦ କର । ଏବଂ ମୁଁ କହିଲି, "ମାତ୍ର ଏଠାରେ, ଏଠାରେ ଦେଖ, ମୁଁ ସେହି ମୂଲ୍ୟରେ ଦୁଇଟି କିଣିଲି ଯେଉଁ ମୂଲ୍ୟରେ ତୁମେ ଗୋଟିଏ ହଳ କିଣିଥାଅ । ବୁଝିଲେ?" ମୁଁ କହିଲି, "ଓଃ, ତାହା—ତାହା ମୋର ବ୍ୟକ୍ତିଗତ ଦକ୍ଷତା ଅଟେ ।" ଦେଖ, ମୁଁ କହିଲି—ମୁଁ କହିଲି, "ତୁମେ ଜାଣିଛ, ଥେଲମା ମୋତେ ଏସବୁ ବିକ୍ରି କଲେ ।" ମୁଁ କହିଲି, "ସେ ହୁଏତ ମୋତେ ତାହା ଅଧା ମୂଲ୍ୟରେ ନେବା ପାଇଁ ଦେଇଅଛି ।"

ସେ ପଚାରିଲେ, "କଅଣ ତୁମେ ଶିଫନ୍ ପାଇଲ୍?"

234 ମୁଁ କହିଲି, "ହଁ, ମହୋଦୟା ।" ଏହା ତ ସବୁ ମୋତେ ଏକା ହିଁ ଶୁଭୁଥିଲା, ମୁଁ ଜାଣି ନ ଥିଲି ଯେ କୌଣସି ପାର୍ଥକ୍ୟ ଅଛି ।

235 ଏବଂ ସେ ମୋତେ କହିଲେ, ସେ କହିଲେ, "ବିଲି ।" ମୋତେ ଟିକେ ବିଚିତ୍ର ପରି ଚିନ୍ତା ହେଲା ଯେତେବେଳେ ସେ ଫୋର୍ଟ ୱେନରେ ପହଞ୍ଚିଲେ, ତାଙ୍କୁ ଆଉ ଏକ ହଳେ ବଡ଼ ଷ୍ଟକିଙ୍ଗ୍ସ

ମୋଜା ନେବାକୁ ପଡ଼ିଲା । ସେ କହିଲେ, "ମୁଁ ସେଗୁଡ଼ିକୁ ତୁମ ମାତାଙ୍କୁ ଦିଏ," କହିଲେ, "ସେଗୁଡ଼ିକ ବୟସ୍କ ମହିଳାମାନଙ୍କ ପାଇଁ ଅଟେ ।" କହିଲେ, "ମୁଁ ଦୁଃଖିତ ଯେ ମୁଁ ତାହା କଲି ।"

ଏବଂ ମୁଁ କହିଲି, "ଓଃ, ତାହା ଠିକ୍ ଅଛି, ପ୍ରିୟେ ।"

236 ଆଉ ସେ କହିଲେ, "ତେବେ, ଏକାକୀ ରହିବ ନାହିଁ—ନାହିଁ ।" ଏବଂ ସେ କହିଲେ... ସେ ଏହା ଜାଣି ନ ଥିଲେ ଯେ ଯାହା ସେହି ସମୟଠାରୁ ନେଇ କିଛି ଘଣ୍ଟା ମଧ୍ୟରେ ଘଟିବାକୁ ଯାଉଥିଲା । ଏବଂ ମୁଁ ତାଙ୍କ ପ୍ରିୟ ହାତ ଧରିଥିଲି ଯେତେବେଳେ ପରମେଶ୍ୱରଙ୍କ ଦୂତମାନେ ତାଙ୍କୁ ନେଇ ଯାଇଥିଲେ ।

237 ମୁଁ ଘରକୁ ଗଲି । ମୁଁ କଅଣ କରିବି ଜାଣି ନ ଥିଲି । ମୁଁ ରାତ୍ରିରେ ସେଠାରେ ଶୋଇଥିଲି ଏବଂ ମୁଁ ଶୁଣିଲି...ମୁଁ ଭାବୁଛି ଏହା ଏକ ଛୋଟ ମୂଷା ଥିଲା, ପୁରୁଣା ଚୁଲି ଭିତରେ ଥିଲା ଯେଉଁଠାରେ ଆମର କିଛି କାଗଜପତ୍ର ଥିଲା । ଏବଂ ମୁଁ ମୋର ପାଦ ସାହାଯ୍ୟରେ କବାଟ ବନ୍ଦ କରିଦେଲି, ଆଉ ସେଠାରେ ପଛରେ ତାଙ୍କର ଲମ୍ବା ପୋଷାକ ଝୁଲି ରହିଥିଲା, (ଏବଂ ସେହି ଶବାଗାରରେ ସେଠାରେ ପଡ଼ି ରହିଲି) । ଆଉ ଅଳ୍ପ ସମୟ ଭିତରେ କେହି ଜଣେ ମୋତେ ଡାକିଲେ, "ବିଲି!" ଏବଂ ଏହା ଭାଇ ଫ୍ରାଙ୍କ ବ୍ରୋଏ । ସେ କହିଲେ, "ତୁମର ଶିଶୁର ମୃତ୍ୟୁଶଯ୍ୟାରେ ।"

ମୁଁ କହିଲି, "ମୋର ଶିଶୁ?"

238 କହିଲେ, "ହଁ, ଶାରୋନ୍ ରୋଜ୍ ।" କହିଲେ, "ଡକ ବର୍ତ୍ତମାନ ସେଠାରେ ଅଛନ୍ତି, ଏବଂ କହିଲେ, 'ସେ ଯକ୍ଷ୍ମା ମେନିଞ୍ଜାଇଟିସ୍ ରୋଗରେ ଆକ୍ରାନ୍ତ, ସେ ଏହାକୁ ତାଙ୍କ ମାଆଙ୍କଠାରୁ ପାଇଅଛି ।'" ଏବଂ କହିଲେ, "ସେ ମରୁଅଛି ।"

239 ମୁଁ କାରରେ ବସିଲି, ସେଠାକୁ ଗଲି । ଏବଂ ସେଠାରେ ସେ ଥିଲା, ସେହି ଛୋଟ ମଧୁର ପ୍ରାଣ । ଏବଂ ସେମାନେ ତାଙ୍କୁ ଚଞ୍ଚଳ ଡାକ୍ତରଖାନାରେ ଭର୍ତ୍ତି କରିଦେଲେ ।

240 ମୁଁ ତାଙ୍କୁ ଦେଖା କରିବାକୁ ବାହାରିଲି । ସାମ୍ ଆସି କହିଲେ, "ବିଲି, ତୁମେ ସେହି କୋଠରୀକୁ ଯାଅ ନାହିଁ, ତୁମକୁ ବିଲି ପଲ ବିଷୟରେ ଚିନ୍ତା କରିବାକୁ ହେବ ।" କହିଲେ, "ସେ ମରୁଅଛି ।"

ମୁଁ କହିଲି, "ଡକ, ମୋତେ—ମୋତେ ମୋ ଛୁଆକୁ ଦେଖିବାକୁ ଅଛି ।"

241 ସେ କହିଲେ, "ନା, ତୁମେ ଭିତରକୁ ଯାଇପାର ନାହିଁ ।" କହିଲେ, "ସେ ମେନିଞ୍ଜାଇଟିସ୍ ରୋଗରେ ଆକ୍ରାନ୍ତ, ବିଲି, ଏବଂ ତୁମେ ଏହାକୁ ବିଲି ପଲକୁ ସଂକ୍ରମିତ କରିଦେବ ।"

242 ଏବଂ ସେ ବାହାରକୁ ବାହାରି ଯିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କଲି । ମୁଁ ତାଙ୍କୁ ମରୁଥିବାର ଦେଖିବାଟା ସହି ପାରିଲି ନାହିଁ, ଏବଂ ତାଙ୍କ ମାଆ ସେଠାରେ କବରପ୍ରାପ୍ତ ନିମନ୍ତେ ସେହି ପ୍ରତିଷ୍ଠାନରେ ରହିଥିଲେ । ମୁଁ ଆପଣଙ୍କୁ କହୁଛି, ଜଣେ ଅପରାଧୀର ମାର୍ଗ କଠିନ ଅଟେ । ଆଉ ମୁଁ—ମୁଁ ଗଲି, ଦ୍ୱାରରୁ ଚୁପ୍ କରି ଭିତରକୁ ଖସିଗଲି, ଏବଂ ଯେତେବେଳେ ସାମ୍ ବାହାରି ଗଲେ ଏବଂ ନର୍ସ ବାହାରକୁ ପଳାଇଲେ, ମୁଁ ତଳ ଭୂଗର୍ଭସ୍ଥ କୋଠରୀକୁ ଗଲି । ଏହା ଏକ ସାନ

ଡାକ୍ତରଖାନା ଥିଲା । ସେ ଏକ ବିଚ୍ଛିନ୍ନ ସ୍ଥାନରେ ଥିଲା ଏବଂ ମାଛିମାନେ ତାଙ୍କର ଛୋଟ ଆଖି ଉପରେ ବୁଲୁଥିଲେ । ଏବଂ ସେମାନଙ୍କର ଏକ ଛୋଟ…ଯାହାକୁ ଆମେ ଏକ "ମଶା ଦଣ୍ଡ," କିମ୍ବା ତାଙ୍କ ଆଖି ଉପରେ ଅଳ୍ପ ଜାଲ ପରିକା ଥିଲା । ଆଉ ସେ…ଅଳ୍ପ ପେଶୀ ସଙ୍କୋଚନ ସାହାଯ୍ୟରେ, ତାହାର ଛୋଟ ମୋଟା ଗୋଡ଼ ସେହିପରି ଉପରକୁ ଏବଂ ତଳକୁ ଗତି କରୁଥିଲା, ଏବଂ ତାହାର ଛୋଟ ହାତଗୁଡ଼ିକ, ସେହି ପେଶୀ ସଂକୋଚନ ସାହାଯ୍ୟରେ । ଏବଂ ମୁଁ ତାହାକୁ ଅନାଇଲି, ଏବଂ ସେ ପ୍ରାୟଃ ଆଠ ମାସର, ଅତ୍ୟନ୍ତ ସୁନ୍ଦର ହେବା ନିମନ୍ତେ ଯଥେଷ୍ଟ ବଡ଼ ଥିଲେ ।

243 ଏବଂ ତାଙ୍କ ମାଆ ତାଙ୍କୁ ସେହି ଛୋଟ ତିନି-କୋଣ ବିଶିଷ୍ଟ ବସ୍ତୁ ସହିତ ସେଠାରେ ରଖୁଥିଲେ, ଆପଣ ଜାଣନ୍ତି, ଅଗଣାରେ, ଯେତେବେଳେ ମୁଁ ଆସିଥାଏ । ଏବଂ ମୁଁ ପେଂକାଳି ବଜାଇଥାଏ, ଏବଂ ସେ କରିଥାଏ, "ଗୋ-ଗୋ, ଗୋ-ଗୋ," ଆପଣ ଜାଣନ୍ତି, ମୋ ପାଖକୁ ଆସିବା ପାଇଁ ।

244 ଆଉ ସେଠାରେ ମୋର ପ୍ରିୟତମ ପଡ଼ି ରହିଥିଲେ, ମୃତ୍ୟୁବରଣ କରୁଥିଲେ । ମୁଁ ତା ଆଡକୁ ଚାହିଁଲି, ଏବଂ ମୁଁ କହିଲି, "ଶେରି, ତୁମେ ବାପାଙ୍କୁ ଜାଣିଛ? ତୁମେ ବାପାଙ୍କୁ ଜାଣ, ଶେରି?" ଏବଂ ଯେତେବେଳେ ସେ ଅନାଇଲା…ସେ ଏତେ ପୀଡ଼ିତ ଥିଲା ଯେ ଏପରିକି ସେହି ସାନ ସାନ ନୀଳ ସୁନ୍ଦର ଆଖିଗୁଡ଼ିକ ମଧ୍ୟରୁ ଗୋଟିଏ ବଙ୍କା ହୋଇଯାଇଥିଲା । ଏହା ମୋ ହୃଦୟକୁ ମୋ ଭିତରୁ ବିଦୀର୍ଣ୍ଣ କରିଦେବା ପରି କରିଥିଲା ।

245 ମୁଁ ଆଣ୍ଠୁମାଡ଼ିଲି, ମୁଁ କହିଲି, "ପ୍ରଭୁ, ମୁଁ କଅଣ କରିଛି? କଅଣ ମୁଁ ରାସ୍ତାର କୋଣରେ ସୁସମାଚାର ପ୍ରଚାର କରି ନାହିଁ? ମୁଁ ଯାହାସବୁ କରିବାକୁ ଜାଣେ ତାହାସବୁ ମୁଁ କରିଅଛି । ଏହାକୁ ମୋ ବିରୁଦ୍ଧରେ ଧର ନାହିଁ । ମୁଁ ସେହି ଲୋକମାନଙ୍କୁ କେବେବି 'ଆବର୍ଜନା' ବୋଲି କହି ନାହିଁ । ଏହା ତ ସେ ହିଁ ସେହି ଲୋକମାନଙ୍କୁ କହିଥିଲେ 'ଆବର୍ଜନା ।'" ମୁଁ କହିଲି, "ମୁଁ ଦୁଃଖିତ ଯେ ଏହା ସବୁ ଘଟିଲା । ମୋତେ କ୍ଷମା କରି ଦିଅ । ମୋ ଛୁଆକୁ ନିଅ ନାହିଁ—ନାହିଁ ।" ଆଉ ମୁଁ ପ୍ରାର୍ଥନା କରୁଥିବା ସମୟରେ, ଏପରି ଦିଶିଲା ଯେ ଏକ କଳା…ଯେପରିକି ଏକ ପର୍ଦ୍ଦା କିମ୍ବା କପଡ଼ା ତଳକୁ ଆସିଲା । ମୁଁ ଜାଣିଲି ଯେ ସେ ମୋତେ ମନା କରିଦେଲେ ।

246 ତେବେ, ମୋ ଜୀବନର ସବୁଠୁଁ କଠିନ ଏବଂ ସବୁଠୁଁ ଦୁଃଖମୟ ସମୟ ଥିଲା । ଯେତେବେଳେ ମୁଁ ଉଠି ତାହା ଆଡ଼କୁ ଚାହିଁଲି, ଆଉ ମୁଁ ଭାବିଲି…ଶୟତାନ ମୋ ମନ ଭିତରେ ଆଣିଲା, "ତେବେ, ତୁମର କହିବାର ଅର୍ଥ ଯେ ତୁମେ ଯେପରି ଭାବରେ କଷ୍ଟରେ ପ୍ରଚାର କରିଛ, ଏବଂ ତୁମେ ଯେପରି ଭାବରେ ଜୀବନ ଯାପନ କରିଛ, ଏବଂ ବର୍ତ୍ତମାନ ଯେତେବେଳେ ଏହା ତୁମର ନିଜର ଶିଶୁ ବିଷୟରେ ଆସେ, ସେ ତୁମକୁ ପ୍ରତ୍ୟାଖ୍ୟାନ କରିଦେବେ?"

247 ଏବଂ ମୁଁ କହିଲି, "ତାହା ଠିକ୍ ଅଟେ । ଯଦି ସେ ମୋ ଶିଶୁକୁ ବଞ୍ଚାଇ ପାରିବେ ନାହିଁ, ତେବେ ମୁଁ କରିପାରିବି ନାହିଁ…" ମୁଁ ଅଟକି ଗଲି । ମୁଁ—ମୁଁ କଅଣ କରିବି ତାହା ଜାଣି ହିଁ ନ ଥିଲି । ଏବଂ ତାହାପରେ ମୁଁ ଏହା କହିଲି, ମୁଁ କହିଲି, "ପ୍ରଭୁ, ତୁମେ ମୋତେ ତାଙ୍କୁ ଦେଇଥିଲ ଏବଂ

ତୁମେ ତାଙ୍କୁ ନେଇ ଗଲ, ପ୍ରଭୁଙ୍କର ନାମ ଧନ୍ୟ ହେଉ! ଯଦି ତୁମେ ମୋତେ ମଧ୍ୟ ନେଇ ଯାଅ, ତଥାପି ମୁଁ ତୁମକୁ ପ୍ରେମ କରିବି ।”

248 ଏବଂ ମୁଁ ମୋ ହାତ ତାଙ୍କ ଉପରେ ରଖିଲି, ମୁଁ କହିଲି, “ପ୍ରିୟତମ, ତୁମକୁ ଆଶୀର୍ବାଦ କରନ୍ତୁ । ବାପା ତୁମକୁ ଲାଳନ ପାଳନ କରିବାକୁ ଚାହୁଁଥିଲେ, ମୋର ସମସ୍ତ ହୃଦୟ ସହିତରେ ମୁଁ ତୁମକୁ ପାଳିବାକୁ ଚାହୁଁଥିଲି, ଏବଂ ଏଇଥି ପାଇଁ ପାଳିବାକୁ ଚାହୁଁଥିଲି ଯେ ତୁମେ ପ୍ରଭୁଙ୍କୁ ଭଲ ପାଅ । ମାତ୍ର ପ୍ରିୟତମ, ସ୍ୱର୍ଗଦୂତମାନେ ତୁମ ପାଇଁ ଆସୁଛନ୍ତି । ବାପା ତୁମର ଛୋଟ ଶରୀରକୁ ତଳକୁ ନେଇ ମାଆଙ୍କ କୋଳରେ ଶୁଆଇଦେବେ । ମୁଁ ତୁମକୁ ତାହାଙ୍କ ସହିତ ସମାଧି ଦେବି । କୌଣସି ଏକ ଦିନ ବାପା ତୁମକୁ ଭେଟିବେ, ତୁମେ କେବଳ ସେଠାରେ ଉପରେ ମାଆଙ୍କ ସହିତ ଅପେକ୍ଷା କର ।”

249 ଯେତେବେଳେ ତାଙ୍କ ମାଆ ମୃତ୍ୟୁବରଣ କରୁଥିଲେ, ସେ କହିଥିଲେ, ଶେଷ ଶବ୍ଦ ସେ କହିଥିଲେ, ସେ କହିଲେ, “ବିଲ୍, ପ୍ରଚାର କ୍ଷେତ୍ରରେ ରୁହ ।”

250 ମୁଁ କହିଲି, “ମୁଁ ରହିବି...” ସେ କହିଲେ...ମୁଁ କହିଲି, “ଯଦି ମୁଁ ପ୍ରଚାର କ୍ଷେତ୍ରରେ ରହିଥାଏ ଯେତେବେଳେ ସେ ଆସନ୍ତି, ତାହାହେଲେ ମୁଁ ପିଲାମାନଙ୍କୁ ନେବି ଏବଂ ସାକ୍ଷାତ କରିବି । ଯଦି ମୁଁ ନ ଥାଏ, ତେବେ ମୁଁ ତୁମ କଡ଼ରେ ସମାଧି ପାଇବି । ଏବଂ ତୁମେ ସେହି ମହାନ ଫାଟକର ଡାହାଣ ପାର୍ଶ୍ୱକୁ ଯିବ, ଏବଂ ଯେତେବେଳେ ତୁମେ ସେସମସ୍ତଙ୍କୁ ଭିତରକୁ ଆସିବାର ଦେଖିବ, ସେଠାରେ ଛିଡ଼ା ହେବ ଏବଂ ଉଚ୍ଚ ପାଟିରେ ଚତ୍କାର କରିବା ଆରମ୍ଭ କରିବ, ‘ବିଲ୍! ବିଲ୍! ବିଲ୍!’ ଯେତିକି ଉଚ୍ଚ ସ୍ୱରରେ ତୁମେ କରିପାରିବ । ମୁଁ ତୁମକୁ ସେଠାରେ ଭେଟିବି ।” ମୁଁ ତାଙ୍କୁ ବିଦା-ୟ ଚୁମ୍ବନ ଦେଲି । ମୁଁ ଆଜି ଯୁଦ୍ଧ କ୍ଷେତ୍ରରେ ଅଛି । ତାହା ପ୍ରାୟଃ କୋଡ଼ିଏ ବର୍ଷ ପୂର୍ବର କଥା ଅଟେ । ମୋର ନିଜ ପତ୍ନୀଙ୍କ ସହ ସାକ୍ଷାତକାର ଅଛି, ମୁଁ ତାଙ୍କୁ ଭେଟିବାକୁ ଯାଉଛି ।

251 ଏବଂ ମୁଁ ଛୋଟ ଛୁଆଟିକୁ ନେଲି, ଯେତେବେଳେ ସେ ମରିଗଲା, ଓ ତାହାକୁ ମାଆର ବାହୁରେ ରଖି ଦେଲି, ଏବଂ ଆମେ ଏହାକୁ କବରଖାନାକୁ ନେଇଗଲୁ । ଏବଂ ମୁଁ ସେଠାରେ ଭାଇ ସ୍ମିଥଙ୍କୁ, ଯିଏକି ଜଣେ ମେଥୋଡିଷ୍ଟ ପ୍ରଚାରକ ଅଟନ୍ତି କବର ବିଷୟ ପ୍ରଚାର କରୁଥିବାର ଶୁଣିବାକୁ ଛିଡ଼ା ହେଲି, “ପାଉଁଶକୁ ପାଉଁଶ, ଏବଂ ଧୂଳିରେ ଧୂଳି ।” (ଆଉ ମୁଁ ଭାବିଲି, “ହୃଦୟରୁ ହୃଦୟ ।”) ସେଠାରେ ସେ ଗଲା ।

252 ଏହାର କିଛି ଦିନ ଉତ୍ତାରେ, ମୁଁ ଗୋଟିଏ ଦିନ ସକାଳେ ସାନ ବିଲିକୁ ନେଇକି ଗଲି । ସେ ଏକ ଅଳ୍ପ ସାନ ପିଲା ଥିଲା । ସେ ଥିଲା...

253 ସେଇଥି ପାଇଁ ସେ ମୋ ସହିତ ଲାଗି ରହିଥାଏ ଏବଂ ମୁଁ ତାହା ସହିତ ଲାଗି ରହିଥାଏ, ମୋତେ ତାହା ପାଇଁ ଉଭୟ ବାପା ଏବଂ ମାଆ (ଉଭୟ) ହେବାକୁ ପଡ଼ିଲା । ମୁଁ ତାହାର ଛୋଟ ବୋତଲକୁ ନିଏ । ଆମେ ତାହାର ଦୁଗ୍ଧକୁ ଗରମ ରଖିବା ପାଇଁ ରାତ୍ରିରେ ନିଆଁ ଲଗାଇବା ନିମନ୍ତେ ସକ୍ଷମ ନ ଥିଲୁ, ଏବଂ ମୁଁ ତାହାକୁ ମୋ ପିଠି ତଳେ ରଖି ଦିଏ ଓ ଏହାକୁ ମୋ ଶରୀରର ଉତ୍ତାପରେ ଗରମ ରଖିଥାଏ ।

254 ଆମେ ସାଙ୍ଗମାନଙ୍କ ପରି ଏକାଠି ଲାଗି ରହିଅଛୁ, ଏବଂ ଏହି ଦିନଗୁଡ଼ିକ ମଧ୍ୟରୁ ଗୋଟିଏ ଦିନ ଯେତେବେଳେ ମୁଁ କ୍ଷେତ୍ରରୁ ଚାଲିଯାଏ ମୁଁ ତାହାଙ୍କ ହାତରେ ବାକ୍ୟ ଦେଇ, ଏବଂ କହିବାକୁ ଚାହେଁ, "ଯାଅ, ବିଲି। ତୁମେ ଏହା ସହିତରେ ରୁହ।" କେତେକ ଲୋକ ଆଶ୍ଚର୍ଯ୍ୟ କରନ୍ତି ଯେ ମୁଁ ତାହାକୁ ସଦାବେଳେ ମୋ ସହିତ କାହିଁକି ରଖିଛି। ମୁଁ ତାହାକୁ ଛାଡ଼ି ପାରେ ନାହିଁ। ଏପରିକି ସେ ବିବାହିତ ଅଟନ୍ତି, ମାତ୍ର ମୋର ଏବେ ସୁଦ୍ଧା ମନେ ଅଛି ଯେ ସେ ମୋତେ କହିଥିଲେ, "ତାହା ସହିତ ରହିବ।" ଆଉ ଆମେ ସାଙ୍ଗମାନଙ୍କ ଭଳି ଏକାଠି ଲାଗି ରହିଛୁ।

255 ମୋର ମନେ ଅଛି ଯେ ନଗରକୁ ଯାଇଥିବା ବେଳେ, ସେହି ବୋତଲକୁ ମୋ ବାହୁ ତଳେ ରଖିଥାଏ, ସେ କାନ୍ଦିବାକୁ ଆରମ୍ଭ କରିଦିଏ। ଗୋଟିଏ ରାତ୍ରି ସେ...ଆମେମାନେ ପଛ ପଟ ଅଗଣାରେ ବୁଲୁଥିଲୁ ଯେଉଁଠାରେକି ଠିକ୍...(ଯେତେବେଳେ ସେ ତାହାକୁ ଜନ୍ମ ଦେବାକୁ ଯାଉଥିଲେ, ସେ ଅଣ-ନିଃଶ୍ୱାସୀ ହେଉଥିଲେ, ଏବଂ ମୁଁ...ଆପଣ ଜାଣନ୍ତି, କେବଳ ଏକ ଝିଅ ମାତ୍ର।) ଏବଂ ମୁଁ ପଛପଟ ଅଗଣାରେ ଥିବା ସେହି ପୁରୁଣା ଓକ ଗଛରୁ ଆଗ ପଛ ହୋଇ ବୁଲୁଥିଲି। ଏବଂ ସେ ତାହାର ମାଆ ପାଇଁ କାନ୍ଦୁଥିଲା, ଏବଂ ତାହାକୁ ନେଇକରି ଯିବା ପାଇଁ ମୋ ପାଖରେ କୌଣସି ମାଆ ନ ଥିଲେ। ଏବଂ ମୁଁ ତାହାକୁ କୋଳ କରୁଥାଏ, ମୁଁ କହୁଥାଏ, "ଓଃ, ପ୍ରିୟ।" ମୁଁ କହିଲି...

256 ସେ କହିଲା, "ବାପା, ମୋର ମାଆ କେଉଁଠାରେ? ତୁମେ କଅଣ ତାହାକୁ ସେହି ଭୂମିରେ ରଖି ଦେଲ କି?"

ମୁଁ କହିଲି, "ନା, ପ୍ରିୟ। ସେ ଠିକ୍ ଅଛନ୍ତି, ସେ ଉପରେ ସ୍ୱର୍ଗରେ ଅଛନ୍ତି।"

257 ଏବଂ ସେ ସେଠାରେ କିଛି କହିଲା, ଦିନେ ଅପରାହ୍ନରେ, ତାହା ମୋତେ ମାରିଦେବା ପରି କଲା। ସେ କାନ୍ଦୁଥିଲା, ତାହା ଅତି ବିଳମ୍ବିତ ସନ୍ଧ୍ୟାରେ ଥିଲା, ଆଉ ମୁଁ ତାହାକୁ ମୋ ପିଠି ପଛରେ *ଏପରି* ଲଦି ଦେଇଥିଲି, ତାହାକୁ ମୋ କାନ୍ଧ ଉପରେ ରଖିଥିଲି ଓ *ଏହିପରି* ଭାବରେ ପିଠିରେ ଥପ୍ ଥପେଇ ଦେଉଥିଲି। ଆଉ ସେ କହିଲା, "ବାପା, ଦୟାକରି ଯାଅ ଓ ମାଆକୁ ଘେନି ଏଠାକୁ ନେଇ ଆସ।"

ଏବଂ ମୁଁ କହିଲି, "ପ୍ରିୟରେ, ମୁଁ ମାଆକୁ ଆଣିପାରିବି ନାହିଁ। ଯୀଶୁ..."

କହିଲା, "ତେବେ, ଯୀଶୁଙ୍କୁ କୁହ ସେ ମୋତେ ମୋର ମାଆକୁ ପଠାଇବେ। ମୁଁ ତାହାଙ୍କୁ ଚାହେଁ।"

258 ଆଉ ମୁଁ କହିଲି, "ହଉ, ପ୍ରିୟ, ମୁଁ...ମୁଁ ଏବଂ ତୁମେ ତାଙ୍କୁ କୌଣସି ସମୟରେ ଦେଖିବାକୁ ଯାଉଅଛୁ।"

ଆଉ ସେ ଅଟକି ଗଲା, କହିଲା, "ବାପା!"

ଏବଂ ମୁଁ କହିଲି, "ହଁ?"

କହିଲା, "ମୁଁ ସେଠାରେ ସେହି ମେଘ ଉପରେ ମାଆଙ୍କୁ ଦେଖିଲି।"

259 ମୋର ପ୍ରଭୁ, ତାହା ମୋତେ ମାରିବା ପରି କଲା! ମୁଁ ଭାବିଲି, "ମୋର ପ୍ରଭୁ! 'ମୁଁ ସେଠାରେ ସେହି ମେଘ ଉପରେ ମାଆଙ୍କୁ ଦେଖିଲି ।'" ମୁଁ ପ୍ରାୟଃ ଚେତାଶୁନ୍ୟ ହୋଇଗଲି । ମୁଁ ସେହି ଛୋଟ ପିଲାକୁ ମୋ ବକ୍ଷସ୍ଥଳରେ ଏପରି ଭାବରେ ଆଲିଙ୍ଗନ କଲି, ଏବଂ ମୋ ମୁଣ୍ଡକୁ ତଳେ କରି, ଚାଲି ଗଲି ।

260 ଦିନ ଗଡ଼ିଲା । ମୁଁ ଏହାକୁ ଭୁଲି ପାରିଲି ନାହିଁ । ମୁଁ କାମ କରିବାକୁ ଚେଷ୍ଟା କଲି । ଘରକୁ ଫେରି ପାରିଲି ନାହିଁ, ଏହା ଆଉ ଘର ନ ଥିଲା । ଆଉ ମୁଁ ରହିବାକୁ ଚାହୁଁଥିଲି । ଆମ ପାଖରେ କିଛି ନ ଥିଲା କେବଳ ସେହି ଭଙ୍ଗା ପୁରୁଣା ଆସବାବପତ୍ର ଥିଲା, ମାତ୍ର ଏହା ଏପରି କିଛି ଥିଲା ଯାହାକୁ ସେ ଓ ମୁଁ ଏକତ୍ର ଉପଭୋଗ କରିଥିଲୁ । ଏହା ଘର ଥିଲା ।

261 ଏବଂ ମୋର ମନେ ଅଛି ଦିନେ ମୁଁ ଲୋକ ସେବାରେ କାମ କରିବାକୁ ଚେଷ୍ଟା କରୁଥିଲି । ମୁଁ ଏକ ପୁରୁଣା ମାଧ୍ୟମିକ ବିଜୁଳି ତାର ଠିକ୍ କରିବାକୁ ଯାଇଥିଲି, ତାହା ଝୁଲୁଥିଲା, ଏହା ଅତି ସକାଳର ସମୟ ଥିଲା । ଆଉ ମୁଁ ଏହି ବତୀ ଖୁଣ୍ଟ ଉପରକୁ ଚଢିଥିଲି । (ଏବଂ ମୁଁ ସେହି ଶିଶୁଟିକୁ ମନେ ପକାଇବାରୁ କ୍ଷାନ୍ତ ହୋଇପାରୁ ନ ଥିଲି । ମୁଁ ମୋର ପତ୍ନୀର ଚାଲିଯିବାଟା ଦେଖି ପାରୁଥିଲି, ମାତ୍ର ସେହି ଶିଶୁର ଚାଲିଯିବାଟା, ସେହି ସାନ ପିଲାଟି ।) ଏବଂ ମୁଁ ସେଠାରେ ଥିଲି, ଆଉ ମୁଁ ଗୀତ ଗାଉଥିଲି, "ବହୁତ ଦୂର ପାହାଡ଼ ଉପରେ, ଏକ ପୁରୁଣା କ୍ଷତ ବିକ୍ଷତ କୃଶ ଛିଡ଼ା ହୋଇଅଛି ।" ଏବଂ ପ୍ରାଥମିକ ବିଜୁଳି ତାରଗୁଡ଼ିକ ଟ୍ରାନ୍ସଫର୍ମରକୁ ଯାଇଥିଲା ଓ ସେଠାରୁ ବାହାରି (ଆପଣ ଜାଣନ୍ତି) ମାଧ୍ୟମିକକୁ ଯାଇଥିଲା । ଏବଂ ମୁଁ ସେଠାରେ ଏହା ଉପରେ ଝୁଲି ରହିଥିଲା । ଏବଂ ମୁଁ ଦେଖିବାକୁ ଗଲି, ଆଉ ସୂର୍ଯ୍ୟ ମୋ ପଛରେ ଆସୁଥିଲା । ଏବଂ ସେଠାରେ, ମୋର ହାତ ବିସ୍ତାରିତ ଥିଲା ଏବଂ ସେହି କୃଶର ଚିହ୍ନ ସେହି ପାହାଡ଼ ଉପରେ—ଉପରେ ଥିଲା । ମୁଁ ଚିନ୍ତା କଲି, "ହଁ, ଏହା ମୋର ପାପ ହିଁ ଅଟେ ଯାହାକି ତାହାଙ୍କୁ ସେଠାରେ ରଖିଥିଲା ।"

262 ମୁଁ କହିଲି, "ଶାରୋନ୍, ପ୍ରିୟ, ବାପା ତୁମକୁ ବ୍ୟାକୁଳତାର ସହ ଏଠେ ଦେଖିବାକୁ ଚାହାଁନ୍ତି, ପ୍ରିୟ । କିପରି ମୁଁ ତୁମକୁ ଆଉ ଥରେ ମୋ କୋଳରେ ଧରିବାକୁ ଚାହେଁ, ତୁମେ ପ୍ରିୟ ଛୋଟ ଝିଅ ।" ମୁଁ ମୋ ନିଜ ଚିନ୍ତାରେ ହଜିଗଲି । ତାହା ଅନେକ ସପ୍ତାହ ହୋଇଯାଇଥିଲା । ମୁଁ ମୋର ରବର ହାତ ପିନ୍ଧା ଗ୍ଲୋଭ୍ ବାହାର କରିଦେଲି । ମୋର ଠିକ୍ ପାଖ ଦେଇ ତେଇ-ଶ ଶହ ଭୋଲ୍ଟ ବିଜୁଳି ପ୍ରବାହିତ ହେଉଥିଲା । ମୁଁ ମୋର ରବର ହାତ ପିନ୍ଧା ଗ୍ଲୋଭ୍ ବାହାର କରିଦେଲି । ମୁଁ କହିଲି, "ହେ ପରମେଶ୍ୱର, ମୁଁ ଏହା କରିବାକୁ ଘୃଣା କରେ । ମୁଁ ଜଣେ ଭୀରୁ ଅଟେ ।" "ମାତ୍ର, ଶେରି, ବାପା ତୁମକୁ ଏବଂ ମମିଙ୍କୁ ଅଳ୍ପ କିଛି ମିନିଟରେ ଦେଖା କରିବାକୁ ଯାଉଛନ୍ତି ।" ସେହି ତେଇ-ଶ ଶହ ଉପରେ ମୋ ହାତ ରଖିବା ପାଇଁ, ନିଜର ଗ୍ଲୋଭ୍ ଟାଣିବା ଆରମ୍ଭ କଲି । ଏହା ଭାଙ୍ଗି ଦେବ...କାହିଁକି, ଏପରିକି ଆପଣଙ୍କ ଭିତରେ ରକ୍ତ ସୁଦ୍ଧା ରହିବ ନାହିଁ । ଆଉ ତେଣୁକରି ମୁଁ—ମୁଁ—ମୁଁ ସେହି ଗ୍ଲୋଭକୁ ଟାଣିବା ଆରମ୍ଭ କଲି, ଏବଂ କିଛି ଗୋଟାଏ ଘଟିଲା । ଯେତେବେଳେ ମୁଁ ଚେତାକୁ ଆସିଲି, ସେତେବେଳେ ମୁଁ ଭୂମି ଉପରେ ବସି ମୋ ହାତକୁ ଏହିପରି ଭାବରେ, ମୋ ମୁହଁକୁ କରି, କାନ୍ଦୁଥିଲି । ଏହା ପରମେଶ୍ୱରଙ୍କ ଅନୁଗ୍ରହ ଥିଲା,

ଅନ୍ୟଥା ମୁଁ ଏଠାରେ ଏକ ଆରୋଗ୍ୟକାରୀ ସେବା କରୁ ନ ଥାଆନ୍ତି, ମୁଁ ତାହା ବିଷୟରେ ସୁନିଶ୍ଚିତ ଅଟେ । ଏହା ତ ସେ ତାଙ୍କର ଉପହାରକୁ ସୁରକ୍ଷା କରୁଥିଲେ, ମୁଁ ନୁହେଁ ।

263 ମୁଁ ଘରକୁ ଯିବା ଆରମ୍ଭ କଲି । ମୁଁ ଛାଡ଼ି ଦେଲି, ମୋର ଉପକରଣଗୁଡ଼ିକୁ ଅଲଗା ଥୋଇ ଦେଲି । ଏବଂ ଫେରିକି ଗଲି, ମୁଁ କହିଲି, "ମୁଁ ଘରକୁ ଯାଉଅଛି ।"

264 ମୁଁ ଘର ଆଖପାଖରେ ପହଞ୍ଚିଲି, ଏବଂ ମୁଁ ଘରେ ଆସିଥିବା ଚିଠିପତ୍ରକୁ ଉଠାଇଲି, ଏକ ପ୍ରକାର ଥଣ୍ଡା ଥିଲା, ଏବଂ ମୁଁ ଭିତରକୁ ଗଲି । ଆମର ଗୋଟିଏ ଛୋଟ କୋଠରୀ ଥିଲା, ମୁଁ ସେଠାରେ ଏକ ଛୋଟ ଖଟ ଉପରେ ଶୋଇଥିଲି, ଏବଂ ତୁଷାର ପଡୁଥିଲା, ଏବଂ ସେହି ପୁରୁଣା ଚୁଲି । ମୁଁ ଚିଠି ନେଲି ଏବଂ ମୁଁ ଚିଠିକୁ ଦେଖିଲି, ଏବଂ ସେଠାରେ ପ୍ରଥମ ଜିନିଷ ଯାହା ଥିଲା ତାହା ହେଲା ତାଙ୍କର ଅଳ୍ପ ଖ୍ରୀଷ୍ଟମାସ ସଞ୍ଚୟ, ଅଶୀ ସେଣ୍ଟ, "ସୁଶ୍ରୀ ଶାରୋନ୍ ରୋଜ ବ୍ରାନହାମ୍ ।" ସେଠାରେ ତାହା, ପୁଣି ଥରେ ସବୁକିଛି ଥିଲା ।

265 ମୁଁ କ୍ଷେତ୍ର ରକ୍ଷକ ରହି ଆସିଥିଲି । ମୁଁ ସେଠାରେ ହାତ ମାରି ବନ୍ଧୁକ ଖୋଳରୁ ବନ୍ଧୁକ, ପିସ୍ତଲ, ବାହାର କଲି । ମୁଁ କହିଲି, "ପ୍ରଭୁ, ମୁଁ—ମୁଁ ଏହା ଆଉ ଆଗକୁ ଯାଇପାରିବି ନାହିଁ, ମୁଁ—ମୁଁ ମରୁଅଛି । ମୁଁ—ମୁଁ ବହୁତ ଯନ୍ତ୍ରଣା ଭୋଗୁଛି ।" ମୁଁ ବନ୍ଧୁକରେ ତାହାର ଘୋଡାକୁ ଟାଣିଲି, ଏହାକୁ ମୋ ମୁଣ୍ଡରେ ରଖିଲି, ସେହି ଅନ୍ଧାର କୋଠରୀରେ ସେହି ଖଟ ଉପରେ ଆଣ୍ଠୁମାଡ଼ି ବସି ଗଲି । ମୁଁ କହିଲି, "ଆମ୍ଭମାନଙ୍କର ପିତା ଯିଏ ସ୍ୱର୍ଗରେ ଅଛନ୍ତି, ତୁମ୍ଭ ନାମ ପବିତ୍ର ମାନ୍ୟ ହେଉ । ତୁମ୍ଭ ରାଜ୍ୟ ଆସୁ, ତୁମ୍ଭ ଇଚ୍ଛା ସଫଳ ହେଉ ।" ଏବଂ ମୁଁ ଶତ ଚେଷ୍ଟା କଲି, ଏବଂ ମୁଁ ସେହି ବନ୍ଧୁକର ଘୋଡାକୁ ଯଥାସମ୍ଭବ ଚିପିଲି, ମୁଁ କହିଲି, "ଯେପରି ସ୍ୱର୍ଗରେ ହୁଏ ସେହିପରି ପୃଥିବୀରେ ହେଉ । ଆଜିର ଦିନ ଆମକୁ ଆମର ଦୈନନ୍ଦିନ ଆହାର ଦିଅ ।" ଏବଂ ଏହା ଫୁଟିଲା ନାହିଁ!

266 ଏବଂ ମୁଁ ଭାବିଲି, "ହେ ପରମେଶ୍ୱର, କଅଣ ତୁମେ ମୋତେ ଖଣ୍ଡ ଖଣ୍ଡ କରି ବିଦୀର୍ଣ୍ଣ କରୁଅଛ କି? ମୁ କଅଣ କରିଅଛି? ତୁମେ ମୋତେ ମରିବାକୁ ସୁଦ୍ଧା ଦେଉ ନାହିଁ ।" ଆଉ ମୁଁ ବନ୍ଧୁକକୁ ତଳକୁ ଫୋପାଡି ଦେଲି, ଏବଂ ତାହା ଫୁଟିଲା ଏବଂ କୋଠରୀ ଭିତରେ ଗୁଳି ଚାଲିଲା । ମୁଁ କହିଲି, "ହେ ପରମେଶ୍ୱର, ମୁଁ କାହିଁକି ମରିଯାଇ ଏଥିରୁ ବାହାରି ପାରୁ ନାହିଁ? ମୁଁ ଆଉ ଆଗକୁ ଯାଇପାରୁ ନାହିଁ । ତୁମକୁ ମୋ ପ୍ରତି କିଛି କରିବାକୁ ପଡ଼ିବ ।" ଏବଂ ମୁଁ ତଳେ ପଡ଼ି ସେଠାରେ ଥିବା ମୋର ଛୋଟ, ପୁରୁଣା ମଇଳା ବିଛଣା ଉପରେ କାନ୍ଦିବାକୁ ଲାଗିଲି ।

267 ଏବଂ ମୁଁ ନିଶ୍ଚୟ ଶୋଇ ଯାଇଥିବି । ମୁଁ ଜାଣେ ନାହିଁ ଯେ ମୁଁ ଶୋଇ ପଡ଼ିଥିଲି କିଅବା କଅଣ ଗୋଟିଏ ଘଟିଲା ।

268 ମୁଁ ସଦାବେଳେ ପଶ୍ଚିମ ଦେଶ ଆଡ଼କୁ ଯିବାକୁ ଇଚ୍ଛା କରିଥିଲି । ମୁଁ ସବୁବେଳେ ସେହି ବଡ଼ ଟୋପିମାନଙ୍କ ମଧ୍ୟରୁ ଗୋଟିଏ ଚାହିଁଥିଲି । ମୋ ବାପା ତାଙ୍କ ଯୁବା ସମୟରେ ଘୋଡ଼ାମାନଙ୍କର ବେପାରରେ ମଧ୍ୟସ୍ଥି କାମ କରିଥିଲେ, ଏବଂ ମୁଁ ସବୁବେଳେ ସେହି ଟୋପିମାନଙ୍କ ମଧ୍ୟରୁ ଗୋଟିଏ ଚାହୁଁଥିଲି । ଏବଂ ଭାଇ ଡେମୋସ୍ ଶାକାରିଆନ୍ ଗତକାଲି

ମୋତେ ଗୋଟିଏ ଆଣିଦେଲେ, ପ୍ରଥମଟି ଯାହା ମୋ ପାଖରେ ଥିଲା (କେବେ ରହିଥିଲା) ତାହା ପରି, ସେହି ପାଶ୍ଚାତ୍ୟ ଟୋପିମାନଙ୍କ ମଧ୍ୟରୁ ଗୋଟିଏ ।

269 ଏବଂ ମୁଁ ଭାବିଲି ଯେ ମୁଁ ବଡ଼ ବଡ଼ ସବୁଜ ଚରାସ୍ଥାନ ଦେଇ ଯାଉଅଛି, ସେହି ଗୀତ ଗାଉଅଛି, "ରେଳଡବାର ଏକ ଚକ ଭାଙ୍ଗି ଯାଇଅଛି, ସେହି ଚରା କ୍ଷେତ୍ରରେ ଏକ ସାଙ୍କେତିକ ଚିହ୍ନ ରହିଛି, 'ବିକ୍ରୟ ହେତୁ ।'" ଏବଂ ଯେମିତି ମୁଁ ଆଗକୁ ଗଲି, ମୁଁ ଦେଖିଲି ଏକ ପୁରାତନ ଆଚ୍ଛାଦିତ ରେଳଡବା, ଯେପରିକି ଏକ ପୁରୁଣା ସବୁଜ ଚରାସ୍ଥାନର ନୌକା ଦିଶେ, ଆଉ ତାହାର ଚକଟି ଭାଙ୍ଗି ଯାଇଥିଲା । ନିଶ୍ଚିତରେ, ତାହା ମୋର ଭଙ୍ଗା ପରିବାରକୁ ଦର୍ଶାଉଥିଲା । ଏବଂ ଯେମିତି ମୁଁ ନିକଟବର୍ତ୍ତୀ ହେଲି, ମୁଁ ଦେଖିଲି, ଆଉ ସେଠାରେ ଛିଡ଼ା ହୋଇଥିଲା ଜଣେ—ଜଣେ ପ୍ରକୃତରେ ସୁନ୍ଦର, ଯୁବା ଝିଅଟିଏ, ପ୍ରାୟଃ କୋଡ଼ିଏ ବର୍ଷର, ଧଳା ପୋଷାକ ପରିହିତ, ଶୁଭ୍ର ପ୍ରବାହିତ କେଶ ଏବଂ ନୀଳ ଆଖି ଥିଲା । ମୁଁ ତାହା ଆଡ଼କୁ ଚାହିଁଲି, ମୁଁ କହିଲି, "ଆପଣ କେମିତି ଅଛନ୍ତି?" ଆଗକୁ ବଢିଗଲି ।

ସେ କହିଲା, "ନମସ୍କାର, ବାପା ।"

270 ଏବଂ ମୁଁ ବୁଲି ପଡ଼ିଲି, ମୁଁ କହିଲି, "ବାପା?" "କାହିଁକି," ମୁଁ କହିଲି, "କେମିତି, ସୁଶ୍ରୀ, କିପରି ଆପଣ...କଅଣ ମୁଁ ଆପଣଙ୍କର ବାପା ହୋଇପାରେ ଯେତେବେଳେକି ବୟସରେ ଆପଣ ମୋର ସମକକ୍ଷ ଅଟନ୍ତି?"

271 ସେ କହିଲା, "ବାପା, ତୁମେ ଜାଣି ନାହଁ ଯେ ତୁମେ କେଉଁଠାରେ ଅଛ ।"

ଏବଂ ମୁଁ କହିଲି, "ତୁମର କହିବାର ଅଭିପ୍ରାୟ କଅଣ?"

272 ସେ କହିଲା, "ଏହା ହେଉଛି ସ୍ୱର୍ଗ ।" କହିଲା, "ପୃଥିବୀ ପୃଷ୍ଠରେ ମୁଁ ତୁମର ଛୋଟ ଶାରୋନ୍ ଥିଲି ।"

"କାହିଁକି," ମୁଁ କହିଲି, "ପ୍ରିୟ, ତୁମେ ତ କେବଳ ସାନ ଶିଶୁ ଥିଲ ।"

273 କହିଲା, "ବାପା, ଏଠାରେ ସାନ ଶିଶୁମାନେ ଆଉ ସାନ ଶିଶୁ ନୁହଁନ୍ତି, ସେମାନେ ଅମର ଅଟନ୍ତି । ସେମାନେ କଦାପି ବୃଦ୍ଧ ହୁଅନ୍ତି ନାହିଁ କିମ୍ବା ବଢ଼ନ୍ତି ନାହିଁ ।"

274 ଏବଂ ମୁଁ କହିଲି, "ତେବେ, ଶାରୋନ୍, ପ୍ରିୟ, ତୁମେ—ତୁମେ ତ ଏକ ସୁନ୍ଦର, ଯୁବତୀ ଅଟ ।"

ସେ କହିଲା, "ମାଆ ତୁମକୁ ଅପେକ୍ଷା କରିଛନ୍ତି ।"

ଏବଂ ମୁଁ କହିଲି, "କେଉଁଠାରେ?"

ସେ କହିଲା, "ଉପରେ ତୁମର ନୂଆ ଘରେ ।"

275 ଏବଂ ମୁଁ କହିଲି, "ନୂଆ ଘର?" ବ୍ରାନହାମ୍ ସମସ୍ତେ ବାରବୁଲା ଲୋକ ଅଟନ୍ତି, ସେମାନଙ୍କର ଘର ନ ଥାଏ, ସେମାନେ କେବଳ...ଏବଂ ମୁଁ କହିଲି, "ତେବେ, ମୋର କେବେ ଘର ନ ଥିଲା, ପ୍ରିୟ ।"

276 ସେ କହିଲା, "ମାତ୍ର ତୁମର ଏଠାରେ ଗୋଟିଏ ଅଛି, ବାପା।" ମୁଁ ଏକ ଶିଶୁ ତୁଲ୍ୟ କହୁ ନାହିଁ, ମାତ୍ର ଏହା ମୋ ପାଇଁ ଏତେ ବାସ୍ତବ ଅଟେ। [ଭାଇ ବ୍ରାନହମ୍ କାନ୍ଦନ୍ତି।—ଅନୁ।] ମୁଁ ଯେତେବେଳେ ଏହା ବିଷୟରେ ଚିନ୍ତା କରିବା ଆରମ୍ଭ କରେ, ଏହା ପୁଣି ଫେରି ଆସିଥାଏ। କହିଲା, "ବାପା, ତୁମର ଏଠାରେ ଗୋଟିଏ ଅଛି।" ମୁଁ ଜାଣେ ଯେ ମୋର ସେଠାରେ ଗୋଟିଏ ଅଛି, କୌଣସି ଦିନେ ମୁଁ ଏହା ମଧ୍ୟକୁ ଯିବି। ସେ କହିଲା, "ମୋର ଭାଇ, ବିଲି ପଲ୍ କେଉଁଠାରେ?"

277 ଆଉ ମୁଁ କହିଲି, "ତେବେ, ମୁଁ ତାଙ୍କୁ କିଛି ମିନିଟ୍ ପୂର୍ବରୁ, ଶ୍ରୀମତୀ ବ୍ରଏଙ୍କଠାରେ ଛାଡ଼ି ଆସିଛି।"

କହିଲା, "ମାଆ ତୁମକୁ ଦେଖା କରିବାକୁ ଚାହୁଁଛନ୍ତି।"

278 ଆଉ ମୁଁ ବୁଲି ପଡ଼ି ଦେଖିଲି, ଏବଂ ସେଠାରେ ବହୁତ ବଡ଼ ବଡ଼ ପ୍ରାସାଦମାନ ଥିଲା, ଓ ପରମେଶ୍ୱରଙ୍କ ଗୌରବ ସେମାନଙ୍କ ଚାରିପାଖରେ ରହିଥିଲା। ଏବଂ ମୁଁ ସ୍ୱର୍ଗଦୂତମାନଙ୍କର ଏକ ଗାୟନ ମଣ୍ଡଳୀକୁ ଗୀତ ଗାଉଥିବାର ଶୁଣିଲି, "ମୋ ଘର, ପ୍ରିୟ ଘର।" ମୁଁ ଏକ ଲମ୍ବା ସିଢିରେ ଚଢିବା ଆରମ୍ଭ କଲି, ଓ ଯେତେ ଜୋର୍ ପାରିଲି ସେତେ ଜୋର୍ ଦୌଡ଼ିବାକୁ ଲାଗିଲି। ଏବଂ ଯେତେବେଳେ ମୁଁ ଦ୍ୱାର ପାଖରେ ପହଞ୍ଚିଲି, ସେଠାରେ ସେ ଛିଡ଼ା ହୋଇଥିଲେ, ଏକ ଧଳା ପୋଷାକ ପିନ୍ଧିଥିଲେ, ସେହି କଳା, ଲମ୍ବା କେଶ, ତାଙ୍କର ପଛକୁ ଝୁଲୁଥିଲା। ସେ ତାଙ୍କର ବାହୁ ଦ୍ୱୟକୁ ଉପରକୁ ଉଠାଇଲେ, ଯେପରିକି ସେ ସଦାବେଳେ କରିଥାଆନ୍ତି ଯେତେବେଳେ ମୁଁ କାମରୁ ବା କୌଣସି ଜିନିଷରୁ କ୍ଲାନ୍ତ ହୋଇ ଘରକୁ ଆସିଥାଏ। ମୁଁ ତାହାଙ୍କୁ ହାତରେ ଧରିଲି, ଏବଂ ମୁଁ କହିଲି, "ପ୍ରିୟେ, ମୁଁ ସେଠାରେ ତଳେ ଶାରୋନ୍‌କୁ ଦେଖିଲି।" ମୁଁ କହିଲି, "ସେ ଏକ ସୁନ୍ଦର ଝିଅ ପାଲଟିଛି, କଅଣ ସେ ନୁହେଁ କି?"

279 ସେ କହିଲେ, "ହଁ, ବିଲ୍।" ସେ କହିଲେ, "ବିଲ୍।" ତାଙ୍କର ବାହୁକୁ ମୋ ଚାରିପାଖରେ ରଖିଲେ, (ଏବଂ ସେ କହିଲେ) ମୋ କାନ୍ଧରେ ଚାରିପାଖେ, ସେ ମୋତେ ଥପ୍ ଥପେଇବା ଆରମ୍ଭ କଲେ, ସେ କହିଲେ, "ମୋର ଏବଂ ଶାରୋନ୍ ବିଷୟରେ ଚିନ୍ତା କରିବା ବନ୍ଦ କରି ଦିଅ।"

ମୁଁ କହିଲି, "ପ୍ରିୟେ, ମୁଁ ଏହା କରିପାରୁ ନାହିଁ।"

280 ସେ କହିଲେ, "ବର୍ତ୍ତମାନ ଶାରୋନ୍ ଏବଂ ମୁଁ ତୁମ ଅପେକ୍ଷା ଅଧିକ ଭଲରେ ଅଛୁ।" ଏବଂ କହିଲେ, "ଆମ ବିଷୟରେ ଆଉ ଚିନ୍ତା କର ନାହିଁ। କଅଣ ତୁମେ ମୋତେ ପ୍ରତିଜ୍ଞା କରିବ କି?"

281 ଆଉ ମୁଁ କହିଲି, "ହୋପ୍," ମୁଁ କହିଲି, "ମୁଁ ତୁମ ପାଇଁ ଏବଂ ଶାରୋନ୍ ପାଇଁ କେତେ ଏକୁଟିଆ ହୋଇ ପଡ଼ିଛି, ଏବଂ ବିଲି ତୁମ ପାଇଁ ସବୁବେଳେ କାନ୍ଦିଥାଏ।" ମୁଁ କହିଲି, "ତାହା ସହିତ କଅଣ କରିବି ମୁଁ ଜାଣେ ନାହିଁ।"

282 ଏବଂ ସେ କହିଲେ, "ସବୁ ଠିକ୍ ହୋଇଯିବ, ବିଲ୍।" ସେ କହିଲେ, "ମୋତେ କେବଳ ପ୍ରତିଜ୍ଞା କର ଯେ ତୁମେ ଆଉ ଚିନ୍ତା କରିବ ନାହିଁ।" ଏବଂ ସେ କହିଲେ, "କଅଣ ତୁମେ ବସିବ ନାହିଁକି?" ଏବଂ ମୁଁ ଚାରିପାଖକୁ ଚାହିଁଲି ଏବଂ ସେଠାରେ ଏକ ବଡ଼ ଚୌକୀ ଥିଲା।

283 ଏବଂ ମୋର ମନେ ପଡ଼ିଲା ଯେ ମୁଁ ଏକ ଚୌକୀ କିଣିବାକୁ ଚେଷ୍ଟା କରିଥିଲି। ବର୍ତ୍ତମାନ, ଶେଷ କରୁଅଛି। ମୁଁ ଥରେ ଏକ ଚୌକୀ କିଣିବାକୁ ଚେଷ୍ଟା କଲି। ଆମ ପାଖରେ ସେହି ଜଳଖିଆ ସେଟ୍ ନିମନ୍ତେ ସେହି ପୁରୁଣା—ପୁରୁଣା ସାଧାରଣ କାଠ-ତିଆରି ବସିବାର ଚୌକୀମାନ କେବଳ ଥିଲା। ଆମକୁ ସେଗୁଡ଼ିକ ବ୍ୟବହାର କରିବାକୁ ଥିଲା, ସେହି ଏକମାତ୍ର ଚୌକୀମାନ ଯାହା ଆମ ପାଖରେ ଥିଲା। ଏବଂ ଆମେ ଏହି ଚୌକୀଗୁଡ଼ିକ ମଧ୍ୟରୁ ଗୋଟିଏକୁ କିଣି ପାରିଥିଲୁ ଯାହାକୁ ଆପଣ ପଛକୁ ପଛ କରନ୍ତି, ଯେପରିକି ଏକ...ତାହା କେଉଁ ପ୍ରକାରର ଏକ ସହଜ-ବିଶ୍ରାମ ଚୌକୀ ଅଟେ ମୁଁ ଭୁଲିଯାଉଛି। ଆଉ ଏହାର ମୂଲ୍ୟ ସତର ଡଲାର ଥିଲା, ଏବଂ ଆପଣ ଆରମ୍ଭରେ ତିନି ଡଲାର ଦେଇ ପୁଣି ସପ୍ତାହରେ ଏକ ଏକ ଡଲାର ଦେଇପାରନ୍ତି। ଏବଂ ଆମେ ଗୋଟିଏ ଆଣିଲୁ। ଏବଂ, ଓଃ, ଯେତେବେଳେ ମୁଁ ଭିତରକୁ ଆସେ...ମୁଁ ଦିନସାରା କାମ କରିଥାଏ, ଓ ରାସ୍ତାରେ ଚାରିଆଡ଼େ ପୁଣି ଯେଉଁଆଡ଼େ ବି ମୁଁ ପାରେ ମଧ୍ୟରାତ୍ରି ପର୍ଯ୍ୟନ୍ତ ପ୍ରଚାର କରିଥାଏ।

284 ଏବଂ—ଏବଂ ମୁଁ ଦିନେ ମୁଁ ମୋର ଦେୟଗୁଡ଼ିକ ଦେବାରେ ପଛୁଆ ପଡ଼ିଗଲି। ଆମେ ଏହାକୁ ଦେଇପାରିଲୁ ନାହିଁ, ଏବଂ ଏହା ଦିନକୁ ଦିନ ବଢି ଚାଲିଲା, ଏବଂ ଶେଷରେ ଦିନେ ସେମାନେ ଆସିଲେ ଓ ମୋର ଚୌକୀକୁ ନେଇ ଚାଲିଗଲେ। ସେଦିନ ରାତ୍ରି, ମୁଁ କେବେବି ଭୁଲିବି ନାହିଁ, ସେ ମୋ ପାଇଁ ଏକ ଚେରି ପିଠା ରାନ୍ଧିଥିଲେ। ବେଚାରା ଛୋଟ ପୁରୁଣା ପ୍ରାଣ, ସେ—ସେ—ସେ ଜାଣିଥିଲେ ଯେ ମୁଁ ନିରାଶ ହେବାକୁ ଯାଉଅଛି। ଏବଂ ରାତ୍ରୀ ଭୋଜନ ପରେ ମୁଁ କହିଲି, "ପ୍ରିୟେ, ଆଜି ରାତି ତୁମ ଦୃଷ୍ଟିରେ କଅଣ ଏତେ ଭଲ ଅଟେ?"

285 ଆଉ ସେ କହିଲେ, "ଧରି ନିଅ, ମୁଁ ପଡୋଶରେ ଥିବା ବାଳକମାନଙ୍କୁ ତୁମ ପାଇଁ କିଛି ମାଛଧରା ପୋକଗୁଡ଼ିକୁ ଖୋଳି ଧରି ଆଣିବା ପାଇଁ କହିଥିଲି। କଅଣ ତୁମେ ଭାବୁ ନାହଁ ଯେ ଆମେ ତଳେ ନଦୀକୁ ଯାଇ ଅଳ୍ପ ସମୟ ପାଇଁ ମାଛ ଧରିବା ଉଚିତ୍?"

ଏବଂ ମୁଁ କହିଲି, "ହଁ, ମାତ୍ର..."

286 ଆଉ ସେ କାନ୍ଦିବାକୁ ଲାଗିଲେ। ମୁଁ ଜାଣିଥିଲି ଯେ କିଛି ଗୋଟାଏ ଠିକ୍ ନ ଥିଲା। ମୋର ମନରେ ଏକ ଧାରଣା ଥିଲା କାରଣ ସେମାନେ ମୋତେ ପୂର୍ବରୁ ଏକ ବିଜ୍ଞପ୍ତି ପଠାଇଥିଲେ ଯେ ସେମାନେ ତାହା ନେବାକୁ ଆସୁଛନ୍ତି। ଏବଂ ଆମେ ସେହି ସପ୍ତାହକୁ ଏକ ଡଲାର ଦେୟକୁ କରିପାରି ନ ଥିଲୁ। ଆମେ କରିପାରି ନ ଥିଲୁ, ନାହିଁ...ଏହା ଦେବା ପାଇଁ ସକ୍ଷମ ହୋଇପାରି ନ ଥିଲୁ। ସେ ତାହାର ବାହୁକୁ ମୋର ଚାରିପାଖରେ ଦେଲେ, ଏବଂ ମୁଁ କବାଟ ପାଖକୁ ଗଲି ଆଉ ମୋ ଚୌକୀ ନ ଥିଲା।

ସେ ସେଠାରେ ମୋତେ କହିଲେ, ସେ କହିଲେ, "ତୁମର ସେହି ଚୌକୀ ମନେ ଅଛି, ବିଲ୍?"

ଆଉ ମୁଁ କହିଲି, "ହଁ, ପ୍ରିୟେ, ମୋର ମନେ ଅଛି।"

କହିଲେ, "ତାହାହିଁ ଅଟେ ଯାହା ବିଷୟରେ ତୁମେ ଚିନ୍ତା କରୁଥିଲ, କଅଣ ତାହା ନୁହେଁ କି?"

"ହଁ।"

287 କହିଲେ, "ତେବେ, ସେମାନେ ଏହାକୁ ନେବେ ନାହିଁ, ଏହାର ମୂଲ୍ୟ ଦିଆଯାଇ ସାରିଛି।" ସେ କହିଲେ, "କେବଳ ଗୋଟିଏ ମିନିଟ୍ ବସ, ମୁଁ ତୁମ ସହିତ କଥା ହେବାକୁ ଚାହେଁ।"

ଏବଂ ମୁଁ କହିଲି, "ପ୍ରିୟେ, ମୁଁ ଏହା ବୁଝିପାରୁ ନାହିଁ।"

288 ଏବଂ ସେ କହିଲେ, "ମୋତେ ପ୍ରତିଶୃତି ଦିଅ, ବିଲି, ମୋତେ ପ୍ରତିଶୃତି ଦିଅ ଯେ ତୁମେ ଆଉ ଚିନ୍ତା କରିବ ନାହିଁ। ବର୍ତ୍ତମାନ ତୁମେ ଫେରିଯିବାକୁ ଯାଉଅଛ।" ଏବଂ କହିଲେ, "ମୋତେ ପ୍ରତିଶୃତି ଦିଅ ଯେ ତୁମେ ଚିନ୍ତା କରିବ ନାହିଁ।"

ଆଉ ମୁଁ କହିଲି, "ମୁଁ ତାହା କରିପାରିବି ନାହିଁ, ହୋପ୍।"

289 ଏବଂ ଠିକ୍ ସେତିକିବେଳେ ମୁଁ ଆସିଲି, ଏହା କୋଠରୀରେ ଅନ୍ଧକାର ଥିଲା। ମୁଁ ଚାରିପାଖକୁ ଅନାଇଲି, ଏବଂ ମୁଁ ତାଙ୍କ ବାହୁକୁ ମୋ ଚାରିପାଖରେ ଅନୁଭବ କଲି। ମୁଁ କହିଲି, "ହୋପ୍, କଅଣ ତୁମେ ଏଠାରେ କୋଠରୀରେ ଅଛ କି?"

290 ସେ ମୋତେ ଥପ୍ ଥପେଇବାକୁ ଲାଗିଲେ। ସେ କହିଲେ, "ତୁମେ ମୋତେ ସେହି ପ୍ରତିଜ୍ଞା କରିବାକୁ ଯାଉଅଛ, ବିଲ୍? ମୋତେ ପ୍ରତିଜ୍ଞା କର ଯେ ତୁମେ ବିବାହ କରିବା ନାହିଁ...ଆଉ ଅଧିକ ଚିନ୍ତା କରିବ ନାହିଁ।"

ମୁଁ କହିଲି, "ମୁଁ ପ୍ରତିଜ୍ଞା କରୁଅଛି।"

291 ଏବଂ ତେବେ ଯେତେବେଳେ ସେ ମୋତେ ଦୁଇ ବା ତିନିଥର ଥପ୍ ଥପେଇ ସାରିଲେ, ଆଉ ସେ ଚାଲିଗଲେ। ମୁଁ ଡେଇଁ ପଡ଼ିଲି ଏବଂ ଆଲୋକ ବତୀକୁ ଜଳାଇଲି, ସବୁଆଡେ ଅନାଇଲି, ସେ ଚାଲି ଯାଇଥିଲେ। ମାତ୍ର ସେ ଠିକ୍ ବର୍ତ୍ତମାନ ହିଁ କୋଠରୀରୁ ବାହାରି ଯାଇଥିଲେ। ସେ ଯାଇ ନାହାଁନ୍ତି, ସେ ଏବେ ମଧ୍ୟ ଜୀବିତ ଅଛନ୍ତି। ସେ ଜଣେ ଖ୍ରୀଷ୍ଟିଆନ ଥିଲେ।

292 ବିଲି ଏବଂ ମୁଁ କିଛି ସମୟ ପୂର୍ବେ ଏଠାରେ କବରକୁ ଯାଇଥିଲୁ, ଆଉ ତାହାର ମାଆ ଓ ଭଉଣୀ ପାଇଁ ଫୁଲ୍ ନେଇଥିଲୁ, ଠିକ୍ ଏକ ଇଷ୍ଟର ସକାଳରେ, ଏବଂ ଆମେ ଅଟକି ଥିଲୁ। ସାନ ପିଲାଟି କାନ୍ଦିବାକୁ ଲାଗିଲା, ସେ କହିଲା, "ବାପା, ମୋ ମାଆ ସେଠାରେ ଅଛନ୍ତି।"

293 ମୁଁ କହିଲି, "ନା, ପ୍ରିୟ। ନା, ସେ ସେଠାରେ ତଳେ ନାହାଁନ୍ତି। ଭଉଣୀ ସେଠାରେ ନାହିଁ। ଆମର ଏଠାରେ ଏକ ଆଚ୍ଛାଦିତ କବର ରହିଛି, ମାତ୍ର ସୁଦୂର ସମୁଦ୍ର ପାରିରେ ଏକ ଉନ୍ମୁକ୍ତ

କବର ଅଛି ଯେଉଁଠାରେ ଯୀଶୁ ଉଠିଥିଲେ । ଏବଂ କୌଣସି ଦିନେ ସେ ଆସିବେ, ସେ ଭଉଣୀ ଏବଂ ମାଆଙ୍କୁ ତାଙ୍କ ସହିତରେ ଆଣିବେ ।"

294 ବନ୍ଧୁଗଣ, ମୁଁ ଆଜି ଯୁଦ୍ଧକ୍ଷେତ୍ରରେ ଅଛି । ମୁଁ—ମୁଁ ଆଉ କିଛି କହିପାରିବି ନାହିଁ । ମୁଁ... [ଭାଇ ବ୍ରାନହାମ୍ କାନ୍ଦନ୍ତି—ଅନୁ ।] ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ଆସନ୍ତୁ ଗୋଟିଏ ମିନିଟ ପାଇଁ ମୁଣ୍ଡ ନୁଆଁଇବା ।

295 ହେ ପ୍ରଭୁ! ଅନେକ ଥର, ପ୍ରଭୁ, ମୁଁ ସୁନିଶ୍ଚିତ ଯେ ଲୋକମାନେ ବୁଝନ୍ତି ନାହିଁ, ଯେତେବେଳେ ସେମାନେ ଭାବନ୍ତି ଯେ ଏହି ବିଷୟଗୁଡ଼ିକ ସହଜରେ ଆସିଥାଏ । ମାତ୍ର ଏକ ମହାନ ଦିନ ଆସୁଅଛି ଯେତେବେଳେ ଯୀଶୁ ଆସିବେ ଏବଂ ଏହି ସମସ୍ତ ଦୁଃଖ ଦୂର ହୋଇଯିବ । ମୁଁ ପ୍ରାର୍ଥନା କରୁଛି, ହେ ସ୍ୱର୍ଗୀୟ ପିତା, ତୁମେ ଆମମାନଙ୍କୁ ପ୍ରସ୍ତୁତ ହେବା ପାଇଁ ସାହାଯ୍ୟ କରିବ ।

296 ଏବଂ ସେହି ଶେଷ ପ୍ରତିଜ୍ଞା, ଯେତେବେଳେ ମୁଁ ତାଙ୍କୁ ସକାଳେ ଗାଲରେ ଚୁମ୍ବନ ଦେଲି, ଯେ ମୁଁ ସେଦିନ ସେଠାରେ ତାଙ୍କୁ ଭେଟିବି । ମୁଁ ବିଶ୍ୱାସ କରେ ସେ ଖୁଣ୍ଟ ପାଖରେ ଛିଡ଼ା ହୋଇ, ମୋ ନାମକୁ ଉଚ୍ଚ ପାଟିରେ ଚିତ୍କାର କରୁଥିବେ । ପ୍ରଭୁ, ସେହି ଦିନଠାରୁ ମୁଁ ସେହି ପ୍ରତିଶ୍ରୁତି ପ୍ରତି ସଚ୍ଚୋଟ ଭାବେ ରହିଆସିଛି, ସମଗ୍ର ବିଶ୍ୱରେ, ସମସ୍ତ ପ୍ରକାର ସ୍ଥାନରେ, ସୁସମାଚାର ଆଣିବାକୁ ଚେଷ୍ଟା କରିଛି । ବର୍ତ୍ତମାନ ବୟସପ୍ରାପ୍ତ ହୋଇ, କ୍ଳାନ୍ତ ହୋଇ ଯାଉଅଛି, ମୁଁ ଥକି ଗଲିଣି । ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ ମୁଁ ଶେଷ ଥର ପାଇଁ ଏହି ବାଇବଲ ବନ୍ଦ କରିବାକୁ ଯାଉଅଛି । ଏବଂ, ହେ ପରମେଶ୍ୱର, ମୋତେ ସେହି ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ରଖ । ହେ ପ୍ରଭୁ, ତୁମ୍ଭର ଅନୁଗ୍ରହକୁ ମୋହର ଚତୁର୍ଦ୍ଦିଗରେ ରଖ । ମୋତେ ଏହି ଜୀବନର ବିଷୟଗୁଡ଼ିକ ପ୍ରତି ଦୃଷ୍ଟିପାତ କରିବାକୁ ଦିଅ ନାହିଁ, ମାତ୍ର ସେହି ବିଷୟଗୁଡ଼ିକ ପ୍ରତି ବଞ୍ଚିବାକୁ ଦିଅ ଯାହାକି ଆର ପାରିର ଅଟେ । ମୋତେ ସଚ୍ଚୋଟ ହେବା ପାଇଁ ସାହାଯ୍ୟ କର । ମୁଁ ସହଜ ଜୀବନର ଏକ ଫୁଲ ଶଯ୍ୟା ମାଗୁ ନାହିଁ, ନା, ପ୍ରଭୁ, ଯେତେବେଳେକି ମୋହର ଖ୍ରୀଷ୍ଟ ସେଠାରେ ଦୁଃଖଭୋଗରେ ମୃତ୍ୟୁବରଣ କରିଥିଲେ । ଏବଂ ଅବଶିଷ୍ଟ ସେମାନେ ସମସ୍ତେ ସେହିପରି ମରିଥିଲେ । ମୁଁ କୌଣସି ସହଜ ବିଷୟ ମାଗୁ ନାହିଁ । ପ୍ରଭୁ, ମୋତେ କେବଳ ସଚ୍ଚୋଟ, ସତ୍ୟବାଦୀ ହେବାକୁ ଦିଅ । ହେବାକୁ ଦିଅ ଯେ ଲୋକମାନେ ମୋତେ ଭଲ ପାଆନ୍ତୁ ଯେପରିକି ମୁଁ ସେମାନଙ୍କୁ ତୁମ ପାଖକୁ କଢାଇ ନେଇପାରେ । ଆଉ କୌଣସି ଦିନେ ଯେତେବେଳେ ଏହାସବୁ ସମାପ୍ତ ହୋଇଯାଏ ଏବଂ ଆମେ ଚିର ସବୁଜ ଗଛ ତଳେ ଏକତ୍ରିତ ହେଉ, ମୁଁ ତାଙ୍କୁ ହାତରେ ଧରି ଓ ତାଙ୍କୁ ଚଲାଇ, ଆଞ୍ଜେଲସ୍ ମନ୍ଦିରର ଲୋକମାନଙ୍କୁ ଏବଂ ଅନ୍ୟ ସମସ୍ତଙ୍କୁ ଦେଖାଇବାକୁ ଚାହେଁ । ଏହା ସେତେବେଳେ ଏକ ମହାନ ସମୟ ହେବ ।

297 ମୁଁ ପ୍ରାର୍ଥନା କରେ ଯେ ତୁମର ଦୟା ଏଠାରେ ଆମ ପ୍ରତ୍ୟେକ ଜଣଙ୍କ ଉପରେ ରହିଥାଉ । ଏବଂ ସେମାନେ ଯେଉଁମାନେକି ଏଠାରେ ଅଛନ୍ତି, ପ୍ରଭୁ, ହୋଇପାରେ ଯେ ସେମାନେ ତୁମକୁ ଜାଣି ସୁଦ୍ଧା ନ ଥିବେ । ଏବଂ ହୋଇପାରେ ଯେ ସେମାନଙ୍କର ସମୁଦ୍ର ଆରପାରିରେ କୌଣସି

ପ୍ରିୟଜନ ରହିଥିବେ । ଯଦି ସେମାନେ କେବେ ସେମାନଙ୍କର ପ୍ରତିଜ୍ଞାକୁ ପୂରଣ କରିନାହାଁନ୍ତି, ପ୍ରଭୁ, ହେବାକୁ ଦିଅ ଯେ ସେମାନେ ବର୍ତ୍ତମାନ ହିଁ ତାହା କରନ୍ତୁ ।

298 ଯେତେବେଳେ ଆମେ ଆମର ମୁଣ୍ଡ ନୁଆଁଇଅଛୁ, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆଜି ଅପରାହ୍ନରେ ଏହି ବିଶାଳ ପ୍ରେକ୍ଷାଳୟରେ, ଆପଣମାନଙ୍କ ମଧ୍ୟରୁ କେତେ ଜଣ ଏହା କହିବେ "ଭାଇ ବ୍ରାନହାମ୍, ମୁଁ ମଧ୍ୟ, ମୋର ପ୍ରିୟଜନ ଲୋକମାନଙ୍କୁ ଭେଟିବାକୁ ଚାହେଁ । ମୋର—ମୋର—ମୋର ନଦୀ ଆରପାରିରେ ଠିକ୍ କିଛି ପ୍ରିୟ ଲୋକମାନେ ଅଛନ୍ତି"? ବୋଧହୁଏ ଆପଣ ଏକ ପ୍ରତିଜ୍ଞା କରିଥିବେ ଯେ ଆପଣ ସେମାନଙ୍କୁ ଭେଟିବେ, ବୋଧହୁଏ ଯେତେବେଳେ ଆପଣ ସେଦିନ ସେଠାରେ କବରରେ ମାଆଙ୍କୁ "ବିଦାୟ" କହିଥିବେ, ବୋଧହୁଏ ଯେତେବେଳେ ଆପଣ କବରରେ ସାନ ଭଉଣୀକୁ କହିଥିବେ "ବିଦାୟ," କିମ୍ବା ବାପାଙ୍କୁ, ଅବା ସେମାନଙ୍କ ମଧ୍ୟରୁ କାହାରିକୁ, ପ୍ରତିଜ୍ଞା କରିଥିବେ ଯେ ଆପଣ ସେମାନଙ୍କୁ ଭେଟ କରିବେ, ଏବଂ—ଏବଂ ଆପଣ ଏପର୍ଯ୍ୟନ୍ତ ସେହି ପ୍ରସ୍ତୁତି କରିନାହାଁନ୍ତି । କଅଣ ଆପଣ ଏହା ଭାବୁନାହାନ୍ତି କି ଯେ ଏହା କରିବା ପାଇଁ ବର୍ତ୍ତମାନ ଏକ ଭଲ ସମୟ ଅଟେ?

299 ମୋର ଭାଙ୍ଗି ପଡ଼ିବା ବିଷୟ ପାଇଁ ମୋତେ କ୍ଷମା କରିବେ । ମାତ୍ର, ଓଃ, ମୋହର ପ୍ରଭୁ, ବନ୍ଧୁ, ଆପଣ ଅନୁଭବ କରୁନାହାଁନ୍ତି । ଆପଣ ଜାଣି ନାହାଁନ୍ତି ଯେ କି—କି ବଳିଦାନ! ତାହା ଜୀବନ କାହାଣୀର, ଏକ ମୁହୂର୍ତ୍ତ, ସୁଦ୍ଧା ନୁହେଁ ।

300 ଆପଣମାନଙ୍କ ମଧ୍ୟରୁ କେତେଜଣ ବର୍ତ୍ତମାନ ଉଠି ଏଠାରେ ପ୍ରାର୍ଥନା କରିବା ପାଇଁ ଆସିବାକୁ ଚାହିଁବେ, କହିବେ, "ମୁଁ ମୋର ପ୍ରିୟ ଲୋକଙ୍କୁ ଭେଟିବାକୁ ଚାହେଁ"? ଶ୍ରୋତାବର୍ଗଙ୍କ ମଧ୍ୟରୁ ଉଠନ୍ତୁ ଏବଂ ଏଠାକୁ ଆସିଯାଆନ୍ତୁ । କଅଣ ଆପଣ ଏହା କରିବେ କି? ଯଦି କେହି ଏପର୍ଯ୍ୟନ୍ତ ସେହି ପ୍ରସ୍ତୁତି କରିନାହାଁନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ମୁଁ ଜଣେ ଅଶ୍ୱେତ ବୃଦ୍ଧ ବ୍ୟକ୍ତିଙ୍କୁ ଆସୁଥିବାର ଦେଖୁଛି, ଅନ୍ୟମାନଙ୍କୁ ଆସୁଥିବାର ଦେଖୁଛି । ନିଜକୁ ଘୁଞ୍ଚାନ୍ତୁ, ଆପଣ ସେଠାରେ ଉପରେ ବାଲକୋନିରେ ବସିଥିବା ଲୋକମାନେ, ଠିକ୍ ଗଳିପଥକୁ ଆସି ଯାଆନ୍ତୁ । କିମ୍ବା ଛିଡ଼ା ହୋଇଯାଆନ୍ତୁ, ଆପଣ ଯେଉଁମାନେକି ବର୍ତ୍ତମାନ ପ୍ରାର୍ଥନାର ଏକ ଶବ୍ଦରେ ସ୍ମରଣ କରାଯିବାକୁ ଚାହୁଁଛନ୍ତି । ଏହାହିଁ ଅଟେ । ଠିକ୍ ନିଜ ଗୋଡ଼ରେ ଛିଡ଼ା ହୋଇଯାଆନ୍ତୁ । ତାହା ଉତ୍ତମ ଅଟେ । ଛିଡ଼ା ହୁଅନ୍ତୁ, ସବୁଆଡେ, ଆପଣ ଯେଉଁମାନେକି କହିବେ, "ମୋର ସେଠାରେ ଏକ ପିତା ଅଛନ୍ତି, ମୋର ସେଠାରେ ଏକ ମାଆ କିମ୍ବା ଜଣେ ପ୍ରିୟଜନ ଅଛନ୍ତି । ମୁଁ ସେମାନଙ୍କୁ ଦେଖିବା ପାଇଁ ଯିବାକୁ ଚାହେଁ । ମୁଁ ସେମାନଙ୍କୁ ଶାନ୍ତିରେ ସାକ୍ଷାତ କରିବାକୁ ଚାହେଁ ।" କଅଣ ଆପଣ ଉଠିବେ କି, ଦର୍ଶକବୃନ୍ଦଙ୍କ ମଧ୍ୟରେ ଯେକୌଣସିଠାରେ ବି ଥାଆନ୍ତୁ, ନିଜ ଗୋଡ଼ରେ କେବଳ ଆପଣ ଛିଡ଼ା ହେବେ କି । ନିଜ ଗୋଡ଼ରେ ଛିଡ଼ା ହୁଅନ୍ତୁ, କୁହନ୍ତୁ, "ମୁଁ ଗ୍ରହଣ କରିବାକୁ ଚାହେଁ ।"

301 ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ ଆଶୀର୍ବାଦ କରନ୍ତୁ । ଏବଂ ସେଠାରେ ଉପରେ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ମହାଶୟ, ପ୍ରଭୁ ଆପଣଙ୍କୁ ଏଠାରେ ଆଶୀର୍ବାଦ କରନ୍ତୁ। ତାହା ଠିକ୍ ଅଟେ। ଉପରେ ବାଲକୋନୀରେ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଚତୁର୍ଦ୍ଦିଗରେ, ସର୍ବତ୍ର, ବର୍ତ୍ତମାନ ପ୍ରାର୍ଥନାର ଏକ ଶବ୍ଦ ପାଇଁ ନିଜ ଗୋଡ଼ରେ ଛିଡ଼ା ହୋଇଯାଆନ୍ତୁ, ଯେତେବେଳେକି ପବିତ୍ରଆତ୍ମା ଏଠାରେ ଅଛନ୍ତି ଏବଂ ଆମକୁ—କୁ—କୁ ଭାଙ୍ଗିବା ପାଇଁ, ଆମ ହୃଦୟ ଉପରେ ବିଚରଣ କରୁଛନ୍ତି,

302 ଆପଣ ଜାଣନ୍ତି, ଆଜି ମଣ୍ଡଳୀର ଯାହା ଆବଶ୍ୟକତା ଅଛି ତାହା ହେଲା ଏକ ଭଙ୍ଗା ଯିବା ବିଷୟ। ଆମକୁ କୁମ୍ଭାର ଘରକୁ ଯିବାର ପ୍ରୟୋଜନ ଅଛି। ଆମର ଟାଣୁଆ ଗୃହନିର୍ମିତ ଶାସ୍ତ୍ରଜ୍ଞାନ ବେଳେ ବେଳେ ଏତେ ଭଲ କାମ କରେ ନାହିଁ। ଆମକୁ ଯାହା ପ୍ରୟୋଜନ ଅଟେ ତାହା ହେଉଛି ଏକ ପୁରୁଣା-କାଳିଆ ଭଙ୍ଗା ଯିବା ବିଷୟ, ଆମ ହୃଦୟଗୁଡ଼ିକରେ ଅନୁତାପ, ପରମେଶ୍ୱରଙ୍କ ପ୍ରତି ନମ୍ର ହେବା ବିଷୟ। କଅଣ ତାହାହିଁ ବର୍ତ୍ତମାନ ସମସ୍ତେ ଅଟନ୍ତି ଯେଉଁମାନେକି ଛିଡ଼ା ହେବାକୁ ପ୍ରସ୍ତୁତ?

ଆସନ୍ତୁ ତେବେ ପ୍ରାର୍ଥନା କରିବା ପାଇଁ ନିଜର ମସ୍ତକଗୁଡ଼ିକୁ ନୁଆଁଇବା।

303 ହେ ପ୍ରଭୁ, ଯିଏ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ...ପୁନର୍ଜୀବିତ କରିଥିଲେ, ଯେପରିକି ବିଶ୍ୱାସ ଦ୍ୱାରା, ପ୍ରତୀତି କରିବା ହେତୁ ଆମ ସମସ୍ତଙ୍କୁ ଧାର୍ମିକ ଗଣନା କରିବେ। ମୁଁ ପ୍ରାର୍ଥନା କରୁଛି, ପ୍ରଭୁ, ଯେ ଏମାନେ ଯେଉଁମାନେକି ବର୍ତ୍ତମାନ ତୁମକୁ ଗ୍ରହଣ କରିବା ପାଇଁ ନିଜ ଗୋଡ଼ରେ ଛିଡ଼ା ହୋଇଛନ୍ତି, ମୁଁ ପ୍ରାର୍ଥନା କରୁଛି ଯେ ସେମାନଙ୍କୁ କ୍ଷମାଯାଚନା ପ୍ରଦାନ କରାଯିବ। ଏବଂ, ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ସେମାନେ ତୁମକୁ ସେମାନଙ୍କର ତ୍ରାଣକର୍ତ୍ତା ଏବଂ ରାଜା ଓ ପ୍ରେମୀ ଭାବରେ ଗ୍ରହଣ କରିବେ, ଏବଂ ବୋଧହୁଏ ସେମାନଙ୍କର ଜଣେ ମାଆ କିମ୍ବା ଜଣେ ବାପା କିଅବା କେହି ଜଣେ ସମୁଦ୍ରର ସେପାରିରେ ରହିଥିବେ। ଗୋଟିଏ କଥା ନିଶ୍ଚିତ, ସେମାନଙ୍କର ଜଣେ ତ୍ରାଣକର୍ତ୍ତା ଅଛି। ସେମାନଙ୍କର ପାପ କ୍ଷମା କରାଯାଉ ଏବଂ ସେମାନଙ୍କର ସମସ୍ତ ଅଧର୍ମ ମାର୍ଜନା କରାଯାଉ, ଯେପରିକି ସେମାନଙ୍କର ପ୍ରାଣଗୁଡ଼ିକ ମେଷଶାବକଙ୍କ ରକ୍ତରେ ଧୌତ ହୋଇଯିବ, ଏବଂ ସେମାନେ ତାହା ପରଠାରୁ ଶାନ୍ତିରେ ରହିବେ।

304 ଏବଂ କୌଣସି ଗୌରବମୟ ଦିନ ଯେତେବେଳେ ଏହାସବୁ ଶେଷ ହୋଇଯିବ, ଏହା ହେଉ ଯେ ଆମେ ତୁମର ଗୃହରେ ଏକତ୍ର ହେଉ, ଏବଂ ସେଠାରେ ଅବିଭକ୍ତ ପରିବାର ଭାବରେ ରହୁ, ଏବଂ ଅନ୍ୟ ପାର୍ଶ୍ୱରେ ଅପେକ୍ଷା କରୁଥିବା ଆମର ପ୍ରିୟଜନମାନଙ୍କୁ ସାକ୍ଷାତ କରୁ। ଏହାକୁ, ଆମେ ସେମାନଙ୍କୁ ତୁମ ନିକଟରେ ସମର୍ପଣ କରୁଅଛୁ, ଯେପରିକି "ତୁମେ ତାହାଙ୍କୁ ସମ୍ପୂର୍ଣ୍ଣ ଶାନ୍ତିରେ ରଖିବ ଯାହାର ହୃଦୟ ତୁମ ଉପରେ ଲାଗି ରହିଥାଏ।" ହେ ପ୍ରଭୁ, ଯେତେବେଳେ ଆମ୍ଭେ ସେମାନଙ୍କୁ ତୁମ୍ଭ ନିକଟରେ ସମର୍ପଣ କରୁଥାଉ, ଏହାକୁ ପ୍ରଦାନ କର। ତୁମ୍ଭ ପୁତ୍ର, ପ୍ରଭୁ ଯୀଶୁଙ୍କ ନାମରେ। ଆମେନ୍।

305 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ନିଶ୍ଚିତ ଯେ କର୍ମକର୍ତ୍ତାମାନେ ତାହା ଦେଖୁଛନ୍ତି ଯେଉଁଠାରେ ଆପଣ ଛିଡ଼ା ହୋଇଛନ୍ତି, ଏବଂ ସେମାନେ କିଛି ମିନିଟ୍ ମଧ୍ୟରେ ଆପଣମାନଙ୍କ ସହିତରେ ରହିବେ ।

306 ଏବଂ ବର୍ତ୍ତମାନ ସେମାନଙ୍କୁ ଯେଉଁମାନେକି ପ୍ରାର୍ଥନା କାର୍ଡ ପାଇବାକୁ ଯାଉଛନ୍ତି । ବିଲି, ଜିନ୍ ଏବଂ ଲିଓ କେଉଁଠାରେ ଅଛନ୍ତି, ସେମାନେ ପଛରେ ଅଛନ୍ତି କି? ସେମାନେ ଠିକ୍ କିଛି ମିନିଟ୍ ମଧ୍ୟରେ ପ୍ରାର୍ଥନା କାର୍ଡ ଦେବା ପାଇଁ ଏଠାରେ ଅଛନ୍ତି । ଭାଇ ପ୍ରାର୍ଥନାରେ ଦର୍ଶକବୃନ୍ଦଙ୍କୁ ବରଖାସ୍ତ କରିବେ, ଏବଂ ପ୍ରାର୍ଥନା କାର୍ଡ ଦିଆଯିବ । ଆମେମାନେ ଅଳ୍ପ କେତେକ ମିନିଟରେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଏଠାକୁ ଫେରିବା । ଠିକ୍ ଅଛି, ଭାଇ ।

***ମୋ ଜୀବନ କାହାଣୀ*** ORI59-0419A

(My Life Story)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଏପ୍ରିଲ 19, 1959, ରବିବାର ଅପରାହ୍ନରେ, ଯୁକ୍ତରାଷ୍ଟ୍ର ଆମେରିକାର, କାଲିଫର୍ଣ୍ଣିଆ ପ୍ରଦେଶର, ଲସ୍ ଆଞ୍ଜେଲିସ୍ ସହରରେ ଆଞ୍ଜେଲୁସ୍ ଟେମ୍ପଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org